

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୧ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 APRIL 2024
Vol.No. 35 ■ No.98 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୁପ୍ରିମକୋର୍ଟରେ କେଜ୍ରିୱାଲ ନିରାଶ: ଜେଲ୍‌ରେ ରହିବେ

ନୂଆଦିଲ୍ଲୀ, ୧୦/୪ : ପୁଣି ନିରାଶ ହେଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ଦିଲ୍ଲୀ ମଦ ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଫସି ରହିଥିବା ଅରବିନ୍ଦ କେଜ୍ରିୱାଲ ଗତ ୨୪ ଘଣ୍ଟା ମଧ୍ୟରେ ତିନୋଟି ବଡ଼ ଝଟ୍‌କା ଲାଗିଛି। ମଙ୍ଗଳବାର ଦିନ ନିଜର ଗିରଫଦାରୀକୁ ବିରୋଧ କରି ଓ ନ୍ୟାୟିକ ହେପାଜତକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନରୁ ଦିଲ୍ଲୀ ହାଇକୋର୍ଟ ଓ ବୁଧବାର ଦିନ ଓକିଲଙ୍କୁ ଭେଟିବା ଦାବିରେ ରାଉସ୍ ଆଭେନ୍ୟୁ କୋର୍ଟରୁ ସେ ନିରାଶ ହୋଇଥିଲେ। ଏବେ ସୁପ୍ରିମକୋର୍ଟରୁ ମଧ ତାଙ୍କୁ ନିରାଶ ହେବାକୁ ପଡିଛି। ଫଳରେ ସେ ଜେଲ୍‌ରୁ ବାହାରିବା ମୁସକିଲ ହୋଇପଡିଛି। ଗତକାଲି କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ କେଜ୍ରିୱାଲଙ୍କ ଏହି ଆବେଦନର ତୁରନ୍ତ ଶୁଣାଣି ସୁପ୍ରିମକୋର୍ଟରେ ହୋଇପାରିବ ନାହିଁ। ଏବେ କେଜ୍ରିୱାଲଙ୍କୁ ଶୁଣାଣି ପାଇଁ ଏକ ସପ୍ତାହେ ଅପେକ୍ଷା କରିବାକୁ ପଡିବ। ପ୍ରକୃତରେ, ଗୁରୁବାର ଦିନ ଇଦ୍, ଶୁକ୍ରବାର ଦିନ ସ୍ଥାନୀୟ ଛୁଟି ଏବଂ ତା'ପରେ ଶନିବାର-ରବିବାର ଛୁଟି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ସୁପ୍ରିମକୋର୍ଟରେ କୌଣସି ସ୍ୱତନ୍ତ୍ର ବେଞ୍ଚ ଗଠନ ହେବ ନାହିଁ କିମ୍ବା ସୋମବାର ପୂର୍ବରୁ ଶୁଣାଣି ହେବାର କୌଣସି ସମ୍ଭାବନା ନାହିଁ। ବର୍ତ୍ତମାନ ସୋମବାର ଦିନ ଶୁଣାଣି ହେବ ବୋଲି ଆଶା କରାଯାଉଛି। ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କ ଗିରଫଦାରୀକୁ ଓ ନ୍ୟାୟିକ ହେପାଜତକୁ ବୈଧ ବୋଲି ରୁଲିଂ ଦେଇଥିଲେ। ଏଥିସହ ତାଙ୍କ ଦଲିଲଗୁଡିକୁ ପ୍ରତ୍ୟାଖ୍ୟାନ କରି ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହା ପରେ ବୁଧବାର ସକାଳେ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ମଧ କେଜ୍ରିୱାଲଙ୍କ ଓକିଲଙ୍କ ସମ୍ବନ୍ଧୀୟ ଦ୍ୱିତୀୟ ଆବେଦନକୁ ଖାରଜ କରିଛନ୍ତି। ଏହି ଆବେଦନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ସପ୍ତାହରେ ୫ଥର ନିଜ ଓକିଲଙ୍କୁ ଭେଟିବାକୁ ଦାବି କରିଥିଲେ। ଏହା ଖାରଜ ହେବା ପରେ ବର୍ତ୍ତମାନ କେଜ୍ରିୱାଲ ସପ୍ତାହରେ ଦୁଇଥର ତାଙ୍କ ଓକିଲଙ୍କୁ ଭେଟି ପାରିବେ।



## ଆପ୍‌ରେ କମ୍ପନ: ଇସ୍ତଫା ଦେଲେ ମନ୍ତ୍ରୀ ରାଜକୁମାର ଆନନ୍ଦ

ନୂଆଦିଲ୍ଲୀ, ୧୦/୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଜେଲ୍ ଯିବା ପରେ ଆମ୍ ଆଦମୀ ପାର୍ଟିରେ ସବୁ କିଛି ଠିକ୍ ନାହିଁ। ଦିଲ୍ଲୀ ସରକାରର ମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତା ରାଜ କୁମାର ଆନନ୍ଦ ମନ୍ତ୍ରୀ ପଦ ଛାଡିଛନ୍ତି। କେବଳ ସେତିକି ନୁହେଁ ସେ ଦଳର ସଦସ୍ୟତାରୁ ମଧ ଇସ୍ତଫା ଦେଇଛନ୍ତି। ରାଜକୁମାର ଆନନ୍ଦ ଅରବିନ୍ଦ କେଜ୍ରିୱାଲ ସରକାରରେ ସାମାଜିକ କଲ୍ୟାଣ ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଉଥିଲେ। ଦଳରୁ ଇସ୍ତଫା ଦେବା ପରେ ରାଜକୁମାର ଆନନ୍ଦ ଆମ୍ ଆଦମୀ ପାର୍ଟିରେ ଉପରେ ପ୍ରଶ୍ନ ଉଠାଇଛନ୍ତି। ଦଳିରେ ବିଧାୟକ କିମ୍ବା କାଉନସିଲରଙ୍କୁ ସମ୍ମାନ ଦିଆଯାଏ ନାହିଁ। ଦଳିତଙ୍କୁ ପ୍ରମୁଖ ପଦ

## ପ୍ରଚାର ପାଇଁ ଓଡ଼ିଶା ଆସିବେ ସୋନିଆ ଓ ରାହୁଲ ଗାନ୍ଧି



ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଓଡ଼ିଶାରେ ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସର ଦୁଇ ହେଭିଓ୍ୱେଟ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧି ଆସିବେ। ବିଶେଷ କରି କୋରାପୁଟ ଲୋକସଭା ନିର୍ବାଚନ ପାଇଁ ଉଭୟ ଆସିବେ। ଏନେଇ ଆଜି କୋରାପୁଟର କଂଗ୍ରେସ ସାଂସଦ ସପ୍ତଗିରି ଉଲାକା ସୂଚନା ଦେଇଛନ୍ତି। ଆଜି କୋରାପୁଟ ଜିଲ୍ଲା ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ସାଂସଦ ସପ୍ତଗିରି ଉଲାକା ଗଣମାଧ୍ୟମକୁ ଷ୍ଟାର ପ୍ରଚାରକଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମେ ପ୍ରଥମ ସପ୍ତାହରେ ସୋନିଆ, ରାହୁଲଙ୍କ ସହ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓଡ଼ିଶା ଗସ୍ତ କରିବେ। ମେ ୧୩ରେ ଓଡ଼ିଶାରେ ୪ ଲୋକସଭା ଓ ୨୮ ବିଧାନସଭା ଆସନ ପାଇଁ ଭୋଟ ପଡ଼ିବ।

## କଂଗ୍ରେସର ୫୯ଜଣିଆ ପ୍ରଚାର କମିଟିରେ ଶ୍ରୀକାନ୍ତ ଓ ଗିରିଧର: ବିଜୟ ପଟ୍ଟନାୟକଙ୍କୁ ପୁଣି ଦୂରେଇଲେ

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ଦ୍ୱାରା ଆଜି ପ୍ରକାଶିତ ପ୍ରେସ୍ ରିଲିଜ୍ ଅନୁସାରେ, ପ୍ରଦେଶ କଂଗ୍ରେସର ଓଡ଼ିଶା ପାଇଁ ପ୍ରଚାର କମିଟିର ଅଧକ୍ଷ ଭାବେ ଭକ୍ତ ଦାସ, ଉପାଧକ୍ଷ-ନବଜ୍ୟୋତି ପଟ୍ଟନାୟକ ଓ ଆବାହକ ଭାବେ ସୁଧାଂଶୁ ଶେଖର ଦେଓଙ୍କୁ ନିଯୁକ୍ତି ମିଳିଛି । କମିଟିର ଅନ୍ୟ ସଦସ୍ୟ ଭାବେ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, କାହ୍ନୁଚରଣ ଲେଙ୍କା, କେପି ସିଂହଦେଓ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ,



▶▶ପୃଷ୍ଠା ୭

## ବିଜେଡିର ୩୮ ଜଣିଆ ଇସ୍ତାହାର କମିଟିରେ ଶ୍ରୀମୟୀ, ୩ ପ୍ରବାସୀ ଓଡ଼ିଆ ସାମିଲ

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଆସନ୍ତା ବିଧାନସଭା ଓ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ଆଜି ତା'ର ଇସ୍ତାହାର କମିଟି ଗଠନ କରିଛି। ଦଳ କ୍ରମାଗତ ୬ଷ୍ଠ ଥର ବିଜୟୀ ହେଲେ, କ'ଣ ସବୁ କରିବ ଓ ଭୋଟରଙ୍କୁ କେମିତି ଆକୃଷ୍ଟ କରାଯାଇ ପାରିବ, ତା'ର ଗୋଟିଏ ପ୍ରତିଶ୍ରୁତି ପତ୍ର ଏହି କମିଟି ପ୍ରସ୍ତୁତ କରିବ। ଭୁବନେଶ୍ୱରରୁ ସାଂସଦ ପ୍ରାର୍ଥୀ ହେବାକୁ ଆଶା କରି ନିରାଶ ହୋଇଥିବା ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ଇସ୍ତହାର କମିଟିରେ ରଖାଯାଇଛି। ସାଂସଦ ଟିକେଟ ନ ମିଳିବା ପରେ ଶ୍ରୀମୟୀ ଏକ ପ୍ରକାରର 'ନିଖୋଜ' ହୋଇ ଯାଇଛନ୍ତି। ଏପରି ସ୍ଥିତିରେ ତାଙ୍କୁ କିଛି ମାତ୍ରାରେ ସନ୍ତୁଷ୍ଟ



▶▶ପୃଷ୍ଠା ୭

## ଓଆରଏଚଡିସି ଦୁର୍ନୀତି ମାମଲା: ମୋକିମଙ୍କୁ ଲାଗିଲା ହାଇକୋର୍ଟ ଝଟ୍‌କା

ଭୁବନେଶ୍ୱର, ୧୦/୦୪ (ନି.ପ୍ର): ଓଆରଏଚଡିସି ଦୁର୍ନୀତି ମାମଲାରେ ମହମ୍ମଦ ମୋକିମଙ୍କୁ ଲାଗିଲା ହାଇକୋର୍ଟଙ୍କ ଝଟ୍‌କା । ଦୁର୍ନୀତି ମାମଲାରେ ମୋକିମଙ୍କୁ ୩ ବର୍ଷ ଦଣ୍ଡାଦେଶ ଶୁଣାଇଥିଲେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ। ଏହି ମାମଲାରେ ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ତାଙ୍କ ଆବେଦନକୁ ଖାରଜ କରି ନିମ୍ନ ଅଦାଲତଙ୍କ ରାୟକୁ କାଏମ୍ ରଖିଛନ୍ତି ହାଇକୋର୍ଟ । ମୋକିମ୍‌ଙ୍କ ସହିତ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାର, କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଂଜନ ମହାନ୍ତି ଓ ମେଟ୍ରୋ ବିଲଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ମଧ ୩ ବର୍ଷ ଜେଲ୍ ଲେଖାଏଁ ଦଣ୍ଡାଦେଶ ଶୁଣାଇଥିଲେ କୋର୍ଟ। ସେମାନଙ୍କୁ ଜେଲ୍ ଦଣ୍ଡ ସହ ସମସ୍ତଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ଲଗାଇଥିଲେ କୋର୍ଟ। ଜରିମାନା ଅନାଦେୟ ହେଲେ ସେମାନେ ଅଧିକ ୬ ମାସ ଜେଲ୍‌ରେ ରହିବେ ବୋଲି କୋର୍ଟ



▶▶ପୃଷ୍ଠା ୭

## ଭବ୍ୟ ସ୍ୱାଗତ ଦେଖି ଭାବବିହ୍ୱଳ ହେଲେ, ମୁଁ ବିଜେପିରେ ଅଛି କହିଲେ ଦିଲୀପ ରାୟ



ରାଉରକେଲା, ୧୦/୦୪ (ନି.ପ୍ର): ଦିଲ୍ଲୀରୁ ଫେରିବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟର ବରିଷ୍ଠ ରାଜନେତା ଦିଲୀପ ରାୟଙ୍କୁ ରାଉରକେଲାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମିଳିଛି। ସାଧାରଣ ଲୋକ ଓ ବିଜେପି କର୍ମୀମାନେ ତାଙ୍କୁ ବାଣ ଫୁଟାଇ ସ୍ୱାଗତ କରିଛି। ଦିଲୀପ ରାଏଙ୍କ ସହିତ ବିଜେପିର ସୁନ୍ଦରଗଡ଼ ସଂସାଦ ପ୍ରାର୍ଥୀ ଜୁଏଲ୍ ଓରାମ ମଧ ରହିଥିଲେ। ଦିଲୀପ ବିଜେପି ଟିକେଟରେ ରାଉରକେଲାରୁ ଲଢ଼ିବେ ବୋଲି ପୂର୍ବରୁ ଜୁଏଲ କହି ସାରିଥିଲେ। କିନ୍ତୁ ଆଜି ଦିଲୀପ ରାୟ ବଡ଼ ବୟାନ ଦେଇଛନ୍ତି। ତାଙ୍କ ପ୍ରତି ଥିବା ସମର୍ଥନକୁ ଦେଖି ସେ ଭାବବିହ୍ୱଳ ହୋଇପଡ଼ିଛନ୍ତି।

▶▶ପୃଷ୍ଠା ୭


DADLS - 107





ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ରଘୁବର ଦାସ)

OIPR : 15001/13/0001/2425


## ବଟି ନ ଦେବାରୁ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗୁଳିମାଡ଼

ଆଠଗଡ଼ , ୧୦/୪ (ନି.ପ୍ର): ଦାଦା ବଟିକୁ କେନ୍ଦ୍ର କରି ଫୁଟିଛି ଗୁଳି। ବଟି ନ ଦେବାରୁ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗୁଳିମାଡ଼। ରାସ୍ତା କଡ଼ରେ ମାଟି ପକାଉଥିବା ବେଳେ ଟ୍ରାକ୍ଟର ଡ୍ରାଇଭରଙ୍କୁ କିଛି ଯୁବକ ବଟି ମାଗି ଥିଲେ। ସେ ବଟି ନଦେବାରୁ ସେମାନଙ୍କ ମଧ୍ୟରୁ ଜଣେ ଗୁଳି ମାଡ଼ କରିଥିଲେ। ଆଠଗଡ଼ ଥାନା ଅନ୍ତର୍ଗତ ମହିଧରପୁର ଗାଁରେ ଏପରି ଘଟଣା ଘଟିଛି। ଅଭିଯୁକ୍ତ ଓ ପୀଡ଼ିତ ମହିଧରପୁର ଗାଁର। ଆଜି ଅପରାହ୍ନ ୫ଟାରେ ମହିଧରପୁର ଗାଁର ବିଶ୍ୱଜିତ ପଲେଇ ଟ୍ରାକ୍ଟର ନେଇ ଯାଉଥିଲେ। ସେ ରାସ୍ତା କଡ଼ରେ ଏହାକୁ ରଖିବା ସହ ସେଠାରେ ମାଟି ପକାଉଥିଲେ। ଏତିକି ବେଳେ ସେହି ଗାଁର ଦିଲୁ ପଲେଇଙ୍କ ସମେତ ୩ରୁ ୪ ଜଣ ଯୁବକ ତାଙ୍କ ପାଖରେ ପହଞ୍ଚିଥିଲେ। ସେମାନେ ବଟି ଦେବାକୁ କହିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ଯୁବକମାନେ

▶▶ପୃଷ୍ଠା ୭

## ଗ୍ରହଣ ହେଲାନି ରାମଦେବଙ୍କ କ୍ଷମା: ସୁପ୍ରିମକୋର୍ଟ କହିଲେ- ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହ



ନୂଆଦିଲ୍ଲୀ, ୧୦/୪ : ବିଭ୍ରାନ୍ତିକର ବିଜ୍ଞାପନ ମାମଲାରେ ବାବା ରାମଦେବ ଓ ପତଞ୍ଜଳିର ମ୍ୟାନେଜିଂ ଡାଇରେକ୍ଟର ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଆଜି ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିବା ବେଳେ ଏହା ପୂର୍ବରୁ କୋର୍ଟଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ସାରିଛନ୍ତି

▶▶ପୃଷ୍ଠା ୭

## ବାରଣାସୀରୁ ଲଢ଼ିବେ କିନ୍ନର ମହାମଣ୍ଡଳେଶ୍ୱର ହିମାଙ୍ଗି: ଦେବେ ମୋଦିଙ୍କୁ ଟକ୍କର

ନୂଆଦିଲ୍ଲୀ, ୧୦/୪ : ନିର୍ବାଚନ ପାଖେଇ ଆସୁଥିବା ବେଳେ ବଢ଼ିବାରେ ଲାଗିଛି ରାଜନୈତିକ ହଲଚଲ । ଚଳିତ ନିର୍ବାଚନର ଶେଷ ପର୍ଯ୍ୟାୟରେ ବାରଣାସୀ ପାଇଁ ମତଦାନ ହେବ । କିନ୍ତୁ ଏବେଠୁ ସେଠାରେ ରାଜନୈତିକ ହଲଚଲ ଦେଖାଗଲାଣି। କାରଣ ଏହି ଆସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ କଡା ଟକ୍କର ଦେବାକୁ ମଇଦାନକୁ ଓହ୍ଲାଇଛନ୍ତି ଜଣେ କିନ୍ନର। ଏହି କିନ୍ନରଜଣକ ମହାମଣ୍ଡଳେଶ୍ୱର ହିମାଙ୍ଗି ସଖୀ ବୋଲି ଜଣାଯାଇଛି। ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ତାଙ୍କୁ ବାରଣାସୀ ପାଇଁ ପ୍ରାର୍ଥୀ କରାଯାଇଛି। ଗତ ୨୭ ତାରିଖରେ ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଉତ୍ତରପ୍ରଦେଶର ୨୦ ଲୋକସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଥିରେ ବାରଣାସୀ ପାଇଁ ମହାମଣ୍ଡଳେଶ୍ୱର ହିମାଙ୍ଗି ସଖୀଙ୍କ ନାମ ଘୋଷଣା କରାଯାଇଛି। ହିମାଙ୍ଗି ସଖୀ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି, ସେ ପ୍ରଥମ ଥର ପାଇଁ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ଲୋକସଭା ଓ ବିଧାନସଭାରେ କିନ୍ନରଙ୍କ ପାଇଁ ସିଟ୍ ସଂରକ୍ଷଣ ନିମନ୍ତେ ସେ ଦାବି କରି ଆସୁଛନ୍ତି। ଏବେ ବି କିନ୍ନର ସମାନ ସଦସ୍ୟ ଭିକ୍ଷା ବୃତ୍ତି



▶▶ପୃଷ୍ଠା ୭

# ଶିଳ୍ପ ଆଳରେ ଐତିହ୍ୟସ୍ଥଳ ଅସୁରକ୍ଷିତ: ଇଡ୍କୋ ଶୁଣୁନି; ଚିଠି ଲେଖିଲା ଏଏସ୍ଆଇ



କଟକ, ୧୦/୪ (ନି.ପ୍ର): ଚୌଦ୍ୱାରରେ ଐତିହାସିକ ସ୍ଥଳ, ଭାରତୀୟ ପ୍ରନ୍ତତ୍ତ୍ୱ ବିଭାଗ(ଏଏସ୍ଆଇ)ର ସଂରକ୍ଷିତ ଅଞ୍ଚଳ ନଷ୍ଟ କରୁଛନ୍ତି ରାଜ୍ୟ ସରକାର ଓ ଇଡ୍କୋ। ବାରମ୍ବାର ଚିଠି ଦିଆଯିବା ସତ୍ତ୍ୱେ ଶୁଣୁ ନାହାନ୍ତି। ପୂର୍ବରୁ ମୁଖ୍ୟଶାସନ ସଚିବ ତଥା ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି ଇଡ୍କୋ ଏହି ନିର୍ମାଣ କାର୍ଯ୍ୟକୁ ବନ୍ଦ କରୁନାହିଁ। ଫଳରେ ଇଡ୍କୋ ପକ୍ଷରୁ ଚାଲିଥିବା କାମ ବନ୍ଦ କରିବା ପାଇଁ ଏଏସ୍ଆଇ ପକ୍ଷରୁ ସୁପରିଟେଣ୍ଡିଙ୍ଗ ଆର୍କିଓଲୋଜିଷ୍ଟ ଡକ୍ଟର ଡି.ବି. ଗଡନାୟକ କଟକ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଏଏସ୍ଆଇ ଦ୍ୱାରା ଚିହ୍ନଟ ହୋଇଥିବା ଐତିହ୍ୟସ୍ଥଳୀ ତଥା ବିରାଟ ଗାଦି ଅଞ୍ଚଳରେ ଶିଳ୍ପ ପାଇଁ ବଡ ବଡ ମେସିନ୍ ଲଗାଇ ପାଚେରୀ ଓ ରାସ୍ତା କାମ ଇଡ୍କୋ କରୁଥିବା ବେଳେ ଏହାଦ୍ୱାରା ବହୁ ପ୍ରାଚୀନ ଗଙ୍ଗବଂଶର ଐତିହ୍ୟ ଓ କୀର୍ତ୍ତିରାଜି ଅସୁରକ୍ଷିତ ହୋଇପଡିଛି। ଶିଳ୍ପ ପାଇଁ ହେଉଥିବା ନିର୍ମାଣ କାର୍ଯ୍ୟ ବେଳେ ଏସବୁ ସ୍ଥାନକୁ ବାଦ୍ ଦେବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ତାହାକୁ ପାଳନ କରାଯାଉ ନଥିବା ଚିଠିରେ ଦର୍ଶାଯାଇଛି। ଚୌଦ୍ୱାରରେ ଶିଳ୍ପ ପାଇଁ ରାଜ୍ୟ ସରକାର ଓଟିଏମ୍ ଜମିରେ ୱେଲ୍ସ୍ପନ୍‌କୁ ପାଖାପାଖି ୫୦୦ ଏକର ଜମି ଦେଇଛନ୍ତି। ସେହି ଜମିରେ ୩ ହଜାର ୫୦ କୋଟି ଟଙ୍କାର ପୁଞ୍ଜି ନିବେଶ କରିବ ୱେଲସ୍ପନ୍। ରାଜ୍ୟର ପ୍ରଥମ ଶିଳ୍ପନଗରୀ ଚୌଦ୍ୱାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୟନଶିଳ୍ପ କମ୍ପାନି ୱେଲସ୍ପନର ଟେକ୍ସଟାଇଲ କମ୍ପ୍ଲେକ୍ସ ପାଇଁ ଗତ ଫେବ୍ରୁଆରି ୧୭ରେ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପରେ ୩ ହଜାର କୋଟିରୁ ଅଧିକ ଟଙ୍କା ପୁଞ୍ଜିନିବେଶ କରାଯିବା ସହ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ଇଡ୍କୋ ପାଚେରୀ ଓ ରାସ୍ତା କାମ କରୁଛି। ତଥ୍ୟ ଅନୁଯାୟୀ ବିରୂପା ନଦୀ ମୁହାଣରେ ରହିଛି ଚୌଦ୍ୱାର ଦୁର୍ଗ। ପଞ୍ଚକଟକ ଦୁର୍ଗମଧ୍ୟରୁ ଏହା ଅନ୍ୟତମ। ଏହି ଦୁର୍ଗ ଚୋଡ ଗଙ୍ଗଦେବଙ୍କ ସମୟରେ ନିର୍ମାଣ ହୋଇଥିବା ଓ ଗଙ୍ଗବଂଶର ଇତିହାସ କହୁଛି। ଏହା ଓଡିଶାର ପୁରାତନ ରାଜଧାନୀ। ଚୌଦ୍ୱାରରେ ଅନେକ ମନ୍ଦିର ରହିଛି। ଯାହା ବର୍ତ୍ତମାନ ଭଗ୍ନ ଅବସ୍ଥାର ରହିଛି। ଯାହାକି ଆଗ୍ରାହାଟ, ଯାଜଭୈରବ, ମୁଣ୍ଡମାଳ, ଛତିଶା, ବନ୍ଦାଳ, ଗୋବିନ୍ଦଜୀଉପାଟଣା, କପାଳେଶ୍ୱର ଓ କେଦାରେଶ୍ୱରର ଚାରିପାଖରେ ରହିଛି। ମଧ୍ୟଯୁଗୀୟ ଶିବ ମନ୍ଦିର କେଦାରେଶ୍ୱର ଏହି ଦୁର୍ଗରେ ଅବସ୍ଥିତ। ୨୦୦୪/୨୦୦୫ରେ ହୋଇଥିବା ସର୍ଭେରେ ୧୯୩୭ ମସିହାରୁ ଚୌଦ୍ୱାରର ୧୪୫୦ ଏକର ଜମିକୁ ସଂରକ୍ଷିତ କରାଯିବା ସହ ଏହି ସଂରକ୍ଷିତ ଅଞ୍ଚଳ ମଧ୍ୟରେ କୌଣସି କାର୍ଯ୍ୟ କରିବା ଉପରେ ରୋକ ଲଗାଇଛି ଏଏସ୍ଆଇ। କିନ୍ତୁ ଏହା ମଧ୍ୟରେ ଏଏସ୍ଆଇ ୩ଥର ଚିଠି ଦେବା ସତ୍ତ୍ୱେ ଇଡ୍କୋ ବଡ ବଡ ମେସିନ୍ ଲଗାଇ ପାଚେରୀ ଓ ରାସ୍ତା ନିର୍ମାଣ କରୁଛନ୍ତି। ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ଯୋଗୁଁ ଏସବୁ ଐତିହ୍ୟ ତଥା ସଂରକ୍ଷିତ ସ୍ଥାନ କ୍ଷତିଗ୍ରସ୍ତ ହେଉଛି। ତୁରନ୍ତ କାମ ବନ୍ଦ କରିବାକୁ (ଏଏସ୍ଆଇ)ପ୍ରନ୍ତତ୍ତ୍ୱ ବିଭାଗ ପକ୍ଷରୁ କଟକ ଜିଲ୍ଲାପାଳଙ୍କୁ ଲେଖିବା ପରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଅନ୍ୟପଟେ ଏତେ ସ୍ଥାନ ଖନନ କରି ଏଏସଆଇ କଣ କରିବ ବୋଲି ଇଡ୍କୋ ପକ୍ଷରୁ ପ୍ରଶ୍ନ କରାଯାଉଛି। ଇଡ୍କୋ ପକ୍ଷରୁ ୧୦ କିଲୋମିଟର ସ୍ଥାନରେ ପାଚେରୀ ବୁଲାଯିବ। କିନ୍ତୁ ବର୍ତ୍ତମାନ ସୁଦ୍ଧା ୪/୫ କିଲୋମିଟର ପାଚେରୀ ଘେରା ଯାଇଛି।

# ପିସିସି ଦ୍ୱାରା କୋରାପୁଟ ଜିଲ୍ଲା କଂଗ୍ରେସ କମିଟି କର୍ମକର୍ତ୍ତା ଓ ବ୍ଲକ ସଭାପତିଙ୍କ ନାମ ଘୋଷଣା

ଜୟପୁର, ୧୦/୪ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା କୋରାପୁଟ ଜିଲ୍ଲା ପାଇଁ ନୂତନ ଭାବେ ଜିଲ୍ଲା କଂଗ୍ରେସ କମିଟି ର କର୍ମକର୍ତା ଓ ବ୍ଲକ ସଭାପିତିଙ୍କ ନାମ ଘୋଷଣା କରାଯାଇଛି । ଉକ୍ତ କମିଟିରେ ଉପସଭାପତି ଭାବେ ଦେବେନ୍ଦ୍ର ବାହିନୀପତି, ଜିତେନ୍ଦ୍ର ନାଥ ମହାପାତ୍ର, ପି.ରମେଶ ପାତ୍ର, କାନ୍ତ ପାଢ଼ୀ, ଅଜିତ୍ ସାନ୍ତା, ତ୍ରିନାଥ ତ୍ରିପାଠୀ, ସୁକ୍ର ଖରା, ସାମ୍ବା ପାଙ୍ଗୀ, ବ୍ରଜ କୁମାର ବେନିଆ, ପବିତ୍ର ସାଉନ୍ତା, ମଣି ପଟ୍ଟନାୟକଙ୍କୁ ରଖାଯାଇଥିବା ବେଳେ ସାଧାରଣ ସଂପାଦକ ତାରିଣୀ ପାଣିଗ୍ରାହୀ, ନୃସିଂହ ନାଥ ଶତପଥି, ସୁକାନ୍ତ ପଟ୍ଟନାୟକ, ଅର୍ଜୁନ ବାଙ୍କା, କାମେଶ କାମୁଡ଼ି, ସୋମନାଥ ମୁଦୁଲି, ସତ୍ୟ ନାରାୟଣ ମହାନ୍ତି, ପି.ପ୍ରସାଦ, ଗୋପାଳ ମାଟାମ୍, କାର୍ତୀକ ମହାନନ୍ଦିଆ, ମୋହନ ପାତ୍ର ହିଆଲ୍, ମନୋଜ ହିଆଲ୍, ରାମନାଥ ବିଶୋୟୀ, ନରସିଂହ ପ୍ରସାଦ ବ୍ରହ୍ମା, ଅଶୋକ କନ୍ଦପାନ, ବସନ୍ତ ତ୍ରିପାଠୀ, ରମେଶ ଖରା, ଅଶୋକ ପଣ୍ଡା, ଭରତ ରାଜୁ, କାମେଶ ରାନ୍ତୁଲୁ, ପ୍ରମୋଦ ନାଗଙ୍କୁ ରଖାଯାଇଥିବା ଜଣାଯାଇଛି । ଜିଲ୍ଲା କଂଗ୍ରେସର ସଂପାଦକ ଭାବେ କେ.ସୁଧାକର, ମୋହନ ଗୌଡ଼, ସାଧୁ ଚରଣ ଦାସ ଚୌଧୁରୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଭାସ୍କର ପଟ୍ଟନାୟକ, ସେକ୍ ଦାଉଦ୍, ଧନପତି ଶିଶା, ସିମାଂଚଳ ନାୟକ, ସୁବାଷ ପାଙ୍ଗୀ, ସୋମନାଥ ବାଟମ୍, ରାମଦାଶ ଖିଲ, ଜଗତ୍ରୀ ଖିନଗୁଡ଼ି, ସାଧୁ ବାଙ୍କା, କମୁଲୁ ଧଡ଼କା, ସାନ ବାଙ୍କା, ପ୍ରଶାନ୍ତ କର, ଦିଲ୍ଲୀପ ଖୋସଲା, ଲାଂଟାଗଡ଼ ଜାପାନ, ବିଜୟ ଖୋସଲା, ଜି.ବିଜୟ କୁମାର ରାଓ, ମିଲି ଗୁରୁ ଖରା, ଜଗନ୍ନାଥ ବିଶୋୟୀ, ନାଗେଶ ରାଓ ନିମଲାପୁରି, ଆଶାଲତା ଖରା, ବନମାଳି ବାଘ, ସୁନମା କନ୍ଦପାନ, ରାଧାକୃଷ୍ଣ ପାଡ଼ିକା, ଲକ୍ଷ୍ମଣ ବିଶୋୟୀ, ସତିଶ କୁମାର ପାଡିକା, ସୁବାଷ ସେବତୀ, ଶକ୍ତିଧର ନାୟର, ସତ୍ୟ ପାଣିଗ୍ରାହୀ, ସୁରେନ୍ଦ୍ର ପରଜା, ଅମିର ମାଛ, ରାମଚନ୍ଦ୍ର ପାଙ୍ଗୀ, ନିନିଗୁରୁ ଖରାଙ୍କୁ ରଖାଯାଇଥିବା ବେଳେ କାର୍ଯ୍ୟକାରିଣୀ ସଭ୍ୟ ସୁବାଷ ପଣ୍ଡା, ଗିରିଷ ପାଣିଗ୍ରାହୀ, ରିଲି ସିଶା, ଅବକାଶ ପାଣିଗ୍ରାହୀଙ୍କୁ ନିଆଯାଇଛି । ସେହିଭଳି ଡିସିସିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରୂପେ କେ. କ୍ରିଷ୍ଣ ପ୍ରସାଦ ଦୋରା, ଦୁର୍ଗା ଶର୍ମା, ହରି ମଲ୍ଲିକ, ମଦନ ନାୟକ, କୃଷ୍ଣ ନେପାକ, ସିମା ମହାନ୍ତି, ଗୁପ୍ତ ମହାନ୍ତିଙ୍କ ସହ ସମସ୍ତ ଜିଲ୍ଲା ସେଲ୍ ଅଧକ୍ଷ, ସମସ୍ତ ବ୍ଲକ ସଭାପତି, ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି, ମହିଳା କଂଗ୍ରେସ ସଭାପତି, ସେବା ଦଳ, ଛାତ୍ର କଂଗ୍ରେସ ସଭାପତି ନିଆଯାଇଛି । ଜିଲ୍ଲା କଂଗ୍ରେସ କମିଟି ସହ ଉକ୍ତ ପତ୍ରରେ କେତେକ ବ୍ଲକ ସଭାପତିଙ୍କ ନାମ ଘୋଷଣା ରହିଛି। ଏଥିରେ କୋଟପାଡ ବ୍ଲକ ପାଇଁ ସଭାପତି ଭାବେ ମନୋହର ବିଶୋୟୀ, କୁନ୍ଦୁରା ପାଇଁ ଗୋକୁଳ ପଟ୍ଟନାୟକ, ନନ୍ଦପୁର ବ୍ଲକ ପାଇଁ ଦେବେନ୍ଦ୍ର ଖେମୁଣ୍ଡୁ ଏବଂ ପଟ୍ଟାଙ୍ଗୀ ବ୍ଲକ ସଭାପତି ରୂପେ ଗୁପ୍ତ ଶଙ୍କର ପଟ୍ଟନାୟକ ନାମ ରହିଥିବା ବେଳେ ସୁନାବେଡ଼ା ନଗର ସଭାପତି ରୂପେ ଦେବେନ୍ କୁଲଦୀପଙ୍କ ନାମକୁ ଘୋଷଣା କରାଯାଇଥିବା ଜଣାଯାଇଛି ।ଏନେଇ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ନୂତନ କମିଟିକୁ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ସ୍ୱୀକୃତି ପ୍ରଦାନ କରିଥିବା ବିଷୟ କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ପାତ୍ରଙ୍କୁ ଅବଗତ କରାଇଛନ୍ତି । ଉକ୍ତ କମିଟିରେ ୧୧ ଜଣ ଉପ ସଭାପତି, ୨୧ ଜଣ ସାଧାରଣ ସମ୍ପାଦକ, ୩୬ ଜଣ ସମ୍ପାଦକ, ୪ ଜଣ କାଯ୍ୟକାରିଣିସଭ୍ୟ, ଡିସିସିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରହିଛନ୍ତି ।

# ସଙ୍କଟରେ ଇବ୍‌ନଦୀର ଅସ୍ତିତ୍ୱ: ପାଣି ଶୋଷୁଛି ଛତିଶଗଡ଼, ବାଲି ବୋହୁଛନ୍ତି ମାଫିଆ

ସୁନ୍ଦରଗଡ଼, ୧୦/୪ (ନି.ପ୍ର): ସୁନ୍ଦରଗଡ଼ର ଜୀବନରେଖା ଇବ୍‌ନଦୀର ଅସ୍ତିତ୍ୱ ଏବେ ସଂକଟରେ। ପଡ଼ୋଶୀ ଛତିଶଗଡ଼ ଉପରମୁଣ୍ଡରୁ ପାଣି ଶୋଷି ନେଉଥିବାବେଳେ ନଦୀର ବିଶାଳ ଶଯ୍ୟାରୁ ଶହଶହ ଟ୍ରକ୍ ବାଲି ଉଠାଇ ନେଉଛନ୍ତି ସୁନ୍ଦରଗଡ଼ ଅଞ୍ଚଳର ମାଫିଆ। ଫଳରେ, ନଦୀର ସ୍ଥିତି ଓ ଗତିକୁ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟିହୋଇଛି। ଛତିଶଗଡ଼ର କୁନ୍‌କୁରିରୁ ବାହାରିଥିବା ଇବ୍‌ନଦୀ ସୁନ୍ଦରଗଡ଼ ଦେଇ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ନିକଟରେ ମହାନଦୀ (ହୀରାକୁଦ ଜଳଭଣ୍ଡାର)ରେ ମିଶିଛି। ସୁନ୍ଦରଗଡ଼ର ଉପରମୁଣ୍ଡ ତେଲିଯୋରଠାରୁ ଶେଷ ମୁଣ୍ଡ ଭଷ୍ମା ଯାଏଁ ୭୦ କିଲୋମିଟର ଲମ୍ବା ଏହି ନଦୀ ସୁନ୍ଦରଗଡ଼ ସହରର ପାନୀୟ ଜଳ ଯୋଗାଣର ମୁଖ୍ୟ ଉତ୍ସ। ଏହାଛଡ଼ା ଜିଲ୍ଲାର ବାଲିଶଙ୍କରା, ସବ୍‌ଡେଗା, ସୁନ୍ଦରଗଡ଼, ଟାଙ୍ଗରପାଲି ଓ ଲେଫ୍ରିପଡ଼ା ବ୍ଲକ୍ ଅଞ୍ଚଳରେ ଚାଷବାସ ପାଇଁ ମଧ୍ୟ ଲୋକେ ଏହି ନଦୀ ଉପରେ ନିର୍ଭରଶୀଳ। କିନ୍ତୁ ୧୭ ବର୍ଷ ହେଲା ପଡ଼ୋଶୀ ଛତିଶଗଡ଼ ନଦୀ ଉପରେ ଏକଚାଟିଆ ଅଧିକାର ଦେଖାଇ ଗୋଟିଏ ପରେ ଗୋଟିଏ ବନ୍ଧ ବାନ୍ଧି ପାଣିକୁ ଅଟକାଇ ଦେବାପରେ ସୁନ୍ଦରଗଡ଼ ଅଞ୍ଚଳରେ ଇବ୍‌ର ଧାର ଶୁଖିଲା ପଡ଼ିଛି। ୨୦୦୭ମସିହାରେ ଛତିଶଗଡ଼ ଜଳସମ୍ପଦ ବିଭାଗ କୁନକୁରିଠାରୁ ୩୦ କିଲୋମିଟର ଦୂର ଗୁଲ୍ଲୁ ଗାଁ ପାଖ ଦୁର୍ଗମ ପାହାଡ଼ି ଅଞ୍ଚଳରେ ଗୁଲ୍ଲୁ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ଶେଷ କରିବାପରେ ବେନେଠାରେ ଜଳସେଚନ ପ୍ରକଳ୍ପ ଓ ଓଡ଼ିଶା ସୀମାରୁ ୨୦ କିଲୋମିଟର ଦୂର ସମଡମାଠାରେ ଏକ ଆନିକଟ ନିର୍ମାଣ କରିଛି। ଛତିଶଗଡ଼ରେ ଇବ୍ ପାଣିରୁ ବିଦ୍ୟୁତ ଉତ୍ପାଦନ ଓ ଜଳସେଚନ ଚାଲିଥିବାବେଳେ ତଳ ମୁଣ୍ଡ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ଦେଖାଦେଇଛି ଜଳ ସଂକଟ। ପୂର୍ବରୁ ଅଣମୌସୁମୀ ଋତୁରେ ହୀରାକୁଦ ଜଳଭଣ୍ଡାର ପାଇଁ ଇବ୍ ପାଣି ଏକ ପ୍ରମୁଖ ଉତ୍ସ ଥିଲା। କିନ୍ତୁ ଏବେ ତାହା ବନ୍ଦ ହୋଇଯିବାରୁ ହୀରାକୁଦ ଜଳସେଚିତ ଅଞ୍ଚଳରେ ମଧ୍ୟ ତାର ସିଧା ପ୍ରଭାବ ପଡ଼ିଛି। ଅନ୍ୟପଟେ ନଦୀର ଶୁଖିଲା ଶଯ୍ୟା ଉପରେ ବାଲି ମାଫିଆଙ୍କ ଲୋଲୁପ ନଜର ପଡ଼ିଛି। ଲିଜ୍‌ଧାରୀଙ୍କ ବ୍ୟତୀତ ମାଫିଆ ୧୨ଟି ବାଲିଘାଟରୁ ଦୈନିକ ୨ ଶହରୁ ଅଧିକ



ହାଇୱାରେ ଚୋରାରେ ବାଲି ଉଠାଇ ଜିଲ୍ଲା ବାହାରକୁ ଚାଲାଣ କରୁଛନ୍ତି। ନଦୀର ଉପରମୁଣ୍ଡ ବାଲିଶଙ୍କରା ନିକଟ ଘୋଘରର ୨ଟି ଘାଟ, ଗଇଲୋ, ଜାଏସର, ଡାଇଜମହୁଲ, ଭୋଜପୁର, ଚିତାଭଙ୍ଗା, ଦରବାର ଘାଟ, ଜପଙ୍ଗା, ଭଷ୍ମା, ବିଲେଇଗଡ଼, ମଙ୍ଗସପୁର ଘାଟରୁ ବେଧଡ଼କ ବାଲି ଉଠାଇ ନିଆଯାଉଛି। ନଦୀକୁ ଖିନଭିନ୍ କରି ବର୍ଷକୁ ପ୍ରାୟ ଶହେ କୋଟିର ବାଲି ଉଠାଯାଉଥିବା ଅଭିଯୋଗ ରହିଛି। ସବୁଠୁ ବଡ଼କଥା ହେଲା, ବାଲି ଉଠାଣ ଓ ପରିବହନରେ ଜେସିବି, ପୋକଲିନ ଓ ଟ୍ରକ୍ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ରହିଛି। କିନ୍ତୁ ଲିଜ୍‌ଧାରୀ ଓ ମାଫିଆ ଖୋଲାଖୋଲି ଏହାକୁ ବ୍ୟବହାର କରି ବାଲି ଚାଲାଣ କରୁଛନ୍ତି। ହେଲେ ଧରପଗଡ଼ ଶୂନ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨୦୨୩ ମେ ୨୨ ତାରିଖରେ ମହାନଦୀ ଜଳ ବିବାଦର ସ୍ଥିତି ଅନୁଧ୍ୟାନ କରିବାକୁ ଝାରସୁଗୁଡ଼ା ଆସିଥିବା ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍ ମେ ୨୨ ତାରିଖରେ ସୁନ୍ଦରଗଡ଼ ଆସି ନଦୀ ପରିଦର୍ଶନ କରିଥିଲେ। ଉପରମୁଣ୍ଡରେ ଛତିଶଗଡ଼ର ଏକାଧିକ ବନ୍ଧ ଯୋଗୁ ତଳମୁଣ୍ଡ ସୁନ୍ଦରଗଡ଼ରେ ଶୁଖିଲା ପଡ଼ିଥିବା ଇବନଦୀକୁ ଦେଖିଥିଲେ। ଟିମ୍ ୩୦ ମିନିଟ୍ ଧରି ଇବ୍‌ନଦୀର ସ୍ଥିତି ନିରୀକ୍ଷଣ କରିଥିଲେ। ଏହାପରେ ଅଧିକାରୀମାନଙ୍କ ସହ ଆଲୋଚନା କରି ଇବ୍‌ନଦୀରେ ବନ୍ଧର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ନଦୀକୁ ଛତିଶଗଡ଼ କବ୍‌ଜା କରିବାର ୧୭ ବର୍ଷ ପରେ ୨୦୨୨ ଜାନୁଆରିରେ କୋପସିଂହା ଓ କୁଡାବଗା ଠାରେ ୪୯୩ କୋଟିର ବନ୍ଧ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। କିନ୍ତୁ ୨ ବର୍ଷ ବିତିଯିବା ପରେ ବି ଠିକାସଂସ୍ଥା ବନ୍ଧ ନିର୍ମାଣ ପ୍ରସ୍ତୁତି ଶେଷ କରିପାରିନି।

# ଅଧାପନ୍ତରିଆ ଭାବେ ପଡ଼ିଛି ପାର୍କ: ତେଜୁଛି ଅସନ୍ତୋଷ

ଚମ୍ପୁଆ, ୧୦/୪ (ନି.ପ୍ର): ଛଅ ମାସ ହେବ ଅଧାପନ୍ତରିଆ ହୋଇ ପଡ଼ି ରହିଛି ପାର୍କ କାମ। କାମକୁ ଅଧାରେ ଛାଡ଼ି ଠିକାଦାର ଛୁ ମାରିଥିବା ବେଳେ ଏହାକୁ ନେଇ ଅସନ୍ତୋଷ ପୁଞ୍ଜିଭୂତ ହେଉଛି। ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଳା ଗ୍ରାମରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୨୯ ଲକ୍ଷ ଟଙ୍କା ଅଟକଳରେ ଗ୍ରାମର ଗ୍ରାମବାସୀଙ୍କ ଅବସର ବିନୋଦନ ପାଇଁ ଏହି ପାର୍କ କାମ ଗତ ୧୦ ମାସ ତଳୁ ଆରମ୍ଭ କରାଯାଇଥିଲା। ତେବେ ମାତ୍ର ପାଚେରୀ ନିର୍ମାଣ ଓ ପାର୍କ ଭିତରେ ଫେବର ବ୍ଲକ କାମ କରାଯାଇ କାମକୁ ଅଧାପନ୍ତରିଆ ଭାବେ ପକାଇ ରଖାଯାଇଥିବା ଦେଖିବାକୁ ମିଳିଛି। ପାର୍କ ମଝିରେ ଏକ ବିରାଟ ଗାତ ଖୋଳାଯାଇ କାମକୁ ଅଧାରେ ଛାଡ଼ି ଠିକାଦାର ଛୁ ମାରିଥିବା ଜଣାପଡିଛି। ପାର୍କର ଅର୍ଦ୍ଧାଧିକ କାମ ସମ୍ପୂର୍ଣ୍ଣ ହୋଇନଥିବା ଯୋଗୁଁ ଯେଉଁ ଲକ୍ଷ୍ୟ ରଖାଯାଇ ପାର୍କ ନିର୍ମାଣ କରାଯାଇଥିଲା ସେହି ଆବଶ୍ୟକତା ପୂରଣ ହୋଇପାରୁ ନଥିବା ବେଳେ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଚମ୍ପୁଆ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଦେଷ୍ଣା ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଖୁବ୍ ଶିଘ୍ର କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ବଲାଙ୍ଗୀରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ନବବର୍ଷ ପାଳନ

ବଲାଙ୍ଗିର, ୧୦/୪ (ନି.ପ୍ର): ଆଜି ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା, ହିନ୍ଦୁ ନବବର୍ଷ ଅବସରରେ ଅଖିଳ ଭାରତୀୟ, ସାହିତ୍ୟ ପରିଷଦ, ବଲାଙ୍ଗୀର ଶାଖାରେ ଶିଶୁମନ୍ଦିର, କଦମପଡା ଠାରେ ସକାଳ ୧୦ଟା ୩୦ରେ ପବିତ୍ର ଦିବସକୁ ସମ୍ମାନ ସହ ପାଳନ କରାଯାଇଥିଲା । ଏହି ଉତ୍ସବକୁ ସଫଳତା ସହ ସହଯୋଗ କରିଥିଲେ ସରସ୍ୱତୀ ଶିଶୁମନ୍ଦିରର ଗୁରୁଜୀ ଓ ଗୁରୁମା ମାନେ । ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଅଧକ୍ଷ ଡକ୍ଟର ଭବାନୀ ଶଙ୍କର ପଟେଲ ସଭାର ଉଦ୍ଦେଶ୍ୟ କହିବା ପରେ, ଡାକ୍ତର ଅଶୋକ ସେଠୀ ସଭାରେ ମଂଚ ପରିଚାଳନା କରିଥିଲେ ଓ ଅଖିଳ ଭାରତୀୟ ସାହିତ୍ୟର ଉଦ୍ଭବ ଓ ଉଦ୍ଦେଶ୍ୟ ତଥା ସାହିତ୍ୟର ମହତ୍ୱ ପ୍ରତିପାଦନ କରିଥିଲେ । ପରେ ରାଜ୍ୟ ସଭ୍ୟ ଗିରିଜା ରଥ ପରିଷଦର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ସଭ୍ୟ ମାନଙ୍କ ମଧ୍ୟରେ ତରଣୀ ପଟେଲ ଓ ଗୁରୁ ମା ମାନେ ନିଜ ନିଜ ସଂକ୍ଷିପ୍ତ ମତ ଦେଉଥିଲେ। ମୁଖ୍ୟ ବକ୍ତା, ତଥା ପରିଷଦର ଉପଦେଷ୍ଟା ଜଗଦାନନ୍ଦ ଛୁରିଆଙ୍କ ଅକସ୍ମାତ ଅନୁପସ୍ଥିତ ହେତୁ ମୁଖ୍ୟବକ୍ତା ଭାବରେ କେଶବ ପଟେଲ ଆସନ ଅଳଂକୃତ କରିଥିଲେ। ନିଜ ଭାଷଣରେ ସେ ଭାରତର ସଂସ୍କୃତି, ସାହିତ୍ୟ, ବିଜ୍ଞାନ ଉପରେ ତଥ୍ୟପୂର୍ଣ୍ଣ ପ୍ରସଙ୍ଗ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥୀ ଭାବରେ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ବେହେରା କହିଲେ ଯେ, ସାହିତ୍ୟ ଆଜି ସଂସ୍କୃତିର ବାହାକ।ନିଜ ଶିଶୁମନ୍ଦିରର ଗୁରୁଜୀ, ଗୁରୁମା ମାନେ ସାହିତ୍ୟ ତଥା ଭାଷାରେ ନିପୁଣ ସହ ଦାନ କରୁଛନ୍ତି । ସେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଗୁଣ କୀର୍ତନ କରିବା ସହ ସାହିତ୍ୟର ଉତ୍କର୍ଷ ପ୍ରତିପାଦନ କରିଥିଲେ । ପରିଷଦ ସଭାପତି ଡକ୍ଟର ଭବାନୀ ଶଙ୍କର ପଟେଲ, ପରିଷଦର କର୍ତବ୍ୟ, ଲକ୍ଷ୍ୟ, କାର୍ଯ୍ୟ ଉପରେ ଆଲୋକପାତ କରିବା ସହ ବିଭିନ୍ନ ଦିଗ ଉପରେ ପ୍ରକାଶ କରିଥିଲେ । ଶିଶୁମନ୍ଦିର ଆଜି ସଭା କରିବା ହେତୁ ସହଯୋଗ କରିଥିବା ହେତୁ ନିଜକୁ ଧନ୍ୟ ମନେ କରି, ଭବିଷ୍ୟତରେ ଶିଶୁ ମନ୍ଦିର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ନବବର୍ଷରେ ସମସ୍ତ ଅତିଥୀ, ଗୁରୁମା, ଗୁରୁଜୀ ମାନଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଥିଲେ । ଶେଷରେ ପରିଷଦର କୋଷାଧକ୍ଷ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଦେବ ନାଗରୀ ଲିପି, ରେ ସମସ୍ତଙ୍କ ସ୍ମୃତି ଚାରଣ କରିବା ସହ ଧନ୍ୟବାଦ ଅର୍ପଣ ପରେ ସଭାପତିଙ୍କ ଦ୍ୱାରା ସଭା ସାଙ୍ଗ କରାଯାଇଥିଲା ।

# ଭିସୁଟ୍ ଇ-ସମ୍ମିଟରେ ବ୍ୟାଘ୍ର ଏବଂ ପରିବେଶ ସଂରକ୍ଷଣ ସମ୍ମାନ

ସମ୍ବଲପୁର, ୧୦/୪ (ନି.ପ୍ର): ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍‌ର ଉଦ୍ୟମିତା ସେଲ୍ ପକ୍ଷରୁ ପଶ୍ଚିମଓଡ଼ିଶାର ସର୍ବବୃହତ୍ ଇ-ସମ୍ମିଟ୍ ୨୦୨୪ ଗତ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। କୁଳପତି ବଂଶୀଧର ମାଝୀଙ୍କ ଉପସ୍ଥିତିରେ କେଡବ୍ଲ୍ୟୁସିଜିର ନିର୍ଦ୍ଦେଶକ ଖଲିଦ୍ ୱାନି ମୁଖ୍ୟଅତିଥି, ଭିଲେଜ୍ କ୍ରାଫ୍‌ଟର ପ୍ରତିଷ୍ଠାତା ଚିନ୍ମୟ ଶତପଥୀ, ଭିସୁଟ୍ ଛାତ୍ରକଲ୍ୟାଣ ଡିନ୍ ସଂଜୟ କୁମାର ପାତ୍ର, ବୈଷୟିକ ସୋସାଇଟୀର ଉପସଭାପତି ବିଦ୍ୟାଧର ରାଉତ, ଉପଦେଷ୍ଟା ପ୍ରଜ୍ଞା ମହାନ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।
ଏହି ଅବସରରେ ଚିନ୍ମୟ ଶତପଥୀ ଏବଂ ଖଲିଦ୍ ୱାନି ଉଦ୍ୟମିତା, ଉଦ୍ୟୋଗ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ସେମାନଙ୍କ ଯାତ୍ରା, ଅଭିଜ୍ଞତା ତଥା ଅନୁଭବ ସଂପର୍କରେ ଆଲୋକପାତ କରିଥିଲେ। ଭିସୁଟ୍‌ର ଜୁନେଦ ଅହମଦଙ୍କ ଦ୍ୱାରା ସଫଳତାର ସହିତ ଏକ ଆପ୍ ୱାକିଂ-ପାଲ୍ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଘ୍ର ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ଉପରେ ହୋଇଥିବା ଅଧିବେଶନରେ ଆଇଏଫ୍ଏସ୍ ଅଧିକାରୀ ଅନୁପ୍ କୁମାର ନାୟକ, ଟି. ଅଶୋକ କୁମାର, ବିଶ୍ୱନାଥ ନୀଲାମ୍ବର, ଅଂଶୁପ୍ରଜ୍ଞା ଦାଶ, ବନ୍ୟପ୍ରାଣୀ ଗବେଷକ ପ୍ରକାଶଚନ୍ଦ୍ର ଜେନା ଏବଂ ସାମାଜିକ କର୍ମୀମାନେ ଆଲୋଚନା କରିଥିଲେ। ପରେ ଷ୍ଟାଣ୍ଡଅପ୍ ଅଭିନେତା ଦେବାର୍ଚ୍ଚ ମିଶ୍ର ତାଙ୍କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଭିସୁଟ୍ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟାର ସମାଧାନ ନହେଲେ ଭୋଟ୍ ବର୍ଜନ ଚେତାବନୀ ଦେଲେ ପଂଚାୟତବାସୀ

ରାଇରଙ୍ଗପୁର, ୧୦/୪ (ନି.ପ୍ର): ୨୦୨୪ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଆଉ ଦେଢ ମାସ ବାକି ରହିଲା। ପୂର୍ବରୁ ହୋଇଥିବା ନିର୍ବାଚନରେ ବିଜୟୀ ହୋଇଥିବା ଜନ ପ୍ରତିନିଧିମାନେ ଜନତାଙ୍କ କିଛି ସମସ୍ୟାର ସମାଧାନ କରିଥିବା ବେଳେ କିଛି ସମାଧାନ ହୋଇପାରିନାହିଁ। ତେବେ ଯେଉଁ ଅଂଚଳର ସମସ୍ୟାର ସମାଧାନ ହୋଇପାରିନାହିଁ ସେହି ଅଂଚଳର ଜନସାଧାରଣ ଭୋଟ୍ ବର୍ଜନ କରିବା ନେଇ ଚେତାବନୀ ଦେଉଥିବା ଦେଖିବାକୁ ମିଳୁଛି। ଏଭଳି ଭୋଟ୍ ବର୍ଜନ ପାଇଁ ନିଷ୍ପତି ନେଇଛନ୍ତି ମୟୂରଭଂଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ବିଜାତଳା ବ୍ଲକର ଚଢେଇପାହାଡି ଗ୍ରା.ମ ପଂଚାୟତର ବାସିନ୍ଦା।
ସୂଚନା ଅନୁଯାୟୀ ଚଢେଇପାହାଡି ଗ୍ରାମପଂଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଏକ ବଡ ବ୍ୟାନରରେ ବିଭିନ୍ନ ସମସ୍ୟାର ତାଲିକା କରି ଜଣାଇଛନ୍ତି। ତାଙ୍କ ସମସ୍ୟା ଗୁଡିକ ହେଲା- ଗମନା




ଗମନ ପାଇଁ ପଂଚାୟତର ବହୁ ଗ୍ରାମରେ ଭଲ ରାସ୍ତା ନାହିଁ,ବହୁ ଗ୍ରାମକୁ ମୋବାଇଲ୍ ନେଟୱାର୍କ ନାହିଁ, ରେଳ ସଂଯୋଗ ହୋଇପାରୁନାହିଁ, ଚଢେଇ ପାହାଡିଠାରୁ ଟିଆକାଟି ଗ୍ରାମ ପର୍ଯ୍ୟନ୍ତ ମାତ୍ର ସାଢେ ୩ କି.ମି ରାସ୍ତା ନିର୍ମାଣ ହେଲେ ଜିଲ୍ଲା ମୁଖ୍ୟାଳୟକୁ ୩୫ ରୁ ୪୦ କି.ମି ରାସ୍ତା କମିଯିବ, ପଂଚାୟତରେ ଥିବା ଏକ ମାତ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଅପଗ୍ରେଡ୍ କରି ଦ୍ୱାଦଶ ଶ୍ରେଣୀକୁ ସାମିଲ୍ କରାଯାଉନାହିଁ । ତାଛଡା ଜନ ସାଧାରଣଙ୍କ ଅତି ଜରୁରୀ ଥିବା ସ୍ୱାସ୍ଥ ସେବା ମଧ୍ୟ ଅପହଂଚ। ଫଳରେ ପଂଚାୟତ ବାସୀ ଉତତମ ସ୍ୱାସ୍ଥସେବା ପାଉନାହାଁନ୍ତି।
ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ବିଡିଓ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ମଧ୍ୟ ବାରମ୍ବାର ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଉକ୍ତ ସମସ୍ୟା ଗୁଡ଼ିକର ସମାଧାନ ନହେବାରୁ ପଂଚାୟତ ବାସିନ୍ଦା ଆସନ୍ତା ସାଧାରଣ ନିର୍ବାଚନ-୨୦୨୪ରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନରେ ଭୋଟ୍ ବର୍ଜନ କରିବା ସହିତ ନିର୍ବାଚନ ପୂର୍ବରୁ କୌଣସି ରାଜ ନୈତିକ ଦଳର ନେତା ମାନଙ୍କୁ ଗ୍ରାମକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପବିତ୍ର ହିନ୍ଦୁ ନବବର୍ଷ ପାଳନ

ଜୟପୁର, ୧୦/୪ (ନି.ପ୍ର): ଜୟପୁର ସହରର ସୂର୍ଯ୍ୟ ମହଲ ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପ୍ରଥମେ ଦୀପ ପ୍ରଜ୍ୱଳନ କରି ଚୈତ୍ର ଶୁକ୍ଳ ପ୍ରତିପଦା ପବିତ୍ର ହିନ୍ଦୁ ନବ ବର୍ଷ ପାଳନ କରାଯାଇଥିଲା। ତତ୍ ପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନିୟମ ପାଳନ କରିଥିଲେ, ଭାରତର ସନାତନ ଧର୍ମର ନୀତି ନିୟମକୁ କିପରି ଭାବରେ ପାଳନ କରିବା, ୬ ଗୋଟି କାର୍ଯ୍ୟକ୍ରମରୁ ଏହା ଅନ୍ୟତମ ଏବଂ ମୁଖ୍ୟବକ୍ତା କିଛି ଅଭିଭାଷଣ ଦେଇ ସଂଘ କାହାକୁ କୁହାଯାଏ ସଂଘ କେବଳ ବ୍ୟକ୍ତିଗତକୁ ନେଇକି ତିଆରି ହୋଇନଥାଏ। ଏହା ସମୋଷ୍ଟିକୁ ନେଇ ହୁଏ ଲୋକେ ଜାନୁୟାରୀ ମାସର ପ୍ରଥମ ଦିନକୁ ନୂତନ ବର୍ଷ ବୋଲି ରାତ୍ର ମଧ୍ୟରେ ଅନିଦ୍ରା ରହି, ନାଚ ଗୀତ ଉପଭୋଗ କରିବା ଆମ ଧର୍ମର ନବ ବର୍ଷ ନୁହେଁ। ଚୈତ୍ର ଶୁକ୍ଳ ପକ୍ଷ ପ୍ରତିପଦା ହିଁ ହିନ୍ଦୁ ଧର୍ମରେ ନବ ବର୍ଷ ପାଳନ କରାଯାଏ ବୋଲି ବୁଝାଇଥିଲେ। ଏହି ଦିବସରେ ମୁଖ୍ୟବକ୍ତା ମନୋରଞ୍ଜନ ପ୍ରଧାନ, ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର ନାୟକ ନଗର ସଂଘ ଚାଳକ, ଡ. ନିରଞ୍ଜନ ମିଶ୍ର ଓ ସଂଘର କାର୍ଯ୍ୟକର୍ତା ମୁଖ୍ୟ ଶିକ୍ଷକ ମୁକୁନ୍ଦ ଭାଇ ପ୍ରାର୍ଥନା ଗାନ କରିଥିଲେ ଓ ସଂକଳ୍ପ ସହ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ।

# ଇଣ୍ଡିଆଜ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଲେ ବିଜୟଲକ୍ଷ୍ମୀ

କେନ୍ଦ୍ରାପଡ଼ା, ୧୦/୪ (ନି.ପ୍ର): କପଡାରେ ଏକ ସ୍ୱତନ୍ତ୍ର କଳାକୃତି ପ୍ରସ୍ତୁତି କରି କେନ୍ଦ୍ରାପଡାମାଟିର ଝିଅ ବିଜୟଲକ୍ଷ୍ମୀ ପତ୍ରୀ ଇଣ୍ଡିଆଜ୍ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ସୁଶ୍ରୀ ପତ୍ରୀ ବିଚାରମମାନଙ୍କ ସମ୍ମୁଖରେ କପଡାରେ ୧.୪ସେଁମିଟର ଆକୃତିର ଏକ ଆକର୍ଷଣୀୟ ଗୋଲାଫ ଫୁଲ ଓ ୧.୨ ସେଂଟିମିଟର ଆକାରର ଏକ ପ୍ରଜାପତି ତିଆରି କରିଥିଲେ। ବିଚାରକମାନେ ଏହାକୁ ବିଶ୍ୱର କ୍ଷୁଦ୍ରତମ କଳାକୃତି ବୋଲି ସ୍ୱୀକୃତି ପ୍ରଦାନ କରାଯାଇଛି। ବିଜୟଲକ୍ଷ୍ମୀ ରାଜ୍ୟ ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ଜଣେ ଧୁରୀଣା ହସ୍ତଶିଳ୍ପୀ କାରିଗର ଭାବେ ପରିଚିତ। କେନ୍ଦ୍ର ସରକାରଙ୍କ କୌଶଳ ବିକାଶ କାର୍ଯ୍ୟକ୍ରମ ଅଧୀନରେ ସେ ଅନେକ ମହିଳାଙ୍କୁ ହସ୍ତକଳା ତାଲିମ ପ୍ରଦାନ କରି ସ୍ୱାବଲମ୍ବୀ କରାଇବାରେ ଉଦ୍ୟମ ଜାରି ରଖିଥିବା କହିଛନ୍ତି। ବିଜୟଲକ୍ଷ୍ମୀ ହେଉଛନ୍ତି କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ବଡପଣ୍ଡା ତଥା ସହରର ବଡବାରଙ୍ଗସ୍ଥିତ ବଡପଣ୍ଡାସାହିର ମାଧବଚନ୍ଦ୍ର ପତ୍ରୀଙ୍କ କନ୍ୟା। ସୁଶ୍ରୀ ପତ୍ରୀ ତାଙ୍କର ଅନବଦ୍ୟ କୃତିକୁ ନେଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ ମଧ୍ୟ ହୋଇଛନ୍ତି।

ଧାରାବାହିକ:

ଭାଗ-୪

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୭ମ ଅଧ୍ୟାୟ

।। ଅଶ୍ୱ  ମା ଦ୍ୱାରା ଦ୍ରୌପଦୀଙ୍କ ପୁତ୍ରମାନଙ୍କର ହତ୍ୟା ଏବଂ ଅର୍ଜୁନଙ୍କ ଦ୍ୱାରା ଅଶ୍ୱ  ମାଙ୍କ ମାନ ମର୍ଦ୍ଦନ ।।

ମହର୍ଷି ବ୍ୟାସଦେବ ନାରଦଙ୍କ ଉପଦେଶ କ୍ରମେ ସେହି ପରମ ପବିତ୍ର ଭାଗବତଙ୍କୁ ସ୍ୱୀୟ ପୁତ୍ର ଶ୍ରୀଶୁକଦେବଙ୍କୁ ଅଧ୍ୟୟନ କରାଇଥିଲେ । ସୌନକ କହିଲେ ବ ର୍ମାନ କୃଷ୍ଣକଥା ପ୍ରସଙ୍ଗରେ ଦ୍ରୋଣପୁତ୍ର ଅଶ୍ୱ  ମାଙ୍କର ଦ୍ରୌପଦୀ ପ  ପୁତ୍ର ନିଧନ ବିଷୟ ବର୍ଣ୍ଣନା କରୁଛି । ଦୁର୍ଯ୍ୟୋଧନଙ୍କ ଉରୁଭଙ୍ଗ ପରେ ତାଙ୍କରି ଅନୁରୋଧରେ ଅଶ୍ୱ  ମା ପାଣ୍ଡବ ବିନାଶ କରିବାକୁ ଯାଇ ବିଷ୍ଣୁମାୟାରେ ଭୁଲକ୍ରମେ ନିଦ୍ରାଗତ ପାଣ୍ଡବଙ୍କ ପ  ପୁତ୍ରଙ୍କୁ ବିନାଶ କରି ଅନୁତପ୍ତ ହେଲେ ଓ ଅର୍ଜୁନଙ୍କ ଭୟରେ ପଳାୟନ କଲେ । ଅର୍ଜୁନ ତାଙ୍କର ବଧ ନିମନ୍ତେ ପଶ୍ଚାତ୍‌ଧାବନ କରିବାରୁ ଅଶ୍ୱ  ମା ନିରୂପାୟ ହୋଇ ବ୍ରହ୍ମାସ୍ତ୍ର ପ୍ରୟୋଗ କଲେ । ଅର୍ଜୁନ ମଧ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ତାକୁ ପ୍ରତିହତ ପାଇଁ ବ୍ରହ୍ମାସ୍ତ୍ର ପ୍ରୟୋଗ କଲେ । ଉଭୟ ବ୍ରହ୍ମାସ୍ତ୍ର ପରସ୍ପର ମଧ୍ୟରେ ଲୀନ ହେବାରୁ ଅର୍ଜୁନ ଅଶ୍ୱ  ମାଙ୍କୁ ପଶୁପରି ବନ୍ଧନ କରି ଦ୍ରୌପଦୀଙ୍କ ସମ୍ମୁଖକୁ ଘେନିଗଲେ । ଶ୍ରୀକୃଷ୍ଣ କହିଲେ ଅଶ୍ୱ  ମା ବ୍ରାହ୍ମଣ ହେଲେ ମଧ ବଧ ଯୋଗ୍ୟ ଯେହେତୁ ସେ ନିଦ୍ରିତ ଶିଶୁମାନଙ୍କୁ ବଧ କରି ମହାପାତକ ଅର୍ଜିଛନ୍ତି । ମ  , ପ୍ରମ  , ଉନ୍ମ  , ବାଳକ, ବନିତା, ନିଦ୍ରାଗତ, ଶରଣାଗତ, ରଥହୀନ, ଯୁଦ୍ଧରେ ଶଙ୍କିତ ଶତ୍ରୁ ଏମାନଙ୍କୁ ବଧ କରିବା ମହାପାପ । ତେଣୁ ଏ ମହାପାପୀ କ୍ଷମାର ଯୋଗ୍ୟ ନୁହେଁ । ବାସ୍ତବରେ ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀ ସହ ପାଣ୍ଡବମାନଙ୍କର ମତ ଜାଣିବା ନିମନ୍ତେ ଏପରି କହିଥିଲେ । ଅର୍ଜୁନ ନିଜର ଗୁରୁପୁତ୍ରଙ୍କୁ ବଧ କରିବାକୁ ସଙ୍କୋଚ ପ୍ରକାଶ କଲେ । ସେହିପରି ଦ୍ରୌପଦୀ କହିଲେ ମୁଁ ଯେଭଳି ପୁତ୍ରଶୋକରେ ବ୍ୟଥିତା ହେଉଛି ଅଶ୍ୱ  ମାଙ୍କ ମୃତ୍ୟୁପରେ ତାଙ୍କ ମାତା କୃପୀ ସେହିପରି ବ୍ୟାକୁଳ ହେବେ । ଜଣେ ମାତା ହିସାବରେ ମୁଁ ଆଉଜଣେ ମାତାଙ୍କୁ ଉପରି କଷ୍ଟ ଦେଇପାରିବିନି । ପୁଣି ଗୁରୁକୁଳକୁ ଦୁଃଖଭାଗୀ କରାଇବା ଶିଷ୍ୟର ଉଚିତ ନୁହେଁ କାରଣ ଗୁରୁବଂଶ ସଦା ପୂଜନୀୟ । ତେଣୁ ହେ ଆର୍ଯ୍ୟପୁତ୍ର ! ଗୁରୁଦେବ ସ୍ୱୟଂ ତୁମ ସମ୍ମୁଖରେ ପୁତ୍ର ରୂପରେ ଦଣ୍ଡାୟମାନ ଭାବି ଅଶ୍ୱ  ।ମାଙ୍କୁ ମୁକ୍ତି ଦିଅ । ଏହାପରେ ଶ୍ରୀକୃଷ୍ଣଙ୍କ ପରାମର୍ଶ କ୍ରମେ ଅର୍ଜୁନ ଅଶ୍ୱ  ।ମଙ୍କର ମସ୍ତକରେ ଥିବା ମଣିକୁ କାଢିନେଇ ତାଙ୍କର ମସ୍ତକ ମୁଣ୍ଡନ ପୂର୍ବକ ବନ୍ଧନ ମୁକ୍ତ କରିଦେଲେ ।

### ୮ମ ଅଧ୍ୟାୟ

।। ପରୀକ୍ଷିତଙ୍କ ଜୀବନ ରକ୍ଷା ।।

ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ବହୁ ପ୍ରକାର ସାନ୍ତ୍ୱନାଦେଇ ଦ୍ୱାରିକା ଫେରିଯିବାକୁ ଉଦ୍ୟତ ହେଉଥିବା ବେଳେ ଅଶ୍ୱ  ମା ନିଜ ଉପରେ ହୋଇଥିବା ଲାଞ୍ଛନାର ପ୍ରତିଶୋଧ ନେବା ନିମନ୍ତେ ପ  ପାଣ୍ଡବ ସମେତ ଉ  ରା ଗର୍ଭରେ ଥିବା ଶିଶୁକୁ ବିନାଶ କରିବା ନିମନ୍ତେ ପୁନର୍ବାର ବ୍ରହ୍ମାସ୍ତ ପ୍ରୟୋଗ କଲେ । ଉ  ରା ଭୟଭୀତା ହୋଇ ହେ ଦେବ ମୋତେ ରକ୍ଷାକର କହି ଶ୍ରୀକୃଷ୍ଣଙ୍କ ଚରଣରେ ଲୋଟିଗଲେ । ଭକ୍ତ ବତ୍ସଳ ଭଗବାନ ନିଜ ମାୟାଦ୍ୱାରା ଉ  ରା ଗର୍ଭସ୍ଥ ଶିଶୁ ସହିତ ପ  ପାଣ୍ଡବଙ୍କୁ ରକ୍ଷାକଲେ । ଏ ଘୋର ପରୀକ୍ଷାରୁ ଉ  ର୍ଣ୍ଣ ହୋଇଥିବାରୁ ଶିଶୁଟିର ଜନ୍ମ ପରେ ନାମ ଦିଆଗଲା ପରୀକ୍ଷିତ । ଶ୍ରୀକୃଷ୍ଣଙ୍କର ଅପାର ମହିମା ଦେଖି କୁନ୍ତୀ ତାଙ୍କର ସ୍ତୁତିଗାନ କଲେ । ତାଙ୍କ ସ୍ତୁତିରେ ସେ ପାଣ୍ଡବମାନଙ୍କ ପ୍ରତି ଭଗବାନ ଶ୍ରୀକୃଷ୍ଣଙ୍କର ଥିବା ଦୟାକୁ ବର୍ଣ୍ଣନା କରିବାସହ ଶ୍ରୀକୃଷ୍ଣଙ୍କର ସେହି ଦୟା ସର୍ବଦା ତାଙ୍କ ତଥା ତାଙ୍କ ପରିବାର ଉପରେ ଥାଉ ବୋଲି ପ୍ରାର୍ଥନା କରିଥିଲେ । ପ୍ରତ୍ୟୁ  ରରେ ଭଗବାନ ଦରହସିତ ହୋଇ ତଥାସ୍ତୁ ବୋଲି କହି ଦ୍ୱାରିକା ଫେରିଯିବାକୁ ଉଦ୍ୟତ ହୁଅନ୍ତେ ଧର୍ମରାଜ ଯୁଧିଷ୍ଠିର ତାଙ୍କୁ ଆକୁଳ ଭାବରେ କହିଲେ, ହେ ଗୋବିନ୍ଦ ! ଯୁଦ୍ଧଛଳରେ ମୁଁ ନିଜର ଜ୍ଞାତିକୁଟୁମ୍ବଙ୍କ ସହ ଅନେକ ପ୍ରାଣୀ ବଧ କରିଛି । ଯାଗଯଜ୍ଞ ଦ୍ୱାରା ସେ ମହାପାପ ପ୍ରକ୍ଷାଳନ ହେବାର ସମ୍ଭାବନା କମ । ହେ ପରମଦୟାଳୁ !ହେ କ୍ଷମାସାଗର ! ଆପଣ ଦୟା ପୂର୍ବକ ମୋତେ ସେହି ମହାପାତକରୁ ଉଦ୍ଧାର କରନ୍ତୁ । ଶ୍ରୀକୃଷ୍ଣ ପୁନର୍ବାର ତଥାସ୍ତୁ କହି ମାତା କୁନ୍ତୀ ଓ ଯୁଧିଷ୍ଠିର ଯଥାବିଧି ସମ୍ମାନ ଜଣାଇବା ସହ କନିଷ୍ଠମାନଙ୍କୁ ସ୍ନେହାଲିଙ୍ଗନ କଲେ ।

### ୯ମ ଅଧ୍ୟାୟ

।। ଭୀଷ୍ମଦେବଙ୍କ ମହାପ୍ରୟାଣ ।।

ଶ୍ରୀକୃଷ୍ଣ ଯୁଧିଷ୍ଠିର ଆଦି ପାଣ୍ଡବମାନଙ୍କୁ ଏବଂ ମୁନିରଷିମାନଙ୍କୁ ସାଥିରେ ଧରି ଭୀଷ୍ମଙ୍କ ଶରଶଯ୍ୟା ନିକଟକୁ ଗଲେ । ସେଠାରେ ଭୀଷ୍ମଦେବ ଯୁଧିଷ୍ଠିରଙ୍କୁ ଉ  ମ ପ୍ରଜାପାଳନ ଦ୍ୱାରା ଯୁଦ୍ଧଜନିତ ଗଣହତ୍ୟାର ଯଥାର୍ଥ ପ୍ରାୟଶ୍ଚିତ ହେବ ବୋଲି କହି ନ୍ୟାୟ ଓ ଧର୍ମରେ ପ୍ରଜାପାଳନ ନିମି   ତାଙ୍କୁ ଅନେକ ଉପଦେଶ ପ୍ରଦାନ କଲେ । ତା'ପରେ ସେ କହିଲେ, ହେ ଯୁଧିଷ୍ଠିର ! ଶ୍ରୀକୃଷ୍ଣ ସାକ୍ଷାତ୍ ଭଗବାନ । ତାଙ୍କର ମାୟାରେ ଆମ୍ଭେ ସମସ୍ତେ କ୍ରୀଡନକ ପରି ଆତଯାତ ହେଉ । ଯାହାଙ୍କୁ ତୁମ୍ଭେ ଭାଇବନ୍ଧୁ ବୋଲି କହି ଆଜି ପର୍ଯ୍ୟନ୍ତ ଚଳିଲ, ଯେଉଁ ଭାବଗ୍ରାହୀ ପ୍ରଭୁ ଭକ୍ତ ଚିନ୍ତାମଣି, ତୁମର ମନ୍ତ୍ରୀ, ସାରଥି, ଉପରିକି ତୁମ୍ଭ ଯଜ୍ଞରେ ବେବ ର୍ି । ସାଜିବାରେ ମଧ ଟିକିଏ ହେଲେ ସଙ୍କୋଚ କରିନାହାନ୍ତି ସେ ଯେ ସ୍ୱୟଂ ଭଗବାନ ନାରାୟଣ ଏହା ତୁମକୁ ମୁଁ ବା ଅଧିକ କ'ଣ କହିବି । ତୁମେମାନେ ପରମ ଭକ୍ତ ହେତୁ ତାଙ୍କୁ ଏପରି ନିବିଡ ଭାବରେ ପ୍ରାପ୍ତ ହେଲ । ଆହା ଭକ୍ତର ଭୃତ୍ୟ ହେବାରେ ଭଗବାନଙ୍କର ସତେ କି ଆନନ୍ଦ । ତାପରେ ଶ୍ରୀକୃଷ୍ଣଙ୍କୁ ଚାହିଁ କହିଲେ ହେ ପରମାନନ୍ଦମୟ, ହେ ଗୋବିନ୍ଦ, ହେ ଗୋପାଳ ! ଶେଷ ଶ୍ୱାସକାଳରେ ମୋତେ ଦୟାପରବଶ ହୋଇ ଦର୍ଶନ ଦେଲ । ତୁମର ପବିତ୍ର କରପଲ୍ଲବ ମୋ ମସ୍ତକରେ ସ୍ଥାପନ କର ଯେହେତୁ ମୁଁ ଶରଶଯ୍ୟାରେ ଶୋଇଥିବା ହେତୁ ତୁମ୍ଭଙ୍କୁ ହାତ ଯୋଡି ନମସ୍କାର କରିପାରୁନାହିଁ,ଏଣୁ ମୋର ଅନ୍ତରର ଭକ୍ତିପୂତ ପ୍ରଣତି ଗ୍ରହଣ କର । ମୋତେ ଏ ଜନ୍ମ ଅର୍ଗଳରୁ ମୁକ୍ତି ପ୍ରଦାନ କର । ଶ୍ରୀକୃଷ୍ଣ ପରମ ଆଦରରେ ତାଙ୍କର ଶ୍ରୀହସ୍ତକୁ ଭୀଷ୍ମଙ୍କ ମସ୍ତକରେ ସ୍ଥାପନ କଲେ ଏବଂ ସେହି ମୁନିମନହରା, ଲାସ୍ୟମୟ ଶ୍ରୀମୁଖକୁ ଚାହିଁ ଭୀଷ୍ମଦେବ ମରଶରୀର ତ୍ୟାଗକଲେ । ତାଙ୍କର ପବିତ୍ର ଆତ୍ମା ଭଗବାନଙ୍କ ଠାରେ ଲୀନ ହୋଇଗଲା ।

### ୧୦ମ ଅଧ୍ୟାୟ

।। ଶ୍ରୀକୃଷ୍ଣଙ୍କ ଦ୍ୱାରିକା ଗମନ ।।

ପିତାମହ ଭୀଷ୍ମ ଓ ଭଗବାନ ଶ୍ରୀକୃଷ୍ଣଙ୍କ ଉପଦେଶ ମତେ ମହାରାଜା ଯୁଧିଷ୍ଠିର ସସାଗରା ପୃଥିବୀକୁ ଇନ୍ଦ୍ରଙ୍କ ସଦୃଶ ଶାସନ କରୁଥିଲେ । ତାଙ୍କ ରାଜତ୍ୱ କାଳରେ ଇନ୍ଦ୍ର ବେଳଜାଣି ବୃଷ୍ଟି କରୁଥିଲେ, ପୃଥିବୀ ସର୍ବଦା ଶସ୍ୟଶାମଳା ହେବାରୁ ଗାଭୀମାନେ ପ୍ରଚୁର ଦୁଗ୍ଧ ଦେଉଥିଲେ । ମନୁଷ୍ୟମାନେ ନିରୋଗଥିଲେ । ଯୁଧିଷ୍ଠିରଙ୍କ ଏଭଳି ପ୍ରଜାପାଳନରେ ଶ୍ରୀକୃଷ୍ଣ ଆନନ୍ଦିତ ହେବାସହ ସ୍ୱୟଂ ଦ୍ୱାରିକା ଫେରିଯିବାକୁ ଜଣାଇଲେ । ଶ୍ରୀକୃଷ୍ଣଙ୍କ ବିରହ ଅଶେଷ ଦୁଃଖଦେବ ବୋଲି ଜାଣି ମଧ ପାଣ୍ଡବମାନେ ତାଙ୍କୁ ଶାଶ୍ରୁଲୋଚନରେ ବିଦାୟ ଦେଲେ । ଶୁଭଶଙ୍ଖ, ଭେରୀ, ତୂରୀ, ତାଳ ମୃଦଙ୍ଗ ଆଦି ବାଜି ଉଠିଲା । ଲଳନାମାନେ ଅଟ୍ଟାଳିକା ଉପରୁ ପୁଷ୍ପବୃଷ୍ଟି କଲେ । ଅର୍ଜୁନ ଶ୍ରୀକୃଷ୍ଣଙ୍କ ଉପରେ ଶ୍ୱେତଛତା ଟାଣି ଧରିଲେ । ଉଦ୍ଧବ ଓ ସାତ୍ୟକି ଚାମର ଢାଳିଲେ । ଭଗବାନ ଶ୍ରୀକୃଷ୍ଣ ସାକାର ରୂପରେ ଥିବାରୁ ବ୍ରାହ୍ମଣ ମାନେ ବେଦ ଉଚ୍ଚାରଣ ପୂର୍ବକ ତାଙ୍କୁ ଆଶୀର୍ବାଦ ଦେଲେ । ହସ୍ତିନା ପୁରରେ ଥିବା ରମଣୀମାନେ ଶ୍ରୀକୃଷ୍ଣଙ୍କ ଗୁଣଗାନ କରିବା ସହ ପଦ୍ମପତ୍ର ଭଳି ସେ ନିର୍ଲିପ୍ତ ଏବଂ ତାଙ୍କୁ କୌଣସି ଦୋଷଗୁଣ ସ୍ପର୍ଷ କରିପାରେ ନାହିଁ ବୋଲି କୁହାକୁହି ହେଲେ । ସେଭଳି ମହାପୁରୁଷଙ୍କୁ କୋଳରେ ଧାରଣ କରି ଯଦୁବଂଶ ଓ ଗୋପପୁରୀ ଧନ୍ୟ ହେଲା । ଗୋପ ଓ ଦ୍ୱାରକାର ଲଳନାମାନେ ପରମ ସୌଭାଗ୍ୟବତୀ କାରଣରୁ ଶ୍ରୀକୃଷ୍ଣଙ୍କର ସାନିଧ ପ୍ରାପ୍ତ ହେଲେ । ଭଗବାନ ଶ୍ରୀକୃଷ୍ଣ ସମସ୍ତଙ୍କ ଅନ୍ତରକଥା ଜାଣି ସ୍ମିତହାସ୍ୟରେ ସମସ୍ତଙ୍କୁ ନିଜର ପ୍ରେମପୂର୍ଣ୍ଣ ଚାହାଣିରେ ଦେଖି ଦ୍ୱାରିକା ଅଭିମୁଖେ ଗମନ କଲେ ।

### ୧୧ଦଶ ଅଧ୍ୟାୟ

।। ଦ୍ୱାରକାରେ ଶ୍ରୀକୃଷ୍ଣଙ୍କ ସ୍ୱାଗତ ।।

ଭଗବାନ ଶ୍ରୀକୃଷ୍ଣଙ୍କର ପା  ଜନ୍ୟ ଶଙ୍ଖଧ୍ୱନି ଶୁଣି ଦ୍ୱାରିକାବାସୀ ନିଜର ପ୍ରିୟ ଭଗବାନ ଆସିଲେ ବୋଲି ଜାଣି ଆନନ୍ଦିତ ହେବା ସହ ନାନା ଉପହାର ପ୍ରଦାନ ପୂର୍ବକ ତାଙ୍କର ସ୍ୱାଗତ କଲେ । ସେମାନେ କହିଲେ ହେ ପ୍ରଭୁ ! ଆପଣ ଆମର ପିତା, ମାତା, ସଖା, ସହୋଦର, ଭାଇ, ବନ୍ଧୁ ସବୁକିଛି । ତୁମେ ଆମକୁ ଅଳ୍ପଦିନ ନିମନ୍ତେ ଛାଡିଦେଇ ଚାଲିଗଲେ ତାହା ଆମକୁ କୋଟିଏ ଯୁଗର ବିରହ ଯନ୍ତ୍ରଣା ଦିଏ । ଆପଣଙ୍କ ବିନା ଆମେ ଆଖିଥାଇ ଅନ୍ଧ, ପ୍ରାଣଥାଇ ଶବ ହୋଇଯାଉ । ଏଣିକି ଆମକୁ ଛାଡି ଆଉ କେବେ ଯିବେନାହିଁ ଯଦିବା ଯିବେ ତାହାଲେ ଆମ୍ଭକୁ ସାଥିରେ ନେଇ ଯିବେ । ଭକ୍ତ ବତ୍ସଳ ଭଗବାନ ନିଜର ପ୍ରିୟ ଭକ୍ତଙ୍କ ମୁହଁରୁ ଏଭଳି ନିଷ୍କପଟ, ଅନାବିଳ ସ୍ନେହପୂର୍ଣ୍ଣ ବାଣୀ ଶୁଣି ହସି ହସି କହିଲେ,"ନିଶ୍ଚୟ,ଏଥର ମୁଁ ଯୁଆଡେ ଗଲେ ତୁମ୍ଭଙ୍କୁ ନେଇ ଯିବି । ମୁଁ କି ତୁମ୍ଭମାନଙ୍କୁ ଛାଡି ରହିପାରେ । "ଭଗବାନଙ୍କ ଆଗମନ ନିମନ୍ତେ ଦ୍ୱାରିକା ପୁର ଅତ୍ୟନ୍ତ ରମଣୀୟ ଭାବରେ ସଜ୍ଜିତ ହୋଇଥିଲା । ନଟନଟୀ, ଗାୟକ-ଗାୟିକାମାନେ ସୁବେଶ ହୋଇ ନୃତ୍ୟସହ ଭଗବାନଙ୍କ ଲୀଳାଚରିତ ଗାନ କରୁଥିଲେ । ଶ୍ରୀକୃଷ୍ଣ ସମସ୍ତଙ୍କୁ ଯଥାବିଧି ସମ୍ଭାଷଣ ଜଣାଇବା ସହ ନିଜର ପିତାମାତାଙ୍କର ଭବନକୁ ଯାଇ ଭୂମିଷ୍ଠ ପ୍ରଣାମ କରି ସେମାନଙ୍କର ଆଶୀର୍ବାଦ ଗ୍ରହଣ କଲେ । ଏହାପରେ ଭଗବାନ ନିଜର ଅନ୍ତଃପୁରକୁ ଗମନ କରିବାରୁ ରାଣୀମାନେ ନିଜର ପ୍ରିୟ ସ୍ୱାମୀଙ୍କୁ ପାଇଁ ବିହ୍ୱଳିତ ହେଲେ । ସ୍ୱାମୀଙ୍କର ଦେଶାନ୍ତର ଗମନରେ ସେମାନେ କ୍ରୀଡାକୌତୁକ, ହାସପରିହାସ, ଶୃଙ୍ଗାର, ସାମାଜିକ ଉତ୍ସବ ସହ ଅନ୍ୟତ୍ର ଗମନ ବର୍ଜନ କରିଥିଲେ । ଏବେ ସ୍ୱାମୀଙ୍କୁ ପ୍ରାପ୍ତହୋଇ ସେମାନେ ଅତ୍ୟନ୍ତ ଉଲ୍ଲସିତ ହେବା ସଙ୍ଗେ ସଙ୍ଗେ ଲଜ୍ଜାରେ ମୁଖ ଅବନତ କଲେ ତଥା ମୃଦୁ ମୃଦୁ ହସିଲେ । ପର ମୁହୂ ର୍ରେ ସ୍ୱାମୀଙ୍କୁ ଦୃଢ ଆଲିଙ୍ଗନରେ ବନ୍ଧନ କରି ତାଙ୍କର ଶ୍ରୀମୁଖ ଚୁମ୍ବନ କଲେ । ନିର୍ଲିପ୍ତ, ନିର୍ବିକାର, ତ୍ରିଗୁଣ ପ୍ରକୃତି ମୁକ୍ତ, ପରମପୁରୁଷ ଭଗବାନଙ୍କୁ ତାଙ୍କର ପରିପାର୍ଶ୍ୱସ୍ଥ ଅଜ୍ଞ ସ୍ତ୍ରୀ ଓ ପୁରୁଷ ମାନେ ଅବଧାରଣା କରି ପାରୁନଥିଲେ ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ଅଣ୍ଡା ସହ ଏସବୁ ଖାଇବା ଖୁବ୍ ଭଲ, ଭୁଲ୍‌ରେ ବି ପିଅନ୍ତୁନି ଚା' କିମ୍ବା କ୍ଷୀର



ଅଣ୍ଡା ଆମ ଶରୀର ପାଇଁ ଖୁବ୍ ଉପକାରୀ। ପ୍ରୋଟିନ୍‌ରେ ଭରପୂର ଅଣ୍ଡାରେ ମିନେରାଲ୍, ଭିଟାମିନ୍ ଓ ପ୍ରୋଟିନ୍ ଭରି କରି ରହିଛି। ଅଣ୍ଡାକୁ ଆପଣ ଓଜନ ହ୍ରାସ ଡାଏଟ୍‌ରେ ମଧ୍ୟ ସାମିଲ୍ କରିପାରିବେ। ତେବେ ଖାଲି ଅଣ୍ଡା ଖାଇଲେ ଆପଣଙ୍କ ଓଜନ ହ୍ରାସ ହେବ ନାହିଁ, ବରଂ ଏପରି କିଛି ଖାଦ୍ୟ ରହିଛି ଯାହା ସହ ଅଣ୍ଡା ଖାଇବା ଦ୍ୱାରା ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ। ତେବେ ଚାଲନ୍ତୁ ଜାଣିବା ଅଣ୍ଡା ସହ କେଉଁ ସବୁ ଖାଦ୍ୟ ଖାଇଲେ ଓଜନ ନିୟନ୍ତ୍ରଣରେ ରହେ।

ଅଣ୍ଡା ସହ ପାଳଙ୍ଗ ଖାଇଲେ ଖୁବ୍ ଶୀଘ୍ର ଓଜନ ହ୍ରାସ ହେବାରେ ଲାଗିଥାଏ। ୧ କପ୍ ପାଳଙ୍ଗରେ ୭ କ୍ୟାଲୋରି ଓ ଗୁଡ଼ାଏ ନ୍ୟୁଟ୍ରିଏଣ୍ଟ୍ସ ରହିଛି। ଅଣ୍ଡା ସହ ପାଳଙ୍ଗକୁ ମିଶାଇ ଖାଇଲେ ଯେଉଁ ପରିମାଣର କ୍ୟାଲୋରି ମିଳିଥାଏ, ତାହା ଶରୀର ପାଇଁ ଖୁବ୍ ଭଲ। ଅନ୍ୟ କୌଣସି ପ୍ରକାରର ତେଲ କିମ୍ବା ଲହୁଣୀ ଖାଇଲେ ଆମ ଶରୀରରେ କ୍ୟାଲୋରି ଖୁବ୍ ଶୀଘ୍ର ବଢ଼ିଯାଏ। ଏଥିପାଇଁ ଆପଣ ଅଣ୍ଡାକୁ ନଡ଼ିଆ ତେଲରେ ଓମ୍‌ଲେଟ୍ କରିକି ଖାଇଲେ ସେ ସମସ୍ୟାରୁ ମୁକ୍ତି ପାଇବେ। କାହିଁକି ନା, ନଡ଼ିଆ ତେଲ ମେଟାବଲିଜିମ୍‌କୁ ପ୍ରାୟ ୫ ପ୍ରତିଶତ ବଢ଼ାଇକି ଓଜନ କମାଇବାରେ ସହାୟ ହୋଇଥାଏ। ତେବେ ଏପରି ଅନେକ ଜିନିଷ ଅଛି ଯାହା ସହ ଅଣ୍ଡା ଖାଇବା ଅନୁଚିତ। ସେଥିମଧ୍ୟରେ ରହିଛି ଚା ଏବଂ କ୍ଷୀର। ଏହି ସବୁ ପାନୀୟ ସହ ଅଣ୍ଡା ଖାଇବାକୁ ବାରଣ କରାଯାଇଛି। ଏସବୁ ସହ ଅଣ୍ଡା ଖାଇଲେ ଶରୀରରେ ଓଲଟା ପ୍ରଭାବ ପଡ଼ିଥାଏ।

# ଜୀବନ-ମନ୍ତ୍ର: ଶେଷ ଓ ଶ୍ରେଷ୍ଠ ତୀର୍ଥଙ୍କର୍

ମହାବୀର ଜୈନଧର୍ମର ୨୪ତମ ତୀର୍ଥଙ୍କର ବା ପଥପ୍ରଦର୍ଶକ। ଏହି ଧର୍ମର ପ୍ରଥମ ତୀର୍ଥଙ୍କର ଋଷଭନାଥ ପୌରାଣିକ ମହାପୁରୁଷ ରୂପେ ପରିଗଣିତ ହେଲେ ମଧ୍ୟ, ମହାବୀର ଐତିହାସିକ ମହାପୁରୁଷ ରୂପେ ସ୍ୱୀକୃତ। 'ବର୍ଦ୍ଧମାନ ମହାବୀର' ଭାବରେ ମଧ୍ୟ ସେ ଖ୍ୟାତ। ସେ ଜୈନଧର୍ମର ଶେଷ ଓ ଶ୍ରେଷ୍ଠ ତୀର୍ଥଙ୍କର। ଜୈନଧର୍ମର ଦୁଇ ସଂପ୍ରଦାୟ ହେଉଛନ୍ତି- ଦିଗମ୍ବର ଓ ଶ୍ୱେତାମ୍ବର। ଏହି ଦୁଇ ପନ୍ଥୀଙ୍କ ମଧ୍ୟରେ ମହାବୀରଙ୍କ ଜନ୍ମସ୍ଥାନକୁ ନେଇ ଭିନ୍ନ ଭିନ୍ନ ମତ ରହିଛି। ଦିଗମ୍ବରମାନେ ତାଙ୍କର ଜନ୍ମ ବିହାର ଅନ୍ତର୍ଗତ ନାଳନ୍ଦା ନିକଟବର୍ତ୍ତୀ କୁଣ୍ଡଳପୁର ବୋଲି କହିବା ବେଳେ, ଶ୍ୱେତାମ୍ବରମାନେ ଦକ୍ଷିଣ ମୁଙ୍ଗେର ଅନ୍ତର୍ଗତ କ୍ଷତ୍ରିୟକୁଣ୍ଡ ବୋଲି କହନ୍ତି। ତେବେ ଗବେଷକଙ୍କ ମତରେ, ସେ ଖ୍ରୀଷ୍ଟପୂର୍ବ ୫୯୯ରେ ଜନ୍ମ ଗ୍ରହଣ କରିଥିଲେ। ଖ୍ରୀଷ୍ଟପୂର୍ବ ୫୨୭ରେ, ୭୧-୭୨ ବର୍ଷରେ ତାଙ୍କର ପ୍ରୟାଣ ଘଟିଥିଲା। 'କଳ୍ପସୂତ୍ର' ନାମକ ଏକ ଗ୍ରନ୍ଥରୁ ମହାବୀରଙ୍କ ସନ୍ନ୍ୟାସ ଜୀବନ ସଂପର୍କରେ ତଥ୍ୟ ମିଳେ। ଗୃହତ୍ୟାଗଠାରୁ ପ୍ରୟାଣ ପର୍ଯ୍ୟନ୍ତ ୪୨ ବର୍ଷର ସନ୍ନ୍ୟାସ ଜୀବନରେ ସେ ୧୦ଟି ସ୍ଥାନରେ ୪୨ଟି ବର୍ଷାବାସ ବିତାଇଥିଲେ। ଏହି 'ବର୍ଷାବାସ' ହେଉଛି ବର୍ଷାଋତୁର ଚତୁର୍ମାସ୍ୟା। ସେଥିମଧ୍ୟରୁ ସେ ପ୍ରଥମ ବର୍ଷାଋତୁ ବିତାଇଥିଲେ ଅସ୍ଥିଗ୍ରାମରେ। ତାହାପରେ ଚମ୍ପା ଓ ପୃଷ୍ଠିଚମ୍ପାରେ ତିନିଟି ଏବଂ ବୈଶାଳୀ ଓ ବାଣିଜ୍ୟ ଗ୍ରାମରେ ୧୨ଟି ବର୍ଷାଋତୁ ବିତାଇଥିଲେ। ତାହାପରେ ରାଜଗୃହ ଓ ନାଳନ୍ଦାରେ ୧୪ଟି ଏବଂ ମିଥିଳାରେ ୬ଟି ବର୍ଷାଋତୁ ବିତାଇଥିଲେ। ତାହା ପରେ, ଭଦ୍ରିକାରେ ୨ଟି ଏବଂ ଆଳଭିକା, ପଣିତଭୂମି ଓ ଶ୍ରାବସ୍ତିରେ ଗୋଟିଏ ଲେଖାଏଁ ବର୍ଷାଋତୁ ବିତାଇଥିଲେ। ପାପା (ପାବା)ର ବର୍ଷାଋତୁ ଥିଲା ତାଙ୍କ ଜୀବନର ଶେଷ ବର୍ଷାଋତୁ। ମହାବୀର ଥିଲେ ବୁଦ୍ଧଦେବଙ୍କର ସମସାମୟିକ, ଅଥଚ ବୁଦ୍ଧଙ୍କର ପୂର୍ବବର୍ତ୍ତୀ। ସେ ଥିଲେ ବୁଦ୍ଧଙ୍କଠାରୁ ପ୍ରାୟ ୩୬ ବର୍ଷ ବଡ଼। କିନ୍ତୁ ଗୋଟିଏ ଉଲ୍ଲେଖନୀୟ ସଂଯୋଗ ସୂତ୍ର ହେଉଛି- ବୁଦ୍ଧଦେବ ବୈଶାଖ ପୂର୍ଣ୍ଣମୀରେ ନିରଞ୍ଜନା ନଦୀ ତଟବର୍ତ୍ତୀ ଏକ ଅଶ୍ୱତ୍ଥ ବୃକ୍ଷ ତଳେ ବୋଧିପ୍ରାପ୍ତ ହୋଇଥିବା ବେଳେ, ମହାବୀର ସେହି ବୈଶାଖ ମାସର ଶୁକ୍ଳ ଦଶମୀ ତିଥିରେ ଋଜୁପାଳିକା ନାମକ ଏକ ନଦୀତଟର ଶାଳବୃକ୍ଷ ତଳେ ବୋଧି ବା ଦିବ୍ୟଜ୍ଞାନ ପ୍ରାପ୍ତ ହୋଇଥିଲେ।





# ୧୦ଟି ସଙ୍କେତ ସୂଚିତ କରିଥାଏ ଆପଣ ସୁସ୍ଥ ଅଛନ୍ତି କି ନାହିଁ

ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ, ଭଲ ନିଦ ଓ ଚିନ୍ତାମୁକ୍ତ ରହିବା ନିହାତି ଆବଶ୍ୟକ ହୋଇଥାଏ। ଯଦି ଆପଣ ଏସବୁ ଦିଗ ପ୍ରତି ଧ୍ୟାନ ଦେବେ ତେବେ ଏକ ସୁସ୍ଥ ଜୀବନଯାପନ କରି ପାରିବେ। ଏମିତି କିଛି ଲକ୍ଷଣ ରହିଛି ଯାହାକି ଏକ ସୁସ୍ଥ ଶରୀରକୁ ସୂଚିତ କରିଥାଏ।

ପ୍ରଥମତଃ ଆପଣଙ୍କୁ ଶୋଇବା ସମୟରେ ଯଦି ୩୦ମିନିଟ ମଧ୍ୟରେ ନିଦ ଆସି ଯାଉଛି ତେବେ ଏହା ଏକ ସୁସ୍ଥ ଶରୀର ଲକ୍ଷଣ ହୋଇଥାଏ।

ସେହିପରି ମହିଳାମାନଙ୍କ କ୍ଷେତ୍ରରେ ଯଦି ୨୧ରୁ ୪୫ ଦିନ ମଧ୍ୟରେ ଋତୁସ୍ରାବ ଆସୁଛି। ତେବେ ଏହା ବି ସୁସ୍ଥ ଶରୀର ଏକ ସଙ୍କେତ ରହିଛି। ଏଥିସହିତ ଦିନ ଭିତରେ ଆପଣ ଆପଣଙ୍କ ଦୈନନ୍ଦିନ କାମ କରିବା ସମୟରେ ଯଦି କ୍ଲାନ୍ତ ଅନୁଭବ କରୁ ନାହାନ୍ତି ତେବେ ଆପଣ ସୁସ୍ଥ ଅଛନ୍ତି ବୋଲି ଜାଣି ରଖନ୍ତୁ।

ସେହିପରି କୌଣସି ଜିନିଷକୁ ଯଦି ଆପଣ ସହଜରେ ମନେ ରଖି ପାରୁଛନ୍ତି, ଏହା ଏକ ସୁସ୍ଥ ମସ୍ତିଷ୍କର ସଙ୍କେତ ଅଟେ। ଏହି କ୍ରମରେ ପ୍ରତିଦିନ ମଳତ୍ୟାଗ କଲା ବେଳେ ଯଦି କୌଣସି ଅସୁବିଧା ହେଉନାହିଁ, ଏହାବି ଶରୀର ସୁସ୍ଥ ଥିବାକୁ ସୂଚିତ କରେ।

ଶିଡ଼ି ଚଢ଼ିବା ସମୟରେ ଯଦି ଜୋରଜୋରରେ ନିଶ୍ୱାସ ଚାଲୁ ନାହିଁ ତେବେ ଏହା ସୁସ୍ଥ ହୃଦୟର ସଙ୍କେତ ଦିଏ। ସେହିପରି କୌଣସି ସ୍ଥାନରେ ଆଘାତ ଲାଗିଲେ ଯଦି ଘା' ଠିକ ସମୟରେ ଶୁଖିଯାଉଛି, ତେବେ ଜାଣି ରଖନ୍ତୁ ଶରୀରର ଇମ୍ୟୁନି ସିଷ୍ଟମ ଠିକ ଅଛି।

ଚର୍ମ ଯଦି କୁଣ୍ଡେଇ ହେଉ ନାହିଁ କି ବ୍ରଣ ସମସ୍ୟା ନାହିଁ ଜାଣି ରଖନ୍ତୁ ଶରୀର ସୁସ୍ଥ ଅଛି । କାରଣ ଶରୀର ଭିତରେ କୌଣସି ଅସୁବିଧା ଥିଲେ ତାହା ସିଧାସଳଖ ଚର୍ମ ଉପରେ ପଡ଼ିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନେତାନ୍ୟାହୁଙ୍କ ପାଇଁ ବିକଳ୍ପ...

ଏଇ ଅଳ୍ପ ଦିନ ପୂର୍ବେ ଗାଜା ଯୁଦ୍ଧକୁ ଛଅ ମାସ ପୂରିଛି, କିନ୍ତୁ କାଇରୋଠାରେ ଯୁଦ୍ଧ ବିରତି ଆଲୋଚନା ସମ୍ବନ୍ଧରେ କେତେକାଂଶରେ ଉତ୍ସାହିତ ହେବା ଭଳି ଖବର ମିଳିଥିଲେ ବି ଏହି ଯୁଦ୍ଧର ନିକଟ ଭବିଷ୍ୟତ ନିରାଶାଜନକ ମନେ ହେଉଛି, ଯେହେତୁ ଇସ୍ରାଏଲୀ ସେନା ରଫା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଅକ୍ଟୋବର ୭ର ହମାସ୍ ଆକ୍ରମଣରେ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିବା ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଗୋଟିଏ ପକ୍ଷରେ ନିଜର ହମାସ୍‌କୁ ସମୂଳେ ନିପାତ କରିବାର ଶପଥକୁ ହାସଲ କରିବା ତ ସମ୍ଭବପର ହୋଇପାରି ନାହିଁ, ବରଂ ତା' ପରିବର୍ତ୍ତେ ବର୍ତ୍ତମାନ ନିଜ ଦେଶ ଭିତରେ ମଧ୍ୟ ବିରୋଧର ସମ୍ମୁଖୀନ ହେଲେଣି ଏବଂ ତା' ସହିତ ଆମେରିକା ଓ ଇଂଲଣ୍ଡରେ ଥିବା ନିଜର ସବୁଠୁ ଦୃଢ଼ ସମର୍ଥକମାନଙ୍କର ସମର୍ଥନକୁ ଦ୍ରୁତ ଗତିରେ ହରାଇବାକୁ ଆରମ୍ଭ କରିଛନ୍ତି। ଏସବୁ ସତ୍ତ୍ୱେ ମନେହୁଏ ତଥାପି ସେ ଯୁଦ୍ଧର ପଥ ପରିହାର ନ କରିବାକୁ ବଦ୍ଧ ପରିକର । ନେତନ୍ୟାହୁଙ୍କ ସ୍ଥିତି ଅଧିକ ସଙ୍ଗୀନ ହେବା ଭଳି ପ୍ରତୀୟମାନ ହୋଇଛି ଯେତେବେଳେ ତାଙ୍କୁ ନିଜ ଦେଶରେ ମଧ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି ଗତ ରବିବାର ଦିନ । ଏହି ଦିନ ଗାଜାର ଏକ ଏନ୍‌କ୍ଲେଭରେ ଭୋକିଲା ଲୋକମାନଙ୍କୁ ଆହାର ଯୋଗାଉ ଥିବା ବେଳେ ଇସ୍ରାଏଲର ବୋମା ମାଡ଼ରେ ସାତ ଜଣ ଆନ୍ତର୍ଜାତିକ ସହାୟତା ପ୍ରଦାନକାରୀ କର୍ମୀଙ୍କର ମୃତ୍ୟୁ ଘଟିଛି । ଅବଶ୍ୟ ଏହାକୁ 'ଅନିଚ୍ଛାକୃତ ଆଘାତ' କହି ନେତାନ୍ୟାହୁ କ୍ଷମା ଭିକ୍ଷା କରିବାର ଉଦ୍ୟମ କରିଛନ୍ତି, ତେବେ ଏହା ଯେ ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଛି, ସେ ସମ୍ପର୍କରେ କେତେକ ଯୁକ୍ତିଯୁକ୍ତ ପ୍ରମାଣ ଦର୍ଶାଯାଉଛି। ଅପର ପକ୍ଷରେ, ନିଜ ଦେଶର ସଂସଦ ଭବନ ବାହାରେ ହାରାହାରି ଲକ୍ଷେ ଲୋକଙ୍କ ପ୍ରତିବାଦକୁ ସାମ୍ନା କରିବାକୁ ପଡ଼ିଛି ନେତାନ୍ୟାହୁଙ୍କୁ ଯେଉଁମାନେ, ପଣବନ୍ଦୀ ପ୍ରତ୍ୟର୍ପଣ ସହିତ ସାନି ନିର୍ବାଚନ କରାଇବାର ଦାବି ଉଠାଇ ଥିଲେ। ସମ୍ପ୍ରତି ନେତାନ୍ୟାହୁଙ୍କ ଆଗରେ ରହିଛି ଦୁଇଟି ବିକଳ୍ପ- ଗୋଟିଏ ସେ ଯୁଦ୍ଧ ବନ୍ଦ କରିବେ, ଏବଂ ଅନ୍ୟଟି ହେଉଛି ରଫା ଉପରେ ଆକ୍ରମଣ କରିବାର ଶେଷ ଗୋଟି ଚାଳନା କରିବା, ଯାହାକୁ ସେ ଯଦି ବାଛନ୍ତି, ତା'ହେଲେ ତାହା ହେବ ବିଶ୍ୱର ସବୁଠୁ ବଡ଼ ମାନବୀୟ ସଂକଟ, କାରଣ ଗାଜାର ଅବଶିଷ୍ଟ ଅଂଶରୁ ଏହି ସ୍ଥାନକୁ ସୁରକ୍ଷିତ ମନେକରି ଏଠାରେ ଆସି ଶରଣାର୍ଥୀ ଭାବରେ ଆଶ୍ରୟ ନେଇଥିବା ମିଲିଅନ୍ ମିଲିଅନ୍ ସଂଖ୍ୟକ ଲୋକଙ୍କର ପ୍ରାଣହାନି ଘଟିବ । ହମାସର ଦକ୍ଷିଣ ଇସ୍ରାଏଲ ଉପରେ ଆକ୍ରମଣ ୧,୧୭୦ ଲୋକଙ୍କ ନିଧନର କାରଣ ପାଲଟି ଥିଲା, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସାଧାରଣ ଲୋକ । ନେତନ୍ୟାହୁଙ୍କ ଦ୍ୱନ୍ଦ୍ୱ ହେଉଛି- ହମାସ୍ ଇସ୍ରାଏଲ ଉପରେ ଆକ୍ରମଣ କରି ଗାଜାକୁ ଫେରି ଆସିବା ପୂର୍ବରୁ ସାଙ୍ଗରେ ପଣବନ୍ଦୀ ଭାବରେ ନେଇ ଆସିଥିବା ୨୫୦ ଇସ୍ରାଏଲୀ ଏବଂ ବିଦେଶୀ ନାଗରିକମାନଙ୍କ ମଧ୍ୟରୁ ନିହାତି କମ୍‌ରେ ୧୨୯ ଜଣଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ପଣବନ୍ଦୀ ଭାବରେ ରଖୁଥିବା, ଯେଉଁମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସେ ଚାହାନ୍ତି । ଏହି ଲୋକମାନଙ୍କ ମଧ୍ୟରୁ କେତେକଙ୍କ ଭାଗ୍ୟ ଏବେ ସୁଦ୍ଧା ଅଜଣା ରହିଥିବା ବେଳେ ନିହାତି କମ୍‌ରେ ୧୦୦ ଜଣ ପଣବନ୍ଦୀ ଭାବରେ ରହିଛନ୍ତି ଏବଂ ସେମାନଙ୍କ ମୁକ୍ତି ହିଁ କେବଳ ଇସ୍ରାଏଲୀ ପ୍ରଧାନମନ୍ତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏଇ ଦ୍ୱନ୍ଦ୍ୱ ଏଭଳି ଅବସ୍ଥାରେ ପହଞ୍ଚିଛି ଯେ ସେ ପଣବନ୍ଦୀ କାରବାରକୁ ଆଦୌ ଗ୍ରହଣ କରି ପାରିବେ ନାହିଁ ଯେହେତୁ ହମାସ୍ ଏହା ବିନିମୟରେ ଗାଜାରୁ ସମ୍ପୂର୍ଣ୍ଣ ଭାବରେ ଇସ୍ରାଏଲୀ ସେନାଙ୍କ ପ୍ରତ୍ୟାହାର ଦାବି କରୁଛି । ଆଉ ଇସ୍ରାଏଲର ଗାଜାରୁ ପ୍ରତ୍ୟାହାର ଏଠାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିବ, ଯାହା ହୁଏତ ପୁଣିଥରେ ହମାସ୍‌କୁ ଏଠାରେ ନିଜର ଶକ୍ତି ବୃଦ୍ଧି କରିବାର ସୁଯୋଗ ପ୍ରଦାନ କରିବ। ଇସ୍ରାଏଲରେ ସାଧାରଣ ନିର୍ବାଚନ କରିବା ବର୍ତ୍ତମାନ ଅବସ୍ଥାରେ ସମ୍ଭବପର ନୁହେଁ, କାରଣ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ଯୁଦ୍ଧରେ ଛନ୍ଦି ହୋଇ ଯାଇଛନ୍ତି ଏବଂ ଯଦି ବି ନିର୍ବାଚନ କରାଯାଏ, ତା'ହେଲେ ପୁଣିଥରେ ଦକ୍ଷିଣପନ୍ଥୀମାନେ ବିଜୟ ଲାଭ କରିବାର ସମ୍ଭାବନା ଅଧିକ ଯେହେତୁ ସେମାନେ ନିଜ ଦେଶକୁ ସୁରକ୍ଷା ପ୍ରଦାନ କରିବା ଉପରେ ଅଧିକ ଗୁରୁତ୍ୱ ଆରୋପ କରନ୍ତି, ଯାହା ଦାମାସ୍କକସ୍‌ରେ ଇରାନୀୟ ସେନାଧକ୍ଷମାନଙ୍କୁ ହତ୍ୟା କରିବା ଭଳି ଇସ୍ରାଏଲର ଦୁଃସାହସିକ ପଦକ୍ଷେପ ପରେ ମଧ୍ୟପ୍ରାଚ୍ୟରେ ଇରାନ୍ ଆତଙ୍କବାଦୀମାନଙ୍କ ଛାୟା ଯୁଦ୍ଧକୁ ପରିଲକ୍ଷିତ କରୁଛି। ଯୁଦ୍ଧ ପରବର୍ତ୍ତୀ ପରିସ୍ଥିତି କିପରି ହେବ, ସେ ସମ୍ପର୍କରେ ଆଦୌ କୌଣସି ଚିନ୍ତା ନ କରି ଇସ୍ରାଏଲ ଯୁଦ୍ଧ କରୁଛି । ସମଗ୍ର ବିଶ୍ୱ ଯେପରି ଚିନ୍ତା କରୁଛି, ସେହି ଅନୁସାରେ ଏକ ଦୁଇ-ରାଷ୍ଟ୍ର ନୀତି ହୁଏତ ସମଗ୍ର ପ୍ରସଙ୍ଗର ସମାଧାନ ପାଇଁ ଶ୍ରେଷ୍ଠ ପନ୍ଥା ହୋଇପାରେ, କିନ୍ତୁ ଯେ ପର୍ଯ୍ୟନ୍ତ ଯୁଦ୍ଧ ଶେଷ ହୋଇନାହିଁ ଏବଂ ଶାନ୍ତି ପ୍ରତିଷ୍ଠାକୁ ସୁଯୋଗ ଦିଆଯାଇ ନାହିଁ, ସେ ପର୍ଯ୍ୟନ୍ତ ଏ ସମ୍ପର୍କରେ କଦାଚିତ୍ ଆଲୋଚନା ଆରମ୍ଭ କରାଯାଇ ପାରିବ । ଗାଜା ଯୁଦ୍ଧକୁ ନେଇ ମୋଟାମୋଟି ସମ୍ପ୍ରତି ଯେଉଁ ପ୍ରଶ୍ନଟି ସମଗ୍ର ବିଶ୍ୱବାସୀଙ୍କ ସମ୍ମୁଖରେ ରହିଛି, ତାହା ହେଉଛି- ହମାସ୍ ଉପରେ ସମ୍ପୂର୍ଣ୍ଣ ବିଜୟ ଲାଭ କରିବା, ଯାହା ହୁଏତ ଆଦୌ ହୋଇ ନପାରେ, ତାହା ବ୍ୟତୀତ ନେତାନ୍ୟାହୁଙ୍କ ଆଗରେ ଆଉ କିଛି ବିକଳ୍ପ ଅଛି କି ଯୁଦ୍ଧର ପରିସମାପ୍ତି ପାଇଁ !

## ସୁନୀଲ ଗାଭାସ୍କର: ଦି ଲିଟିଲ୍ ମାଷ୍ଟର



ଶ୍ରୀବତ୍ସ ନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

୧୯୭୧ ମସିହାରେ ଇଂଲଣ୍ଡ ଟୁର୍ ର ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୨୪ ଆଭରେଜରେ ଦୁଇଟି ଅର୍ଦ୍ଧଶତକ ସହ ୧୪୪ ରନ୍, ୧୯୭୨-୭୩ରେ ଭାରତ ମାଟିରେ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୨୪.୮ ଆଭରେଜ୍ ରେ ୨୨୦ ରନ୍ ସ୍କୋର,୧୯୭୪ ମସିହାରେ ପୁନର୍ବାର ଇଂଲଣ୍ଡ ମାଟିରେ ଇଂଲଣ୍ଡ ବିପକ୍ଷରେ ୩୭.୮୩ ଆଭରେଜ୍ ରେ ୨୨୭ ରନ୍ ର ପ୍ରଦର୍ଶନ ଥିଲା ଅତ୍ୟନ୍ତ ନୈରାଶ୍ୟଜନକ । ଯଦିଓ ୧୯୭୨ ରୁ ୧୯୭୪ ପର୍ଯ୍ୟନ୍ତ ତାଙ୍କର ବ୍ୟାଟ୍ ଚାଲିନଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୭୫ ମସିହାରେ ଭାରତର ସ୍ଥାୟୀ ଅଧିନାୟକ ବିଶନ ସିଂ ବେଦୀଙ୍କ ଗୋଡ଼ରେ ଆଘାତ ଯୋଗୁଁ ନ୍ୟୁଜିଲ୍ୟାଣ୍ଡ ଶୃଙ୍ଖଳା ନିମନ୍ତେ ଗାଭାସ୍କର ଅଧିନାୟକ ଦାୟିତ୍ୱରେ ରହିଥିଲେ । ଅଧିନାୟକ ଭାବେ ନିଜର ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବାରେ ସେ ସକ୍ଷମ ହୋଇଥିଲେ। ବ୍ୟକ୍ତିଗତ ୬୬.୩୩ ଆଭରେଜରେ ୨୬୬ ରନ୍ କରି ଭାରତକୁ ଭେଟି ଦେଇଥିଲେ ବିଜୟର ଉପହାର । ସେହି ବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫୫.୭୧ ଆଭରେଜ୍ ରେ ୩୯୦,୧୯୭୭-୭୮ରେ ଅଷ୍ଟ୍ରେଲିଆ ଟୁର୍ ରେ ୫୦ ଆଭରେଜରେ ୪୫୦ ରନ୍, ୧୯୭୮-୭୯ ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ୮୯.୪୦ ଆଭରେଜରେ ୪୪୭ ରନ୍ ପୁନର୍ବାର ଭାରତକୁ ଆଉ ଏକ ଶୃଙ୍ଖଳା ବିଜୟ ଭେଟି ଦେଇଥିଲେ। ପାକିସ୍ତାନ ବିପକ୍ଷରେ ଏତାଦୃଶ୍ୟ ଖେଳ ନିମନ୍ତେ ପାକିସ୍ତାନ ଦଳର ତତ୍କାଳୀନ ଅଧିନାୟକ ଇମ୍ରାନ ଖାଁ ତାଙ୍କୁ 'କମ୍ପାକ୍ଟ ବ୍ୟାଟ୍ସମ୍ୟାନ' କ୍ଷର ଆଖ୍ୟା ଦେଇଥିଲେ । ଅଧିନାୟକ ଭାବେ ତାଙ୍କର ରେକର୍ଡ ଏତେ ପ୍ରଭାବଶାଳୀ ନଥିଲେ ମଧ ଅପ୍ରାକୃତିକ ବୋଲିଙ୍ଗ ଆକ୍ରମଣ ବିପକ୍ଷରେ ରକ୍ଷଣଶୀଳ ବ୍ୟାଟିଂର ନମୁନା ପ୍ରଦର୍ଶନ କରି ଭାରତକୁ ୯ ଟି ବିଜୟ ଓ ଅଧିକାଂଶ ମ୍ୟାଚ୍ ଡ୍ର ର ଉପହାର ଦେଇଥିଲେ । ୧୯୭୯ ମସିହାରେ ଇଂଲଣ୍ଡ ମାଟିରେ ଶ୍ରୀନିବାସ ଭେଙ୍କଟରାଘବନଙ୍କ ଅଭିଜ୍ଞତା ଯୋଗୁଁ ସୁନୀଲଙ୍କ ଠାରୁ ଅଧିନାୟକ ପଦ ଛଡ଼ାଇ ନେଇ ତାଙ୍କୁ ଦିଆଯାଇଥିଲା । ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସେହି ସିରିଜର ପ୍ରଥମ ଚାରି ମ୍ୟାଚ୍ ରେ ସୁନୀଲଙ୍କ ୪ ଟି ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ଇଂଲଣ୍ଡ ଠାରୁ ୦-୧ ରେ ପଛୁଆ ଥିଲା । ଶୃଙ୍ଖଳାର ଶେଷ ମ୍ୟାଚରେ ୪୩୮ ରନ୍ ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଦଳ ଭାରତ ପକ୍ଷରୁ ସୁନୀଲ ଯେଉଁ ଭଳି ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ତାହା ବାସ୍ତବିକ ପ୍ରଶଂସନୀୟ ।

ସେହି ମ୍ୟାଚ୍ ରେ ଇଅନ୍ ବୋଥାମ ସୁନୀଲଙ୍କୁ ଆଉଟ୍ କଲା ବେଳକୁ ଭାରତକୁ ୪୬ ବଲରୁ ୪୯ ରନ୍ ଦରକାର ଥିଲା କିନ୍ତୁ ମ୍ୟାଚ୍ ଶେଷରେ ସେଦିନ ଭାରତ ବିଶ୍ୱ ରେକର୍ଡ ଠାରୁ ମାତ୍ର ୯ ରନ୍ ଦୂରରେ ରହିଯାଇଥିଲା । ଯଦିଓ ଭାରତ ବିଜୟ ହାସଲ କରିନଥିଲା କିନ୍ତୁ ସମସ୍ତଙ୍କର ମନ କିଣି ନେଇଥିଲେ ଗାଭାସ୍କର । ପୂର୍ବତନ କ୍ରିକେଟର ସଞ୍ଜୟ ମନଜ୍ରେକର ଙ୍କ ଭାଷାରେ ଏହା ଥିଲା 'ଭିଣ୍ଟେଜ୍ ଗାଭାସ୍କର' । 'କପି ବୁକ୍' ଶୈଳୀରେ ନିଜର ଖେଳ ଜାରି ରଖି ୭୭.୪୨ ଆଭରେଜ୍ ରେ ୫୪୨ ରନ୍ ସ୍କୋର ନିମନ୍ତେ ତାଙ୍କୁ 'ଉଇଜଡମ୍ କ୍ରିକେଟର ଅଫ ଦି ଇୟର୍' ଭାବେ ପୁରସ୍କୃତ କରାଗଲା । ୬ ମାର୍ଚ୍ଚ ୧୯୭୧ ମସିହାରୁ ୫ ନଭେମ୍ବର ୧୯୮୭ ମସିହା ଅର୍ଥାତ୍ ଦୀର୍ଘ ୧୭ ବର୍ଷ ଧରି ଭାରତ ପକ୍ଷରୁ ଆନ୍ତର୍ଜାତୀୟ ସ୍ତରରେ ଟେଷ୍ଟ ଓ ଦିନିକିଆ ମ୍ୟାଚ୍ ଖେଳି ସେ ବିଶ୍ୱ କ୍ରୀଡା କ୍ଷେତ୍ରରେ ଅନେକ ମାଇଲଷ୍ଟୋନ ରଚନା କରିଛନ୍ତି । ଜଣେ ଓପନର୍ ବ୍ୟାଟସ୍‌ମ୍ୟାନ ଭାବେ ୧୨୫ ଟି ଟେଷ୍ଟରେ ୩୪ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ସହ ୧୦,୧୨୨ ରନ୍ ଓ ୧୦୮ ଦିନିକିଆରେ ୧ ଟି ଶତକ ଓ ୨୭ଟି ଅର୍ଦ୍ଧଶତକ ସହ ୩୦୯୨ ରନ୍ ସ୍କୋର କରିଥିଲେ । ଦ୍ରୁତ ବୋଲିଙ୍ଗ ବିପକ୍ଷରେ ତାଙ୍କର ଖେଳିବାର ଶୈଳୀ ଥିଲା ନିଆରା । ବିଶେଷ କରି କ୍ରିକେଟରେ ତତ୍କାଳୀନ ସବୁଠାରୁ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୩ ଶତକ ସହ ୨୭୪୯ ରନ୍ କରି ଅଦ୍ୟାବଧି ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ତାଙ୍କ ରେକର୍ଡ ଅକ୍ଷୁର୍ଣ୍ଣ ରହିଛି । ବିଶ୍ୱର ପ୍ରଥମ ଖେଳାଳୀ ଭାବେ ଟେଷ୍ଟ କ୍ରିକେଟରେ ୧୦,୦୦୦ ରନ୍ ର ମାଇଲଷ୍ଟୋନ ପ୍ରତିଷ୍ଠା କରିଥିଲେ । ୨ ଟି ଭେନ୍ୟୁରେ ଲଗାତାର ୪ଟି ଶତକୀୟ ପାଳି ୨ ଥର ଖେଳିବା ସହ ଜଣେ କ୍ଷେତ୍ର ରକ୍ଷକ ଭାବେ ୧୦୦ ଟି କ୍ୟାଚ ନେଇ ଖେଳର ସବୁ ବିଭାଗରେ ନିଜର ପାରଦର୍ଶିତାର ପ୍ରମାଣ ଦେଇଥିଲେ । ବହୁ ଚର୍ଚ୍ଚିତ ଭାରତୀୟଙ୍କ ମଧରେ ଗଣତି ଏବଂ ଉପମହାଦେଶର ପ୍ରଥମ କ୍ରିକେଟ ସୁପରଷ୍ଟାର ଭାବରେ

ଓପନର ବ୍ୟାଟ୍ସମ୍ୟାନ ଲିଟିଲ୍ ମାଷ୍ଟର ସୁନୀଲ ଗାଭାସ୍କରଙ୍କ ଧିମା ଇନିଙ୍ଗସ୍ ଯୋଗୁଁ ସେ ସମାଲୋଚନାର ଶିକାର ହୋଇଥିଲେ । ୭ ଜୁନ୍ ୧୯୭୫ ମସିହାରେ କ୍ରିକେଟର ପ୍ରଥମ ବିଶ୍ୱକପର ପ୍ରଥମ ମ୍ୟାଚ୍ ରେ ଇଂଲଣ୍ଡର ୩୩୫ ରନ୍ ର ଲକ୍ଷ୍ୟକୁ ନେଇ ଭାରତ ତରଫରୁ ଲିଟିଲ୍ ମାଷ୍ଟର ଇନିଂସ ଓପନ କରିଥିଲେ ।ଅତ୍ୟଧିକ ରକ୍ଷଣଶୀଳ ଖେଳ ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତା ରହି ୧୭୪ ବଲରୁ ୩୬ ରନ୍ ସଂଗ୍ରହ କରିଥିଲେ । ଭାରତର ପାରି ୬୦ ଓଭର୍ ରେ ୩ ୱିକେଟ ହରାଇ ୧୩୨ ରନ୍ ରେ ସୀମିତ ହୋଇଗଲା ଫଳରେ ଭାରତ ୨୦୨ ରନ୍ ରେ ଇଂଲଣ୍ଡ ଠାରୁ ପରାଜୟ ବରଣ କରିଥିଲା ଭାରତ । ମ୍ୟାଚ୍ ପରେ ଗାଭାସ୍କରଙ୍କ ଏହି ମନ୍ଥର ଇନିଂସ ଭାରତ ପରାଜୟର କାରଣ ବୋଲି ଅନୁଭବ କରି ଅନେକ କ୍ରିକେଟର ଓ କ୍ରିକେଟ ସମୀକ୍ଷକ ତାଙ୍କୁ ସମାଲୋଚନା କରିଥିଲେ । ଅବଶ୍ୟ ବିଶ୍ୱ କ୍ରିକେଟ ଇତିହାସରେ ସବୁଠାରୁ ମନ୍ଥର ପାଳି ଖେଳି ସୁନୀଲ ଗାଭାସ୍କର ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛନ୍ତି । ସେ କ୍ରିକେଟ କ୍ଷେତ୍ରରେ ନିଜର ପାରଦର୍ଶିତା ନିମନ୍ତେ ଅନେକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ୧୯୮୦ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ନୀଲମ ସଞ୍ଜୀବ ରେଡ୍ଡୀଙ୍କ ଠାରୁ ଭାରତର ତୃତୀୟ ସର୍ବୋଚ୍ଚ ନାଗରିକ ,'ପଦ୍ମ ଭୂଷଣ' ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୨ ଡିସେମ୍ବର ୧୯୯୪ ରେ ମୁମ୍ବାଇର ରାଜ ଭବନରେ 'ବମ୍ବେ ସରିଫ' ପଦ ଅଳଙ୍କୃତ କରିଥିଲେ । ଗାଭାସ୍କରଙ୍କ ସମ୍ମାନାର୍ଥେ ୧୯୯୬ ମସିହା ଠାରୁ ଭାରତ ଓ ଅଷ୍ଟ୍ରେଲିଆ ମଧରେ ଖେଳାଯାଉଥିବା ଦ୍ୱିପାକ୍ଷିକ ଟେଷ୍ଟ ଶୃଙ୍ଖଳା, 'ବର୍ଡର ଗାଭାସ୍କର' ଟ୍ରଫି ନାମରେ ନାମିତ ହୋଇଅଛି । ୨୦୦୩ ମସିହାରେ ସେ ପ୍ରଥମ ଓ ଏକମାତ୍ର ଭାରତୀୟ ଭାବେ ମେଲବୋର୍ଣ୍ଣ କ୍ରିକେଟ କାଉନସିଲ ସ୍ପିରିଟ ଅଫ କ୍ରିକେଟ କାଓଡ୍ରେ ଲେକ୍ଚରରେ ନିଜର ଅଭିଭାଷଣ ଦେଇ ଅନେକ ପ୍ରଶଂସା ସାଉଁଟିଥିଲେ ଏବଂ ୨୨ ନଭେମ୍ବର ୨୦୧୨ରେ ସି.କେ ନାୟୁଡୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ଼ ପାଇଥିଲେ। ଆମେରିକାର କେଣ୍ଟୁକି ଠାରେ ଏକ କ୍ରିକେଟ ପଡିଆ ତାଙ୍କ ନାମରେ ନାମିତ ଯାହା କି ଏକ ଆନ୍ତର୍ଜାତୀୟ ପଡିଆ କୌଣସି ଭାରତୀୟଙ୍କ ନାମରେ ନାମିତ ହେବା ଏକ ବିରଳ ଘଟଣା । ୧୯୮୭ ମସିହାରେ କ୍ରିକେଟକୁ ଅଲବିଦା କରିସାରିଲା ପରଠାରୁ ଗାଭାସ୍କର ତାଙ୍କର ଅତୁଳନୀୟ କ୍ରିକେଟ୍ ଆକ୍ୟୁମେନକୁ କେତେକ ଅଗ୍ରଣୀ ଭାରତୀୟ ଖବରକାଗଜ ଏବଂ ପତ୍ରିକା ପାଇଁ ବ୍ୟବହାର କରିବା ସହ କ୍ରିକେଟର ଲମ୍ବା ଅନୁଭୂତିକୁ ଜଣେ ଲୋକପ୍ରିୟ ସମୀକ୍ଷକ ଭାବେ ଜାତୀୟ ଟେଲିଭିଜନ ଚ୍ୟାନେଲରେ କ୍ରୀଡ଼ାପ୍ରେମୀଙ୍କ ଉଦ୍ଦେଶ୍ୟରେ ବାଣ୍ଟୁଛନ୍ତି । ୨୦୦୪ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ ସେ ଭାରତୀୟ ଜାତୀୟ କ୍ରିକେଟ ଦଳର ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ସହ ୨୦୦୯ ମସିହାରେ ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦର ହଲ୍ ଅଫ୍ ଫେମ୍ର ରେ ଅନ୍ତର୍ଭୁକ୍ତ ହୋଇଥିଲେ । ୨୦୧୪ ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କୁ ୭ମ ଆଇ.ପି.ଏଲ୍ ମ୍ୟାଚ୍ ର ପରିଚାଳନା ନିମନ୍ତେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ମଧବର୍ତ୍ତୀ କାଳୀନ ସଭାପତି ଭାବେ ନିଯୁକ୍ତି ମଧ ଦେଇଥିଲେ ।

ଅନେକ ଖେଳାଳୀ ଆସିବେ ଅନେକ ଖେଳାଳୀ ଯିବେ କିନ୍ତୁ କିଛି ଖେଳାଳୀମାନଙ୍କର ଅବଦାନ ସର୍ବଦା ଅବିସ୍ମରଣୀୟ । ଲିଟିଲ୍ ମାଷ୍ଟର ଭାବେ ପରିଚିତ ଗାଭାସ୍କରଙ୍କର କୃତିତ୍ୱ ବ୍ୟାଟିଂ କୌଶଳ ଯୁବ ପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହେବ । ପଡ଼ିଆରେ ବ୍ୟାଟ୍ ଚାଳନା କରିବାଠାରୁ ଆରମ୍ଭ କରି, ସ୍ତମ୍ଭକାର, ଭାଷ୍ୟକାର, ସମାଲୋଚକ ଏବଂ କ୍ରୀଡା ପ୍ରଶାସକ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ତାଙ୍କର ପାରଦର୍ଶିତା ସର୍ବଜନବିଦିତ । (ସମାପ୍ତ)

+ ଅଧ୍ୟାପକ,ବାଣିଜ୍ୟ ବିଭାଗ,କଟକ
ମୋ: ୯୪୩୮୦୭୦୮୪୯

## ଦୁଷ୍ମନୀ ଲେକିନ୍ ଗୁଞ୍ଜାଇସ୍ ସେ



ଗିରିଧାରୀ ସାମଲ

ଦିନକ ତଳେ ମୁଖ୍ୟ ନିର୍ବାଚନ କମିଶନ ପକ୍ଷରୁ ସାଧାରଣ ନିର୍ବାଚନର ତାରିଖ ଘୋଷଣା କରାଗଲା। ଏହି ତାରିଖ ଘୋଷଣା ଅବସରରେ ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ରାଜନୀତିକ ଦଳ ଗୁଡ଼ିକୁ ପରାମର୍ଶ ଦେବା ଅବସରରେ ଚାରିଟ ସାୟରୀ ଶୁଣାଇଥିଲେ। ସେଥିମଧ୍ୟରୁ ଗୋଟିଏ ହେଲା 'ଦୁଷ୍ମନୀ ଜମ କର୍ କରୋ, ଲେକିନ୍ ଗୁଞ୍ଜାଇସ୍ ସେ'। ଏହାର ଅର୍ଥ ହେଲା ପରସ୍ପର ମଧ୍ୟରେ ଶତ୍ରୁତା କର, କିନ୍ତୁ ସେ ସବୁ ସୀମା ଭିତରେ ରହୁ। ରାଜନେତାମାନେ ବ୍ୟକ୍ତିଗତ ଆକ୍ରମଣ ସ୍ତରକୁ ଓହ୍ଲାଇ ନ ଆସନ୍ତୁ। ରାଜନୀତିକ ଦଳ ଏବଂ ରାଜନେତାମାନେ ଏଭଳି କିଛି ଶବ୍ଦର ପ୍ରୟୋଗ ନକରନ୍ତୁ, ଯାହାଦ୍ୱାରା ଭବିଷ୍ୟତରେ ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିବା ପରିବର୍ତ୍ତେ ଘଟଣା ବଢ଼ି ବଢ଼ି ନ ଚାଲୁ।

ଗୋଟିଏ ଛୋଟିଆ କଥା ଦେଖନ୍ତୁ। ରାଜନୀତି ତା ବାଟରେ ଚାଲୁ କିନ୍ତୁ ସମ୍ପର୍କ ଆଦୌ ପଛ ନହେଉ। କିନ୍ତୁ ଚଳିତ ନିର୍ବାଚନ କ'ଣ ସବୁବେଳେ ନିର୍ବାଚନ ସମୟରେ ଦେଖାଯାଇଥାଏ ଯେ, ଏହି ଆକ୍ଷେପର ସ୍ତର ଏପରି ଘଟଣା ବା ପରିସ୍ଥିତି ସୃଷ୍ଟି କରିଥାଏ ଯେ ସାଧାରଣରେ କେବଳ ଆଇନ ଶୃଙ୍ଖଳା ପରିସ୍ଥିତି ନୁହେଁ ଅପ୍ରିତୀକର ପରିସ୍ଥିତି ମଧ ଏଥିପାଇଁ ସୃଷ୍ଟି ହୋଇଥାଏ ଯାହାପାଇଁ ସାଧାରଣ ଲୋକମାନେ ଅନେକ ସମସ୍ୟାକୁ ସାମ୍ନା କରିଥାନ୍ତି। ସହଯେ ତ ଆଜିର ନିର୍ବାଚନ ପରିବେଶକୁ ଦେଖିଲେ ସ୍ୱାମୀ ଗୋଟିଏ ଦଳରେ ତ ସ୍ତ୍ରୀଙ୍କର ଅନ୍ୟ ଏକ ଦଳ। ପରିବାରରେ ତିନିଭାଇ ଥିଲେ ମଧ ସେମାନେ ତିନଟି ଦଳକୁ ଆପଣାଉଛନ୍ତି। ତେଣୁ ରାଜନୀତିରେ ମୂଲ୍ୟବୋଧ ତ ଆଦୌ ନାହିଁ କିନ୍ତୁ ଏପରି ସମୟରେ ସାଧାରଣ ନେତାମାନେ ନିଜ ରାଜନୈତିକ ସ୍ୱାର୍ଥ ଓ ଫାଇଦା ପାଇଁ ଯେଉଁପରି ଶତୃତାର ସ୍ତରକୁ ଯାଉଛନ୍ତି ତାହା ଆଦୌ ଗ୍ରହଣୀୟ ହୋଇପାରିବ ନାହିଁ। ବର୍ତ୍ତମାନର ସମୟରେ ଯୁବପିଢ଼ୀମାନେ ନେତାମାନଙ୍କ ହାତ ବାରିସୀ ସହଜରେ ହୋଇଯାଉଛନ୍ତି ଯାହାଦ୍ୱାରା ସେମାନେ ବିଶ୍ୱର ସର୍ବବୃହତ୍ତ ଭାରତୀୟ ଗଣତନ୍ତ୍ରରେ ନିଜର ବ୍ୟକ୍ତିତ୍ୱ, ସାମର୍ଥ୍ୟ ଓ ପରାକାଷ୍ଠାକୁ ପ୍ରତିପାଦିତ କରିବାର ସୁଯୋଗ ପାଉନାହାଁନ୍ତି। ଏ କ୍ଷେତ୍ରରେ ସଚେତନତାର ଦାୟିତ୍ୱ ସମସ୍ତଙ୍କର ରହିଛି।

ସାଧାରଣତଃ ରାଜନୀତିକ ଦଳଗୁଡ଼ିକ କ୍ଷେତ୍ରରେ ଦେଖାଯାଇଛି ଯେ ଆକ୍ଷେପ, ପ୍ରତି ଆକ୍ଷେପ ରାଜନୀତିକ ସ୍ତର ଡେଇଁ ବ୍ୟକ୍ତିଗତ ସ୍ତରକୁ ଚାଲିଯାଉଛି। ଏହି ବ୍ୟକ୍ତିଗତ ସ୍ତରର ଆକ୍ଷେପରେ ସାରା ଜୀବନ ପାଇଁ ଜଣେ ନିଜର ଶତ୍ରୁ ତିଆରି କରୁଛି। ନିର୍ବାଚନରେ ଏକ ପାଞ୍ଚ ବର୍ଷିଆ ସମୟ ରହିଥିବା ବେଳେ କୌଣସି ପ୍ରକାରର ଶତ୍ରୁତା ଆଚରଣ, ବ୍ୟକ୍ତିଗତ ସ୍ତରକୁ ଚାଲି ଆସିଲେ ତାହା ଜୀବନଯାକ ପାଇଁ ରହିଯାଉଛି। ପରବର୍ତ୍ତୀ ସମୟରେ ଏହି କାରଣକୁ ନେଇ ହତ୍ୟାକାଣ୍ଡ ପର୍ଯ୍ୟନ୍ତ ଦେଖାଯାଉଛି। ବିଶେଷ କରି ରାଜନେତାମାନଙ୍କ ଅପେକ୍ଷା ସେମାନଙ୍କ ସମର୍ଥକମାନେ ପରସ୍ପର ସହ ଲଢ଼େଇ କରିବାରେ ବେଶ ଆଗରେ ଥିବା ଦେଖାଯାଏ। ଖୁବ କମ୍ ରାଜନେତା ନିଜର ରାଜନୀତିକ ଦୃଢ଼ତାରେ ସ୍ଥିର ଭାବରେ ରହନ୍ତି। କିନ୍ତୁ ବର୍ତ୍ତମାନ ଅଧିକାଂଶ ରାଜନେତା ନିଜ କ୍ଷେତ୍ରରେ ଏ ପ୍ରକାରର ଦୃଢ଼ତା ଦେଖିବାକୁ ମିଳୁନାହିଁ। ରାଜନେତାମାନଙ୍କ ଠାରେ ରାଜନୀତିକ ଆଦର୍ଶ ବୋଲି ଆଉ କିଛି ନାହିଁ। କେବଳ ସ୍ୱାର୍ଥ ସର୍ବସ୍ୱ ରାଜନୀତି ହିଁ ବର୍ତ୍ତମାନ ସମୟର ଆଦର୍ଶ ଭାବରେ ପରିଗଣିତ ହେଉଛି। ନିଜର ସ୍ୱାର୍ଥ ରହିଥିବା ପର୍ଯ୍ୟନ୍ତ ଜଣେ ଗୋଟିଏ ଦଳରେ ରହୁଛି ଏବଂ ଯେଉଁ ମୁହୂର୍ତ୍ତରେ ଆଉ ସ୍ୱାର୍ଥ ହାସଲ ହେବାର ସମ୍ଭାବନା ନାହିଁ ସେହି ମୁହୂର୍ତ୍ତରେ ଏହି ରାଜନେତାମାନେ ଦଳ ଛାଡ଼ି ଅନ୍ୟଦଳକୁ ଯାଉଛନ୍ତି। ଏହାକୁ କିଏ ବିଭୀଷଣ ପ୍ରବୃତ୍ତି କହୁଥିବାବେଳେ ଆଉ କେହି ଜୟଚନ୍ଦ୍ର ପ୍ରବୃତ୍ତି ବୋଲି କହୁଛନ୍ତି। ଏଭଳି ନେତାମାନେ ନିଜ ସ୍ୱାର୍ଥ ହାସଲ ପାଇଁ ନିଜ ସମ୍ପର୍କୀୟଙ୍କୁ ମଧ ବଳି ପକାଇ ଦେବାକୁ ପଛେଇବେ ନାହିଁ। ଅର୍ଥାତ୍ ଶତ୍ରୁତାର ଆଉ ସୀମା ନାହିଁ। ଏଣେ ନିର୍ବାଚନ କମିଶନ କହୁଛନ୍ତି ଶତ୍ରୁତା କର କିନ୍ତୁ ସୀମା ରହୁ। ରାଜନୀତିକ ଦଳ ଗୁଡ଼ିକ ଏହି ପରାମର୍ଶକୁ କେତେ ଦୂର ଗ୍ରହଣ କରିବେ ତାହା ଆସନ୍ତା ୩ ମାସ ଭିତରେ ଜଣାପଡ଼ିଯିବ। କିନ୍ତୁ ଏଭଳି କିଛି ଘଟଣା ନଘଟୁ ଯାହା ଫଳରେ ନିର୍ବାଚନ ପରବର୍ତ୍ତୀ ସମୟରେ ସାମାଜିକ ଶାନ୍ତିଶୃଙ୍ଖଳା ନଷ୍ଟ ହେବ ଏବଂ ବ୍ୟକ୍ତିଗତ, ପାରିବାରିକ ତଥା ସାମାଜିକ ସମ୍ପର୍କ ସବୁଦିନ ପାଇଁ ନଷ୍ଟ ହୋଇଯିବ। ଏ ପ୍ରକାରର ହେଉଛି ମଧ୍ୟ। ରାଜନୀତିକୁ ଗଣତାନ୍ତ୍ରିକ ପରମ୍ପରା ଭିତରେ ସରକାର ଗଠନ ଏବଂ ଏକ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରି ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଉଚିତ। କିନ୍ତୁ ବର୍ତ୍ତମାନର ରାଜନୀତି ସ୍ୱାର୍ଥପରତା ଆଡ଼କୁ ଗତି କରି ସାରିଥିବାରୁ ଦୁଷ୍ମନୀ ଭିତରେ ଗୁଞ୍ଜାଇସ ଦେଖିବାକୁ ମିଳିବ କି ନାହିଁ, ତାହା ଏକ ବଡ଼ ସନ୍ଦେହ।

+ ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ
ମୋ : ୯୪୩୭୪୫୦୧୧୪

## କୋଇଲି ନିରବିଗଲେ

ତପନ ରାୟ

ଡାକ ନାଁ ଥିଲା କୋଇଲି। ବାପାମାଆଙ୍କଠାରୁ ଅନୁପ୍ରାଣିତ ହୋଇ ପିଲାବେଳୁ ସେ ଖୁବ୍ ସୁନ୍ଦର ଭଜନ ଗାଉଥିଲେ। ଜନ୍ମସ୍ଥାନ ଥିଲା ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡ଼ାର ଏକ ଛୋଟ ଗାଁ। ପ୍ରଥମେ ସ୍କୁଲ, ତା'ପରେ ବିଭିନ୍ନ ସମାରୋହରେ ଭଜନ ପରିବେଷଣ ଏବଂ ପରେ ପରେ ଆକାଶବାଣୀର କଣ୍ଠଶିଳ୍ପୀର ମାନ୍ୟତା ଲାଭ କରିଥିଲେ କୋଇଲି ଓରଫ ଶାନ୍ତିଲତା ବାରିକ। ଏହାପରେ ତାଙ୍କ ଜୀବନରେ ଆସିଥିଲା ଏକ ନୂଆ ମୋଡ଼। ୧୯୭୮ ମସିହା ଶେଷ ଭାଗରେ କଲିକତାର ଇନ୍‌ରେକୋ ରେକର୍ଡ କମ୍ପାନୀରେ ସୁଯୋଗ ପାଇ ସେ ଗାଇଥିଲେ, "ହେ ଚକାନୟନ / ଅଗତିର ଗତି ଦୀନ ଦୁଃଖନାଶନ / ପତିତପାବନ ବୋଲି ଉଡ଼େ କେତନ।" ଗୀତଟି ମୁକ୍ତିଲାଭ କଲା ୧୯୭୯ ମସିହା ଜାନୁଆରୀ ପହିଲା ଦିନ, ଯାହାଫଳରେ କି ଓଡ଼ିଶାର ପୁରପଲ୍ଲୀରେ ତାଙ୍କର ନିଆରା ସ୍ୱର ତାଙ୍କୁ ଆଣି ଦେଇଥିଲା ଏକ ସ୍ୱତନ୍ତ୍ର ପରିଚିତି। ୧୯୮୨ରେ ଗାଥାନି ରେକର୍ଡଦ୍ୱାରା ଏକ ଭଜନ ଇ.ପି. ରେକର୍ଡ ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବଜାରକୁ ଆସିଲା। ସେଥିରେ ଥିବା ଚାରିଗୋଟି ଭଜନରେ କଣ୍ଠଦାନ କରିଥିଲେ ଶାନ୍ତିଲତା ବାରିକ। ଗୀତଗୁଡ଼ିକ ଥିଲା (୧) କାଳିଆ କାଳିଆ ଏତିକି କରୁଣା ହେଉ, (୨) ଭଜି ଭଜି ତୋ ନାମ ଚକାନୟନ ମୋର ଯାଉ ଜୀବନ, (୩) ମା' ମା' ବୋଲି ଡାକେ ନିତି ବାର ବାର, (୪) ଜଗା ଆସୁଛିରେ ବଡ଼ ଦାଣ୍ଡ ଦୁଲୁକେଇ। ଏଥିରେ ଥିବା 'ଭଜି ଭଜି ତୋ ନାମ ଚକାନୟନ' ଗୀତଟି ସେ ବର୍ଷର ସର୍ବାଧିକ ଲୋକପ୍ରିୟ ଭଜନ ହିସାବରେ ମାନ୍ୟତା ପାଇଥିଲା। ତା'ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ପରେ ପରେ ଗାଥାନି ଦ୍ୱାରା ନାରୀକଣ୍ଠରେ ଓଡ଼ିଶାର ପ୍ରଥମ ଭଜନ ଏଲ୍.ପି. ରେକର୍ଡ ବାହାରିଲା ଶାନ୍ତିଲତା ବାରିକଙ୍କ କଣ୍ଠରେ। ଭଜନ ଗାୟିକା ଭାବେ ଶହ ଶହ ଭଜନ ନିଜର ଯାଦୁକରୀ କଣ୍ଠରେ ଶ୍ରୋତାଙ୍କ ଆଗରେ ପରିବେଷଣ କରି ସମଗ୍ର ପରିବେଶକୁ ଭକ୍ତି ଓ ସମର୍ପଣ ଭାବରେ ଭରି ଦେଉଥିଲେ, ଯାହା ଓଡ଼ିଶାର କଳା, ସଂସ୍କୃତି ଓ ଶ୍ରୀଜଗନ୍ନାଥଙ୍କ ସହିତ ସମସ୍ତଙ୍କୁ ଭକ୍ତିଭାବରେ ବାନ୍ଧି ରଖିବାରେ ସମର୍ଥ ହୋଇପାରିଥିଲା। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଓ ଭଜନସମ୍ରାଟ ଭିକାରୀ ବଳଙ୍କ ପଟ୍ଟଶିଷ୍ୟା ହିସାବରେ ଜଗନ୍ନାଥ ଭଜନକୁ ସାରା ରାଜ୍ୟ ଓ ରାଜ୍ୟ ବାହାରେ ପ୍ରଚାର ଓ ପ୍ରସାର କରିବାରେ ତାଙ୍କର ଭୂମିକା ଅନନ୍ୟ। ୧୯୯୧ ମସିହାରେ କେନ୍ଦ୍ରାପଡ଼ାସ୍ଥିତ ବଳଦେବଜୀଉ ମନ୍ଦିର ଟ୍ରଷ୍ଟଦ୍ୱାରା 'ଭଜନ ସାମ୍ରାଜ୍ଞୀ' ଭାବେ ସମ୍ମାନିତ ହୋଇଥିଲେ। ସତରେ, ସେ ଥିଲେ କୋଟି ଓଡ଼ିଆଙ୍କ ହୃଦୟର ଭଜନ ସାମ୍ରାଜ୍ଞୀ। ୧ ଏପ୍ରିଲ ୨୦୨୪ ଉତ୍କଳ ଦିବସରେ ସେ ଆମ ସମସ୍ତଙ୍କୁ ଛାଡ଼ି ସ୍ୱର୍ଗାରୋହଣ କରିଛନ୍ତି। ଆଜି ତାଙ୍କର ଏକାଦଶାହ ଅବସରରେ ତାଙ୍କର ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।



ଭଜନ ସାମ୍ରାଜ୍ଞୀ ଶାନ୍ତିଲତା ବାରିକଙ୍କ ଏକାଦଶାହ ଉପଲକ୍ଷେ

+ ଆଜିମାବାଦ, ବାଲେଶ୍ୱର
ମୋ: ୯୪୩୭୧୪୮୩୫୩

## କବିତା କୋଣାର୍କ

### ତୁମେ

କଳ୍ପନା ମିଶ୍ର



ଶ୍ରାବଣ ଆସିଲା ଫଗୁଣ ଆସିଲା
ଫୁଲର ମହକ ନେଇ
ତୁମେ ଆସିଲନି ମନ ବୃନ୍ଦାବନେ
ମୋହନ ବଂଶୀ ବଜାଇ ।

ଫେରିବାକୁ ତୁମେ ପ୍ରତିଶ୍ରୁତି ଦେଇ
କାହିଁକି ଫେରିଲ ନାହିଁ
ଅପଲକେ ସାଥି ତୁମରି ବାଟକୁ
ଆଜିବି ରହିଛି ଚାହିଁ ।

କଥା ଦେଇଥିଲ ମଥା ଛୁଇଁ ମୋର
ହେବାକୁ ଜୀବନ ସାଥି
କଥା ରଖିଲନି ଏକା କରିଦେଲ
ଝୁରି ଝୁରି ପାହେ ରାତି ।

ତୁମେ ମୋ ମନର ସାଧା କାଗଜ ରେ
ଲେଖିଥିଲ ତୁମ ନାଁ
ଏତେ ଦୁଃଖ ଦେଲ ଲିଭାଇ ଦେଲି ମୁଁ
ଭୁଲିଲି ତୁମରି ଗାଁ ।

ହରିପୁର,ସୁକିନ୍ଦା, ଯାଜପୁର-୭୫୫୦୧୮
ମୋ: ୮୮୪୭୮୪୯୦୯୩

### ସୁଖ ଅନ୍ୱେଷଣ

ପ୍ରଭାତ କୁମାର ଆଚାର୍ଯ୍ୟ



ବଞ୍ଚିବାକୁ ସମସ୍ତେ ଚାହାଁନ୍ତି
ନିଜ ଇଚ୍ଛାର ଜୀବନ ।
ଅଥଚ ସୁଖ ପଛରେ ଧାଇଁ ଧାଇଁ
ସାରିଦିଅନ୍ତି ଆପଣା ଆୟୁଷ।
ମଧ୍ୟାହ୍ନର ଛାଇ ପରି ସୁଖ
କେବେ ଅଛି କେବେ ନାହିଁ, ।
ଦୁଃଖ ଅଛି ମଣିଷର
ଛାଇ ପରି ସାଥେ ସାଥେ,
ସୁଖ ପାଇବାକୁ ଅହରହ
ମରୀଚିକା ପଛେ ଧାଇଁଛି ମଣିଷ,
ଧାଉଁ ଧାଉଁ ଛାଡ଼ିଯାଏ
କେତେ ଛୋଟ ଛୋଟ ମିଠା ଅନୁଭୂତି
ସୁଖ ଖୋଜିଲା ବାଲା ଭାବେ
ଏଇ ପାଖରେ ବୋଧହୁଏ
ଅମରାବତୀ
ହାତ ପାହାନ୍ତାରେ ମିଳିଯିବ ଅମୃତ,
କିନ୍ତୁ ଜଣାନାହିଁ --
କସ୍ତୁରୀ ମୃଗ ଭଳି ବେଦମ୍ ଦୌଡ଼ି
ଦୌଡ଼ି
କେବେ ମିଳିବ ତା ଇପ୍ସିତ ।
ଏମିତି ଲାଗିଥାଏ
ପାଇବା ନ ପାଇବାର ଭେଳିକି
ତଥାପି ମରେ ନାହିଁ
ଗଜରୁଥିବା ଚାରା ପରି
କିଛି ମିଳିବାର ଆଶା।
କିଛି ମିଳୁ ବା ନ ମିଳୁ
ଲୁହ ହେଉ ବା ହସ
ଦୁଃଖ ହେଉ ବା ସୁଖ
ଚାଲିଥାଏ ତମାମ ଜୀବନ
କେବଳ ସୁଖ ଅନ୍ୱେଷଣ ।

(ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ, ଜାନୁଗଞ୍ଜ, ବାଲେଶ୍ୱର)

### ତୁମ ହସ

ସଞ୍ଜୟ ଖେମୁଣ୍ଡୁ



ଏ ହସ ବି ବଡ ବିଚିତ୍ର
ହସକୁ ପୁଣି ଭାଗ ଭାଗ ବି କରିହୁଏ
ଯେମିତିକି ଠ ଠ ହସ, ଖିଲି ଖିଲି ହସ
ମୁରୁକି ହସ, ଚିପାଚିପା ହସ
ଆହୁରି ବି ବିଭିନ୍ନ ପ୍ରକାରର ।

ହେଲେ ତୁମ ହସ ଲାଗେ ସବୁଠୁଁ
ଅଲଗା
ତୁମ ହସ ଦେଖି ବାଟ ଭୁଲିଯାଏ
ଫେରନ୍ତା ପକ୍ଷୀଣୀ
ଚକିତ ହୁଏ ସରବ ସହଣୀ ବସୁଧା
ରାଣୀ
ଆଉ ସମୟ ବି ଟିକେ ଅଟକି ଯାଏ
କାହିଁକି କେଜାଣି ?

ସତରେ ଖୁବ ସ୍ୱତନ୍ତ୍ର ତୁମ ହସ
ତୁମେ ହସି ଜାଣ ନିଆରା ଢଙ୍ଗରେ
ଛାତି ତଳେ କୋହ ଚାପି
ଆଖି ତଳେ ଅଶ୍ରୁ ଯୋଖି
ଆଉ ମନର ଦରଜ ଉପରେ
ସାନ୍ତ୍ୱନାର ଢାଙ୍କୁଣୀ ଢାଙ୍କି।

ତେଣୁ ତୁମ ହସରେ ଅନୁପ୍ରାଣିତ
ହୋଇ
ବୁକୁ ଫଟାଇ ଅଶ୍ରୁ ଢାଳୁଥିବା ଭସା
ବାଦଲ ବି
ଲୁହ ଲୁଚାଏ ପର୍ବତ ଉହାଡ଼େ
ଉଜୁଡ଼ା ଫସଲ ବି ହୋଇ ଉଠେ
ଚିର ସବୁଜିମା
କଳଙ୍କିନି ଜହ୍ନ ବି ରଜତ ଢାଳେ
ଭୁଲି ଦୁଃଖ ଯନ୍ତ୍ରଣା
ଆଉ ମଉଳା ଫୁଲ ବି ବୁହାଏ
ମଳୟର ତୃଷ୍ଣା ।

ସତରେ ତୁମ ହସ ବଡ଼ ଅଜବ
ଯେଉଁଠି ଡୁବି ମରିଯାଏ
ଅୟୁତ ଯୁଗର ବେଦନା
ହେଲେ କିଏ କେବେ ଦେଖି
ପାରେନା ।

ସ୍ନାତକୋତ୍ତର ଛାତ୍ର
ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର
ମୋ: ୭୮୫୪୦୧୦୫୧୯




# ଦୁରନ୍ତ ଶିଖା

ଭାଗ-୧୩



**ଡ.ସିନ୍ଧୁ ସେନ୍**

ଚିତ୍ତମନକୁ ଏକାଗ୍ର କରି ହବିଃ ଅର୍ପଣ କରୁଥିଲି । ଶୁଣିଥିଲି ଅଗ୍ନି ପୂଜନ ମାଧ୍ୟମରେ ଯାହା ହବିଃ ରୂପେ ଅର୍ପଣ କରାଯାଏ ତାହା ଦେବତା ମାନଙ୍କୁ ପ୍ରାପ୍ତ ହୋଇଥାଏ । ବାପା କହୁଥିଲେ ଏ ଅଗ୍ନିପୂଜାର ପରମ୍ପରା କେଉଁ ପ୍ରାଚୀନ କାଳରୁ ଚଳି ଆସୁଥିଲା । ତାଙ୍କ ପୂର୍ବରୁ ମଧ୍ୟ ମୁନିଋଷିମାନେ ଏମିତି ଅଗ୍ନିପୂଜା କରି ଆହୁତି ସମର୍ପଣ କରି ସିଦ୍ଧିଲାଭ କରୁଥିଲେ। ମୁଁ ତେଣୁ ସେହି ପନ୍ଥାକୁ ଅବଲମ୍ବନ କରି ଅଗ୍ନିପୂଜାରେ ମନପ୍ରାଣ ଢାଳିଦେଲି । ଅଗ୍ନିପୂଜା ମନ୍ତ୍ର ବାପାଙ୍କ ଠାରୁ ଶିଖିଥିଲି । ମୋତେ ତେଣୁ ସେ ସବୁ କରିବା ପାଇଁ ବିଶେଷ କଷ୍ଟ ହେଉନଥିଲା ।

ଅଗ୍ନିକୁଣ୍ଡ ପ୍ରସ୍ତୁତ କଲି ଅଗ୍ନିଦେବଙ୍କୁ ଆରାଧନା କଲି । ବାପା କହୁଥିଲେ ଅଗ୍ନି ଏକ ସାଧାରଣ ନିଆଁ ନୁହେଁ । ଅଗ୍ନି ମଧ୍ୟ ଏକ ଦେବତା । ଅଗ୍ନିପୂଜନ କରି କେବଳ ଅଗ୍ନିଦେବଙ୍କୁ ଆହ୍ୱାନ କରାଯାଏ ନାହିଁ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତଥା ଅନ୍ୟାନ୍ୟ ଦେବଗଣଙ୍କୁ ମଧ୍ୟ ଆହ୍ୱାନ କରାଯାଏ । ମୁଁ ତେଣୁ ଭାଂଗିପଡ଼ିବି କାହିଁକି ? ଧୈର୍ଯ୍ୟ ଧରି ଆବାହନ କଲେ ଦିନେନା ଦିନେ ଦେବତାମାନେ ମୋ ଡାକ ନିଶ୍ଚିତ ଶୁଣିବେ। ବିଳମ୍ବ ହେଲେ ମଧ୍ୟ ମୁଁ ନିଶ୍ଚିତ ସିଦ୍ଧିଲାଭ କରିବି ।

ହୋଇପାରେ, ମୋର ଏମିତି ତପସ୍ୟା ତଥା ଅଗ୍ନିପୂଜା କରିବାରେ କିଛି ସ୍ୱାର୍ଥ ଥାଇପାରେ । ଥିଲା ମଧ୍ୟ ମୋ ମନରେ ଜଗତ୍‌ଜୟୀ ହେବାର ଆଶା ବସା ବାନ୍ଧିଥିଲା । ଅମରତ୍ୱର କାମନା ମୋତେ ବିଚଳିତ କରିଥିଲା । ତେବେ ମୁଁ ଯଦି କହେ କେବଳ ମୁଁ କାହିଁକି ତପସ୍ୟା କରୁଥିବା ପୂର୍ବଜ ମୁନିଋଷି ମାନେ କ'ଣ ଥିଲେ କାମନା ଶୂନ୍ୟ । ସେ ତପସ୍ୟା କରିବା ମାଧ୍ୟମରେ କାହାରି ନା କାହାରି କିଛି ପ୍ରାର୍ଥନା ଥାଏ । ଯେଉଁ ପ୍ରାପ୍ତି ପାଇଁ ସେ ଏମିତି କୃଚ୍ଛ୍ର ସାଧନା କରିବାକୁ ପଛାଏ ନାହିଁ । ଆଉ ମୁଁ ଯଦି ସେଇମାନଙ୍କ ମଧ୍ୟରୁ ଜଣେ, ତେବେ କ୍ଷତି କ'ଣ ? ମୁଁ କାହିଁକି ଭାଂଗିପଡ଼ିବି । ମାନୁଛି ଏ ତପସ୍ୟାରେ ମୋର ନିଜସ୍ୱ କିଛି ସ୍ୱାର୍ଥ ରହିଛି ତେବେବି, ଏତିକି କହିବି, ମୁଁ ତ କେବଳ ମୋ ପାଇଁ ଏକୁଟିଆ ନୁହେଁ, ସମଗ୍ର ରାକ୍ଷସ କୁଳର ସ୍ୱାର୍ଥ ସାଧନ ପାଇଁ ଏମିତି ପଦକ୍ଷେପ ନେଇଥିଲି । ଲଙ୍କା ବିଜୟ କରି ରାକ୍ଷସ ମାନଙ୍କୁ ଲଙ୍କାକୁ ଫେରାଇ ଆଣିବା ଆଉ ଲଙ୍କାର ଅଧିପତି ଏକ ସମୃଦ୍ଧ ଶକ୍ତିଶାଳୀ ଲଙ୍କାରାଜ୍ୟ ଗଢ଼ିବା ମୋ ଜୀବନର ଲକ୍ଷ୍ୟ । ତେଣୁ ମୁଁ ତ କେବଳ ମୋ ନିଜ ସ୍ୱାର୍ଥ ପାଇଁ ନୁହଁ ସମୂହ ସ୍ୱାର୍ଥ ପାଇଁ କିଛି କରିରିଲେ ନିଜକୁ ଭାଗ୍ୟବାନ ମଣିବି । ଜଗତ ଜାଣୁ, ରାବଣ ଯାହା କହେ, ତାକୁ କେବଳ କଥାରେ ନୁହେଁ, କାମରେ କରି ଦେଖାଇ ପାରେ ।

ସାରାଦିନ, ରାତି ମୁଁ ତପସ୍ୟାରେ ମଗ୍ନ ଥିଲି । ଏହା ମଧ୍ୟରେ କେବେ ଯେ ଛବର୍ଷ ପୂରି ସାତବର୍ଷରେ ପାଦ ଦେବାକୁ ବସିଲାଣି ତାହା ମଧ୍ୟ ଜାଣିପାରୁ ନଥିଲି । ପ୍ରତ୍ୟେକଦିନ ଯଜ୍ଞକୁଣ୍ଡରେ ବିଭିନ୍ନ ପଦାର୍ଥକୁ ଆହୁତି ଦେଉଥିଲି। ଘୃତଢାଳି ହୋମର ନିଆଁକୁ ଆହୁରି ପ୍ରଜ୍ୱଳିତ କରୁଥିଲି । ତଥାପି ବ୍ରହ୍ମଦବଙ୍କ ଦର୍ଶନ ମିଳୁନଥିଲା। ଆଶ୍ରମର ଚତୁର୍ଦ୍ଦିଗରେ ଅଗ୍ନିର ଧୂମ୍ରକୁଣ୍ଡଳୀରେ ଏକ ଅଦ୍ଭୁତ ପରିବେଶ ସୃଷ୍ଟି କରୁଥିଲା । ତପସ୍ୟାରେ ମୁଁ ଏତେଦୂର ମଜ୍ଜି ଯାଇଥିଲି ଯେ, ମୁଁ ନିଜେ ଅଗ୍ନିରେ କ'ଣ ଆହୁତି ଦେବି ତାହା ମଧ୍ୟ ଜାଣିପାରୁ ନଥିଲି । ଏମିତି ଦିନେ ଆହୁତି ଦେଉଥିବା ବେଳେ ପାଖରେ ଥିବା ଖଡ଼୍‌ଗ ଉଠାଇ ମୋ ମୁଣ୍ଡକୁ ଶରୀରରୁ ଅଲଗା କରି ଆହୁତି ଦେଇ ଚାଲିଥିଲି । ହେଲେ ଆଶ୍ଚର୍ଯ୍ୟ, ମୁଁ ଯେତେଥର ମୋ ଶିର ଛେଦନ କରି ଅଗ୍ନିକୁଣ୍ଡରେ ନିକ୍ଷେପ କରୁଥିଲି ସେତେଥର ମୋ ଶିର ପୁନର୍ବାର ମୋ ମସ୍ତକରେ ଲାଗି ଯାଉଥିଲା । ଏଭଳି ରହସ୍ୟ କ'ଣ ହୋଇପାରେ ମୁଁ ନିଜେ ମଧ୍ୟ ଜାଣିପାରୁ ନଥିଲି । ଭାବୁଥିଲି ଦୀର୍ଘଦିନର ତପସ୍ୟାରେ ଯଦି ସଫଳ ନହୋଇ ପାରିଲି ତେବେ, ମୋର ନିଜର ଶରୀର ରଖି ଲାଭ କ'ଣ ? ମୋ ଦେହଧାରଣ କରିବାର ଅଧିକାର ନାହିଁ । ତେଣୁ ନିର୍ଦ୍ୱନ୍ଦ୍ୱରେ ଗୋଟିଗୋଟି କରି ଦଶଥର ଶିରଚ୍ଛେଦନ କରି ଅଗ୍ନିରେ ଆହୁତି ପ୍ରଦାନ କଲି । ହେଲେ ଦେଖିଲି ଶେଷଥର ଶିରଚ୍ଛେଦନ ବେଳେ ସ୍ୱୟଂ ବ୍ରହ୍ମଦେବ ମୋ ସମ୍ମୁଖରେ ଆବିର୍ଭାବ ହୋଇଗଲେ ଆଶୀର୍ବାଦ ମୁଦ୍ରାରେ ମୋତେ ହିଁ ଲକ୍ଷ୍ୟକରି କହିଲେ କେତେ ବଡ଼ବଡ଼ ମୁନିଋଷିଙ୍କ ଠାରୁ ମଧ୍ୟ ଟପି ଯାଇଛି ତୁମ ସାଧନା । ମୁଁ ତୁମ ଉପରେ ତୁଷ୍ଟ। କ'ଣ ମାଗୁଛ ମାଗ । ମୁଁ ନିଶ୍ଚିତ ତୁମର ଇଚ୍ଛା ପୂରଣ କରିବି....

ମୋରି ସମ୍ମୁଖରେ ସ୍ୱୟଂ ବ୍ରହ୍ମଦେବଙ୍କୁ ଦେଖି ନିଜକୁ ମୁଁ ବିଶ୍ୱାସ କରିପାରୁ ନଥିଲି । ଆଉ କାହାକୁ ମୁଁ ଦେଖୁନି ତ.... ? ସ୍ୱୟଂ ବ୍ରହ୍ମଦେବ ମୋ ଉପରେ ତୁଷ୍ଟ ହୋଇ ସମ୍ମୁଖରେ ଦଣ୍ଡାୟମାନ । ମୋର ତପସ୍ୟା ତେବେ ସଫଳ ହୋଇଛି । ଅତିଶୟ ଆନନ୍ଦରେ କ'ଣ ମାଗିବି କଣ ମାଗିବିନି ସେସବୁ ଚିନ୍ତା କରି କ୍ଷଣିକ ପାଇଁ ମୁଁ ନିରବି ଗଲି । ବ୍ରହ୍ମଦେବ କହୁଥିଲେ ଚୁପ୍ ରହିଲ କାହିଁକି ?

କ'ଣ ମାଗୁଛ ମାଗ । ତୁମର ମନର ଇଚ୍ଛା ପ୍ରକାଶ କର । ନିର୍ଭୟରେ ଯାହା ମାଗିବାର କଥା ମାଗିନିଅ । ବହୁତ ଚିନ୍ତା କଲି, କ'ଣ ମାଗିବା ଉଚିତ୍ ହେବ । ଭାବିଲି ମାଗିବାକୁ ତ ଅନେକ କିଛି ଅଛି । ହେଲେ ବ୍ରହ୍ମାଙ୍କ ନିର୍ଦ୍ଦେଶ, ମୋତେ ଦୁଇଟା ବର ମାଗିବାକୁ ପଡ଼ିବ । ତେଣୁ ମୋତେ ବହୁତ ଭାବିଚିନ୍ତି ବର ମାଗିବାକୁ ପଡ଼ିବ । ମୁଁ ଯଦି କିଛି ଭୁଲ୍ ବର ମାଗିଦିଏ ତେବେ ନିଜେ ନିଜ ପାଇଁ ବିପଦକୁ ଡାକି ଆଣିବି । ତେଣୁ ବହୁତ ଭାବିଚିନ୍ତି କହିଲି ହେ ବ୍ରହ୍ମଦେବ ମୋତେ ଯଦି କିଛି ଦେବାକୁ ଚାହୁଁଛନ୍ତି ତେବେ ମୋତେ ଏହାହିଁ ଦିଅନ୍ତୁ । ମୁଁ ଯେମିତି ସମଗ୍ର ଜଗତରେ ବୀରଶ୍ରେଷ୍ଠ ମହାବୀର ହୁଏ । ଆଉ ଦ୍ୱିତୀୟ ବରରେ ମୋତେ ଅବରତ୍ୱ ଦିଅନ୍ତୁ । ଚମକି ପଡ଼ିଲେ ବ୍ରହ୍ମା, ଏପରି ଅଦ୍ଭୁତ ବର କେମିତି ମାଗିପାରିଲ ରାବଣ । ଏପରି ବର କେବଳ ମୁଁ କାହିଁକି କେହି ବି ତୁମକୁ ଦେଇପାରିବେ ନାହିଁ । ଜନ୍ମ ଯେମିତି ସତ୍ୟ, ମୃତ୍ୟୁ ସେମିତି ଧ୍ରୁବସତ୍ୟ । ଏ ମର୍ତ୍ତ୍ୟରେ ଜନ୍ମଲାଭ କରି କେହି କେବେ ଅମର ହୋଇ ପାରିନି କି ପାରିବନି । ଏପରି ଅସମ୍ଭବ ବର ପୂରଣ କରିବାର କ୍ଷମତା ମୋର ନାହିଁ । ମୋତେ ଯାହା କହିଲ, କହିଲ କିନ୍ତୁ ଆଉ କେବେ କାହାରି ଠାରୁ ଏମିତି ବର ପ୍ରାର୍ଥନା କରିବ ନାହିଁ ।

ତେବେ ମୋର ପ୍ରାର୍ଥନା କ'ଣ ବ୍ୟଥ ହେବ ପ୍ରଭୁ ? ନା ନା ତପସ୍ୟାର ଫଳ ନିଶ୍ଚିତ ପାଇବ । ତେବେ ଏ ଅମର ବରକୁ ଛାଡ଼ି ଆଉ କିଛି ପ୍ରାର୍ଥନା କର । ତେବେ ମୋତେ ଏହାହିଁ ଦିଅନ୍ତୁ । ଦେବ, ଦାନବ, ଯକ୍ଷ, ଗନ୍ଧର୍ବ, ରାକ୍ଷସ, ଅସୁର କାହାରି ହାତରେ ମୋର ଯେପରି ମୃତ୍ୟୁ ନହୁଏ ।

ଠିକ୍ ଅଛି ମୋତେ ତଥାସ୍ତୁ କହିଦେଇ ବ୍ରହ୍ମଦେବ ଅଦୃଶ୍ୟ ହୋଇଗଲେ । ବ୍ରହ୍ମବଳରେ ବଳୀୟାନ୍ ହୋଇ ଆନନ୍ଦରେ ଆତ୍ମହରା ହୋଇଗଲି । ପାଗଳପ୍ରାୟ ଅଟ୍ଟହାସ୍ୟ କରି ସାରା ବନଭୂମିକୁ ପ୍ରକମ୍ପିତ କରିଦେଲି । ରାକ୍ଷସ ସୁଲଭ ଭଂଗୀରେ ମୁଁ ପ୍ରାର୍ଥନା କରୁଥିବା ବୃକ୍ଷମୂଳକୁ ଆଘାତ କରିବାକୁ ଲାଗିଲି । ମୋ ଦେହରେ ଏତେ ଶକ୍ତି ଆସିଗଲା ଯେ, ମୋ ଆଘାତ ସହି ନପାରି ସେ ବୃକ୍ଷର କେତୋଟି ଡାଳ ଭାଂଗିପଡ଼ିଲା । ମୁଁ ନିଜେ ବି ଭାବିପାରୁ ନଥିଲି ମୋ ଭିତରେ ଶତସିଂହର ବଳ ହଠାତ୍ କେମିତି ଆସିଲା ? କେଉଁଠାରୁ ଆସିଲା ? ଏଇ କ'ଣ ତେବେ ବ୍ରହ୍ମଦେବଙ୍କ ପ୍ରଦତ୍ତ ବର । ହଁ ମୁଁ ତେବେ ବ୍ରହ୍ମାଙ୍କ ବଳରେ ବଳୀୟାନ୍ । ଶାନ୍ତଶିଷ୍ଟ ସୁଶୀତଳ ଛାୟ ପ୍ରଦାନ କରୁଥିବା ବୃକ୍ଷଟିର ଡାଳ ଭାଂଗିଦେଇ ମୁଁ ମୋର ବଳ ପରୀକ୍ଷା କରିନେଲି । ଭାବିଲି ବ୍ରହ୍ମଦେବ ମୋତେ ଧୋକା ଦେଇନାହାନ୍ତି । ମୋତେ ଠକି ନାହାନ୍ତି । ଆଗାମୀ ଦିନରେ ମୁଁ ଯେ ଲଙ୍କା ବିଜୟ କରିପାରିବି, ଏ ବିଶ୍ୱାସ ମନରେ ସ୍ୱତଃ ଜାତ ହେଲା । ପରମୁହୂର୍ତ୍ତରେ ଭାବିଲି, ଲଙ୍କା ଜୟ କରିବାକୁ ହେଲେ ମୋତେ ଅନେକଙ୍କୁ ମାରିବାକୁ ପଡ଼ିବ । ଯୁଦ୍ଧର ଅର୍ଥ ତ ହିଂସା, ମୋତେ ତେବେ ଆଗାମୀ ଦିନରେ ହିଂସାର ମାର୍ଗକୁ ଆପଣେଇ ନେବାକୁ ପଡ଼ିବ ।

ହଁ ଲଙ୍କା ଜୟ କରିବାକୁ ହେଲେ ଅହିଂସା ନୁହେଁ, ହିଂସାର ମାର୍ଗ ହିଁ ବାଛି ନେବାକୁ ପଡ଼ିବ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

**ଜ୍ୟୋତ୍ସ୍ନାମୟୀ ପଣ୍ଡା**



॥ ଭାଗ-୪୦ ॥

ସନକ, ସନତ, ସନନ୍ଦ, ସନାତନ ଏବଂ ବ୍ରହ୍ମାଙ୍କର ଅନ୍ୟ ଦଶପୁତ୍ର, ପ୍ରାୟ ସମସ୍ତେ ବ୍ରାହ୍ମଣ ଥିଲେ। ଏମାନେ କାୟିକ, ମାନସିକ, ଆତ୍ମିକ ଶୋଧନ ନିମିତ୍ତ ନାନା ସଂସ୍କାର କାର୍ଯ୍ୟ ମାନ କରୁଥିଲେ ଓ ମାନବ ସମାଜରେ ପଥ ପ୍ରଦର୍ଶକ ଥିଲେ। ଭାଗବତରେ ସ୍ୱୟଂଭୂବ ଏବଂ ଶତ ରୂପାଙ୍କୁ ପ୍ରଥମ ମାନବ ଏବଂ ମାନବୀ ବୋଲି ଲେଖା ଯାଇଅଛି, ଯାହା ଏକ ଭ୍ରମ ବୁଝାମଣା ରୂପେ ଆମେ ଗ୍ରହଣ କରୁ ଅଛେ। ବାସ୍ତବରେ ସେମାନଙ୍କ ଜନ୍ମର ଲକ୍ଷ, ଲକ୍ଷ ବର୍ଷ ପୂର୍ବରୁ ପୃଥିବୀରେ ମାନବ ସୃଷ୍ଟି ହୋଇ ସାରିଥିଲା। କିନ୍ତୁ ସେମାନଙ୍କୁ ମାନବ କୁହାଯାଉ ନଥିଲା। ସେମାନେ ବିଭିନ୍ନ ଜନ ଜାତିର ଆଦିମ ଅଧିବାସୀ ରୂପେ ସାରା ପୃଥିବୀରେ ବ୍ୟାପି ଥିଲେ, ଯଦି ବା ପରସ୍ପର ମଧ୍ୟରେ ଯୋଗାଯୋଗ ବିଶେଷ ନଥିଲା । ସେମାନଙ୍କ ମଧ୍ୟରୁ କିଏ କିଏ ଅସ୍ଥିର ଅଳଙ୍କାର, କିଏ ବାଘ, ସିଂହ, ମୃଗର ଚର୍ମ, କିଏ ବଲ୍କଳ ପରିଧାନ କରୁଥିଲେ ତ କିଏ କିଏ ସର୍ପର ଗଳା ଭରଣ, କିଏ ପର ବା ପତ୍ର ଭୂଷଣ ଥିଲେ। ସେମାନଙ୍କ କେଶ ବିନ୍ୟାସ ନଥିଲା। ବର୍ତ୍ତମାନ ଆମେ ମଧ୍ୟ ଚିନ୍ତା କରୁଅଛେ ଯେ, ମଣିଷ ହିଁ ଭଗବାନ ବା ଦେବତା ମାନଙ୍କୁ ସୃଷ୍ଟି କରିଅଛି। କିନ୍ତୁ ମଣିଷ ଭଗବାନଙ୍କୁ ସୃଷ୍ଟି କରିନାହିଁ, ବରଂ ମାନବର ଆର୍ତ୍ତି ସେମାନଙ୍କୁ ଅଦୃଶ୍ୟ ଜଗତରୁ ଆଣି ପୃଥିବୀରେ ଆପେ, ଆପେ ପ୍ରକଟ କରିଅଛି। ସେମାନେ, ପୃଥିବୀ, ଆକାଶ, ଜଳ, ବାୟୁ ଆଦି ବିଭିନ୍ନ ସ୍ଥାନରେ ରହି ବିପଦରୁ ରକ୍ଷା କରିଥାନ୍ତି। ମଣିଷ ମାନେ ମଧ୍ୟ ଏହିପରି ଇଷ୍ଟମାନଙ୍କୁ ଦୁଃଖ ନାଶନ ପାଇଁ ନିଜସ୍ୱ ଶୈଳୀରେ ସନ୍ତୋଷ କରୁଥିଲେ। ଏବେ ମଧ୍ୟ ଦଣ୍ଡକାରଣ୍ୟରୁ ଆସିଥିବା ଦଣ୍ଡ ନୃତ୍ୟରେ,ଶବର, ପତର ସୌରା,ଚଢ଼େୟା, ପରଭା, କେଳା, ଜଡ଼ି ବୁଟି ବିକ୍ରେତା ଆଦିସେହି ଅରଣ୍ୟ ବାସୀମଣିଷ ମାନଙ୍କ ସରଳ, ସୁନ୍ଦର , ସହଜ,ସାବଲୀଳ ଜୀବନ ଯାତ୍ରାର ଉଦାହରଣ । ଏହିପରି ନାଗାମାନେ ନାଗ ଉପାସକ ଥିଲେ। ତେଣୁ ନିଜ ଆରାଧ ବାସୁକିଙ୍କ ମସ୍ତକ ଉପରେ ପୃଥିବୀକୁ ସୁରକ୍ଷିତ ରଖି ନିଶ୍ଚିନ୍ତ ରହିଲେ। ବିଜ୍ଞାନ ଦୃଷ୍ଟିରୁ ଦେଖିଲେ ଆମର କ୍ଷୁଦ୍ରାନ୍ତ୍ର ଉଭୟ ଯକୃତ ଓ ଅଗ୍ନ୍ୟାଶୟ ସହ ସଂଯୁକ୍ତ ଅଛି। ଏହି ଯକୃତ ଓ ଅଗ୍ନ୍ୟାଶୟରେ ଅମ୍ଳ, ବିଷାକ୍ତ ବାଷ୍ପ ଓ ପିତ୍ତ ସୃଷ୍ଟି ହୁଏ, ଯାହା ଅଧିକ ହେଲେ ବିଷ ପରି ମୃତ୍ୟୁର କାରଣ ହୋଇଥାଏ। ସର୍ପ ପରି ଦେଖାଯାଉଥିବା ଏହି କ୍ଷୁଦ୍ରାନ୍ତ୍ର କିନ୍ତୁ ବୃହଦାନ୍ତ୍ରକୁ ଯିବା ପୂର୍ବରୁ ଖାଦ୍ୟ ସାରକୁ ରକ୍ତରେ ପରିଣତ କରି ସାରା ଶରୀରକୁ ପଠାଇ ଥାଏ, ଯାହା ଏହି ବ୍ରହ୍ମାଣ୍ଡ ରୂପୀ ପିଣ୍ଡକୁ ରକ୍ଷା କରିଥାଏ। ଆମର ମସ୍ତିସ୍କରେ ମଧ୍ୟ ଏକ ସର୍ପ ପରି ନାଡ ଅଛି, ଯାହା ମଧ୍ୟରେ କିଛି ନୀଳ ପଦାର୍ଥ ଅଛି, ଯାହା ଆମକୁ ସୃଜନ କ୍ରିୟା ରେ ସାହାଯ୍ୟ କରି ଥାଏ, କିନ୍ତୁ ଅଧିକ ହେଲେ ମାନସିକ ବିଷାକ୍ତ ଚାପ ସୃଷ୍ଟି କରେ। କେତେକ କହନ୍ତି ଏହି ପଦ୍ମ ଉପରେ ଥାଇ ବ୍ରହ୍ମା ସୃଜନ କରନ୍ତି। ଏମାନେ ବୋଧହୁଏ ବାସୁକୀ ଓ ଶେଷ ନାଗ ରୂପେ ଶରୀର ବା ଜୀବନର ଭାରସାମ୍ୟ ଠିକ୍ର ରଖିଥାନ୍ତି !!

ସେହି ଏକ ବ୍ରହ୍ମଙ୍କ ଠାରୁ ତ ବିଶ୍ୱର ସବୁ କିଛି ସୃଷ୍ଟି ହୋଇ ଅଛି। ତଥାପି ଆମେ ଯଦି ଧରିନେବା ଯେ, ସ୍ୱୟଂଭୂ ବ୍ରହ୍ମାଙ୍କ ପରେ ମାନବ ମାନେ ମଧ୍ୟ ବ୍ରହ୍ମ ସାଧନା କରି ଏହି ବ୍ରହ୍ମାଙ୍କ ସ୍ଥାନରେ ରହି ପାରୁଥିଲେ, ସେମାନଙ୍କ ନାମର ମଧ୍ୟ ପରିବର୍ତ୍ତନ ହେଉଥିଲା ଏବଂ ବ୍ରହ୍ମା ନୀଳ ଲୋହିତଙ୍କୁ ନିଜ ଅଙ୍ଗରୁ ସୃଷ୍ଟି କରିଥିଲେ, କାହିଁକି ନାଁ ସେ ତାଙ୍କର ମାନସ ପୁତ୍ର ନଥିଲେ। ତେବେ ବର୍ତ୍ତମାନ ବୈଜ୍ଞାନିକ ମାନେ ଏକ ଚର୍ମ କୋଷିକା ଏବଂ ଏକ ଶୁକ୍ରାଣୁର ସଂଯୋଗରେ ପୁରୁଷ ଏକ ଭ୍ରୁଣ ସୃଷ୍ଟି କରିପାରେ ବୋଲି ଚିନ୍ତା କରନ୍ତି। ନାରୀ ଚର୍ମ କୋଶିକାକୁ ଶୁକ୍ରାଣୁ ଏବଂ ପୁରୁଷ କୋସିକାକୁ ଦିମ୍ବାନୁରେ ପରିଣତ କରିପାରନ୍ତି। ବ୍ରହ୍ମା ଜଣେ ନାରୀ ବା ପୁରୁଷ କହିବା କଠିନ। ସେ କେବଳ ବ୍ରହ୍ମ ଅଟନ୍ତି। ବର୍ତ୍ତମାନ ସମୟରେ ବୈଜ୍ଞାନିକମାନେ ବିନା ଶୁକ୍ରାଣୁ, ଡିମ୍ବାଣୁ, ଜରାୟୁ ରେ ଏକ ଚଉଦ ଦିନର ଭ୍ରୁଣ ସୃଷ୍ଟି କରି ସାରିଲେଣି। ବୋଧହୁଏ, ସେହି ସମୟରେ ପ୍ରାକୃତିକ ପରିବେଶ ଏତେ ଅନୁକୂଳ ଥିଲା ଯେ, ଏହି କାର୍ଯ୍ୟ ଆଜିପରି ଏତେ ଆୟାସ ସାଧ୍ୟ ନଥିଲା। ବିଶେଷତ ବ୍ରହ୍ମା ଆସ୍ତିକ ଥିଲେ ଓ ବିଷ୍ଣୁଙ୍କ ଶକ୍ତି ବଳରେ ସମସ୍ତ କାର୍ଯ୍ୟ କରୁଥିଲେ। ତେଣୁ ସେ ତାଙ୍କ ଜୀବ କୋଶିକାରୁ ଏହିପରି କୌଣସି ବୈଜ୍ଞାନିକ ପଦ୍ଧତିରେ ବା ଯୋଗ ଆଦି ଶକ୍ତି ବଳରେ ନୀଳ ଲୋହିତଙ୍କୁ ସୃଷ୍ଟି କରିଥିବା ଅସମ୍ଭବ ନହୋଇପାରେ !!

କିନ୍ତୁ, ସମସ୍ତ ମଣିଷ ମାନଙ୍କର ଆଦି ପୂର୍ବଜ ମାନେ ସମାନ ଥିଲେ। ସେମାନନଙ୍କର କୌଣସି ନିର୍ଦ୍ଦିଷ୍ଟ ଭାଷା ବା ଶବ୍ଦ ନଥିଲା। ପାଞ୍ଚ ଭୂତରୁ ସୃଷ୍ଟି ଏହି ମଣିଷ ମାନଙ୍କର କୌଣସି ଭାବ ଉଦ୍ରେକ ନହେବାରୁ ସେମାନେ ହସୁ ନଥିଲେ। କେବଳ ସାଙ୍କେତିକ ପାଟି କରୁଥିଲେ ବା ବିପଦରେ ବଡ ପାଟିରେ ରୋଦନ କରୁଥିଲେ। ଅନେକ କୃଷ୍ଣ କାୟ ବା ନୀଳ ଲୋହିତ ବର୍ଣ୍ଣର ଥିଲେ। ସେମାନେ ପଶୁ ମାନଙ୍କ ପରି ଥିଲେ। କିନ୍ତୁ ଐଶ୍ୱରୀୟ ସ୍ନେହ, ପ୍ରେମ, ମମତା, ଆଦି ମଙ୍ଗଳ ଜନକ ଗୁଣ ତାଙ୍କଠାରେ ମଧ୍ୟ ଥିଲା। ଦୁଃଖ, ସୁଖର ଅନୁଭବ ମଧ୍ୟ ଥିଲା। ବ୍ରହ୍ମାଙ୍କଠାରୁ ଜନ୍ମ ସେହି ସନ୍ତାନଙ୍କଠାରେ ସେହି ବଂଶାନୁକ୍ରମିକ ଗୁଣ ଥିଲା। ତେଣୁ, ତପସ୍ୟା କରିବା ପାଇଁ ବ୍ରହ୍ମା ତାଙ୍କୁ ଅରଣ୍ୟକୁ ପଠାଇଦେଲେ।

ସେହି ସମୟରେ ପିତା,କନ୍ୟା, ଭାଇ, ଭଗ୍ନୀ, ମାତା,ପୁତ୍ର ଆଦିର ସଂସ୍କାର ଶୀଳ, ମାର୍ଜିତ ସମ୍ପର୍କ ଅଧିକାଂଶ ଆଦି ମାନବ ମାନଙ୍କ ମଧ୍ୟରେ ନଥିଲା। ବିଶେଷ ଭାବେ, ବ୍ରହ୍ମା ଏହି କନ୍ୟାଙ୍କୁ ବଦନରୁ ବା ବଚନ ଅନୁସାରେ ଜନ୍ମ କରିଥିଲେ। ଅର୍ଥାତ, ସେ ବ୍ରହ୍ମାଙ୍କର ନିଜ କନ୍ୟା ବା ମାନସ କନ୍ୟା ମଧ୍ୟ ନଥିଲେ। କେବଳ ରକ୍ତ ସମ୍ପର୍କୀୟା ବା ବନ୍ଧୁ କନ୍ୟା ଥିଲେ। ତେଣୁ ବ୍ରହ୍ମାଙ୍କର ତାହା ପ୍ରତି କାମ ଭାବନା ଉଦ୍ରେକ ହୋଇ ଥିଲା। ବ୍ରହ୍ମାଙ୍କର ମାର୍ଜିତ ପୁତ୍ର ମାନେ ଏହାର ପ୍ରତିବାଦ କରିଥିଲେ। ବ୍ୟାସଦେବ ମଧ୍ୟ ମାନବ ଜୀବନର ଏହି ଲଜ୍ୟାଜନକ ଅଧ୍ୟାୟକୁ କୁଜଝଟିକାର ଅନ୍ଧକାରରେ ଆଚ୍ଛନ୍ନ କରିଦେଲେ। କାରଣ ମାନବିକତାର ସୂର୍ଯ୍ୟାଲୋକରେ ଏହି ବାସ୍ତବ ଅନ୍ଧକାରର ସ୍ଥାନ ନଥିଲା।

କୁଝଟିକାଙ୍କ ସୃଷ୍ଟି ପୂର୍ବରୁ ବ୍ରହ୍ମା ମରିଚୀଙ୍କ ପର୍ଯ୍ୟନ୍ତ ପୁତ୍ର ମାନଙ୍କୁ ନିଜ ଅଙ୍ଗରୁ ସୃଷ୍ଟି କରିଥିଲେ। ଭାଗବତରେ ଏମାନଙ୍କର କୌଣସି କ୍ରମ ଲେଖା ନାହିଁ। ଏପରିକି ବରାହ ଭଗବାନଙ୍କର ତୃତୀୟ ଅବତାର ହେଲେ ମଧ୍ୟ, ସେ ପ୍ରଥମେ, ଦ୍ୱିତୀୟ, ତୃତୀୟ ସ୍କନ୍ଧଠାରୁ ସ୍ଥାନ ପାଇଛନ୍ତି। ଅନୁଶୀଳନରୁ ଜଣା ଯାଏ ଯେ,ପ୍ରଥମେ ପୁଲହ, ପୂଲସ୍ତ୍ୟ ଓ ଅତ୍ରି ମୁନି ଜନ୍ମ ହୋଇଥିଲେ। ଏହାପରେ ସ୍ୱୟମ୍ଭୁବ ଓ ସତ୍ୟରୁପା ଆସିଥିଲେ। ତାଙ୍କ ଦୁଇ ଜଣଙ୍କ ବଂଶ ଦକ୍ଷଙ୍କ ନିକଟରେ ପହଞ୍ଚିଲା ବେଳକୁ ଭୃଗୁ ଓ ମରିଚୀ ସୃଷ୍ଟି ହେଲେ। କଶ୍ୟପ, ଦିତି ଓ ଦନୁଙ୍କଠାରୁ ହିରଣ୍ୟାକ୍ଷ ହିରନ୍ୟ କଶିପୁ ଓ ହୟଗ୍ରୀବ ଜନ୍ମ ହେବା ପରେ ମୀନ ଅବତାର ହେଲେ। ଏହାପରେ ଦେବତା ଓ ଦାନବ ମାନେ ସାମ୍ରାଜ୍ୟ ବିସ୍ତାର କଲା ବେଳେ ଅଙ୍ଗିରସ ଓ ନାରଦ ଜନ୍ମ ହେଲେ। ଦେବତା ଓ ଆର୍ଯ୍ୟ ମାନେ ଯଜ୍ଞ କାର୍ଯ୍ୟ ଆରମ୍ଭ କଲେ ଓ କ୍ରତୁ ଜନ୍ମ ହେଲେ। ଶେଷରେ ସମୁଦ୍ର ମନ୍ଥନରୁ ଗନ୍ଧର୍ବ ଓ ଅପସରାମାନେ ଜନ୍ମ ହେଲେ ଓ ତ୍ରେତୟା ଯୁଗର ମଧ୍ୟ ଭାଗରେ ବଶିଷ୍ଠ ସୃଷ୍ଟି ହେଲେ। ଏମାନଙ୍କୁ ବ୍ରହ୍ମା ନିଜ ଅଙ୍ଗରୁ ସୃଷ୍ଟି କରିଥିଲେ।

ବ୍ରହ୍ମା ଏମାନଙ୍କୁ କିପରି ସୃଷ୍ଟି କଲେ ??

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଚିତ୍ରଖାତା

**ସୁମିତା ବେହେରା**



ବିକ୍ରି ହେବା ଦରବ ପରି
ସେମାନେ ବିକ୍ରି କରନ୍ତି ମୋତେ
ମୋ ଝାଟିମାଟିର କୁଡିଆ
ମୋ ତାଳିପକା ଜୀବନ ର କଥା
ଦାରିଦ୍ର୍ୟ ସୀମାରେଖା ତଳେ
ଠିଆ ହୋଇଥିବା ମୋର ପୁଅ,ଝିଅର ଚିତ୍ର
ଘର ଆଗରେ ଥିବା ମାଟି ହାଣ୍ଡି
ସଜନା ଗଛ
କୁଡିଆ ପଛପଟେ ଖୁବ୍ ଯତ୍ନରେ
ତିଆରି ଥିବା ଶାଗପଟାଳି ଓ ଧନିଆପତ୍ର

ସେମାନେ ଦେଖାନ୍ତି
କିଛି ସମୟ ପାଇଁ ନକ୍ଷତ୍ର ମଣ୍ଡଳ
ଶୁକ୍ଳ ପକ୍ଷ ସପ୍ତମୀ ତିଥିର ଜହ୍ନ
ନିଅ, ନିଅ ରେ ଡହକୁ ଥାଏ ଖରା
ଆବୃତ୍ତ ହୋଇଯାଏ
ମୋର ମୁଠାଏ ଧୂଳିର ପୃଥିବୀ ,
ତୁଳା ପରି ଭିଣି ହୋଇଯାଏ
ପ୍ରାର୍ଥନାର କୋମଳ ଶବ୍ଦ ।

ମୁଁ ତ କେବେଠୁ ବଳି ପଡିସାରିଛି
ମାଳ ମାଳ ଚକ୍ରବ୍ୟୁହରେ ,
କାଳେ ମୋ'ଠି ଭରିଥାନ୍ତା
ଇନ୍ଦ୍ରନୀଳ ବୈଦୁର୍ଯ୍ୟର ମଣି
ଭାଗ୍ୟବାନର ଯଶ
ହସୁଥାନ୍ତା କପାଳରେ ।

ଏବେ ଏବେ ଡ୍ରପ୍ ଆଉଟ୍ ହୋଇଛି
ପୁଅ ପଞ୍ଚମ ଶ୍ରେଣୀରୁ
ଝିଅ ବିବାହ କରିଛି
ମାଟ୍ରିକ୍ ପରୀକ୍ଷା ଦେବା ଆଗରୁ
ଘର ଭିତରେ ଥୁଆ ହୋଇଛି
ମହଣ ମହଣ ଶୋକ ଓ ଭୋକ
ତାଙ୍କର ବା ସେଥିରେ ଯାଏ ଆସେ କେତେ !

ପ୍ରତିଥର ଏମିତି ହିଁ ହୁଏ
ବିଜ୍ଞାପନରେ ମପା ହୁଏ ବିକାଶର ଦର
ବିଜ୍ଞାପନରେ ବଞ୍ଚିଯାଏ ପାଞ୍ଚ ବର୍ଷର ସରକାର
ଅଥଚ ମୁଁ ମରୁମାଟିର
ସେଇ ଅଧାଫଟା ବୀଜ
କେବେ ପଲ୍ଲବିତ ହେବା ଦୂରର କଥା
ଅଙ୍କୁରିତ ହେବା ପାଇଁ ସଂଘର୍ଷ କରେ
ବାରବାର ।

ତଥାପି ମୁଁ ଭଲ ଅଛି
ମୁଠାଏ ମାଟି
ଅରାଏ ଆକାଶ
ମନର କୁଡୁଆରେ ଭରା ମହାପ୍ରସାଦ
ନିଜ ଗୀତ, ନିଜ ସ୍ୱର
ମୋ ଦିନ ରାତିଙ୍କର ନିରବ ଯାତ୍ରା
କେବଳ ମୋର
ତାଙ୍କରି ଭିତରେ ମୋର ଫୁଲଙ୍କ ଆସର
ଟୋପା ଟୋପା ଅମୃତର ସଞ୍ଜିବନୀ
ଭରି ଦେଉଛି ମୋ ଜୀବନ ପାତ୍ର

ଏବେ ତୁମେ ଯାଅ,
ଭାବିବାକୁ ହେବ କେଉଁ ରଙ୍ଗରେ ଭରିବି
ଆଗାମୀ ସକାଳ ମୋ ଚିତ୍ରଖାତାର ।

+ ବାରିପଦା
ମୋ: ୬୩୭୨୮୫୬୯୯୪

## ନିର୍ବାଚନ ଆଗମନୀରେ

**ଅନସୂୟା ପଣ୍ଡା**

ନିର୍ବାଚନ ଏମିତି ଏକ ପାର୍ବଣ
ଯେଉଁଥିରେ ଅନାୟାସେ ପେଟ ଭରେ
ତଳସାହି ଲୋକଙ୍କର ରାତିଦିନ
ଭାତ ଡାଲି ଖିରୀ ପୁରୀ ମାଉଁସରେ
ସବୁ କିଛି ନେତାଙ୍କ ଖର୍ଚ୍ଚରେ।

ଅନ୍ୟ ଦିନ ଗୁଡିକରେ
ନ ଥାଏ ସେପରି ଆମନ୍ତ୍ରଣ
କୋଳଥ ମାଣ୍ଡିଆ କିମ୍ବା
ଆମ୍ବଟାକୁଆର ଜାଉରେ
ଅଭାବି ପେଟ କାଣିଚାଏ ପୁରେ।

ନିର୍ବାଚନ ଆଗମନୀରେ
ପ୍ରତିଥର ବିଦେଶୀ ମଦ କାରବାରେ
ମିଳେ ପିଇବାକୁ ବିନା ପଇସାରେ
ଅସୀମ ଦଳୀୟ ପ୍ରୋତ୍ସାହନେ।

ବାକି ପରିସ୍ଥିତିରେ ଦେଶୀ ହାଣ୍ଡିଆ
ମହୁଲଫୁଲର ରସ
ଖଜୁରୀ ତାଡି ମିଳେ
ଖଟିଖିଆକୁ ନିଜ ଆୟରେ।

ନିର୍ବାଚନ ଆସିଗଲେ



କ୍ଷୁଧାକୁ ନିର୍ବାପିତ କରେ
ଅନ୍ୟ ଏକ କ୍ଷୁଧା କଳେବଳେ
ବସିଯାଏ ସହରଠାରୁ ଗାଁ ଯାଏ
ବଦାନ୍ୟତାର ମେଳା ସିଂହାସନ ଆଳେ।

ଜିଇଁଉଠେ ଅବିଚାରୀ ଜହ୍ଲାଦ ଭିତରେ
ସାମୟିକ ବିବେକ ବୋଧର ଚେହେରା
ନିର୍ବାଚନ କଳାଯାଦୁ ଖେଳିଦିଏ
ଶକ୍ତି ସମ୍ପର୍କ ସମ୍ପତ୍ତିର ମୂଳଚାଲ ଖେଳେ
କୋଣ ଅନୁକୋଣେ କୋଟି ପ୍ରାଣେ।

ତୁଣ୍ଡରେ ଦେଶ ଜାତି ସମାଜ ପାଇଁ
ଉଦବେଗ ଉଡାଣର ଗ୍ୟାରେଣ୍ଟି
କଥାରେ କଥାରେ ପୋଷିବାକୁ ଚଢେ
ଉନ୍ନତିର ଦାମିକା ଅବତରଣିକା

ଅବନମ୍ର ପ୍ରାର୍ଥୀର ମନ ଯେପରି
ଦୁଇପାଦ ଆଗକୁ ଗଡେଇ ନେବ
ଦେଶ ପ୍ରଗତିର ନନ୍ଦିଘୋଷକୁ
ଦେଇ ମିଠା ପ୍ରତିଶ୍ରୁତି ପାଞ୍ଚବର୍ଷରେ ଥରେ।

+ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

## ମାଟି

**ଐଶ୍ୱର୍ଯ୍ୟା ପ୍ରଧାନ**



ଫଳରୁ ଗୋଟିଏ ଛୋଟ ମଞ୍ଜି
ଛିଟିକି ଆସି
ଖୋଜି ଚାଲିଥିଲା ମାଟି
ଯେଉଁଠି ନିଜକୁ ପୋତି
ଆଉ ଥରେ ଜୀବନ୍ୟାସ ଆଶାରେ
ଅଥଚ, ମାଟି କାହିଁ ?

ଯୁଆଡ଼େ ଦେଖିଲା କଂକ୍ରିଟର
ଗଦା ଗଦା ପାହାଡ଼
ମାଟିର ନାଁ ଗନ୍ଧ ନାହିଁ
କେମିତି ସେ ବଞ୍ଚିବ ?
କେମିତି ଫଳ, ଫୁଲ ଦେଇ ପାରିବ
ମାଟି ଖୋଜି ଖୋଜି ନୟାନ୍ତ
ଅଣନିଃଶ୍ୱାସୀ ହୋଇ ଯାଉଛି ସେ ।

ପାହାଡ଼ ଯାଗାରେ ପଥରର ସ୍ତୁପ
ଠିଆ ହୋଇଛି
ନା ଅଛି ବର୍ଷାର କାକର
ନା ମୃଦୁ ମଳୟର ଶୀତଳତା
ଆଉ ମୌସୁମୀର ପହିଲି ବର୍ଷାରେ
ସେ ମାଟିର ମହକ
ଅସହ୍ୟ ତାତିରେ ଏବେ
ତାର ଆୟୁଷ ସରି ସରି ଆସୁଛି
ମାଟି ବିନା
ଓଃ ! କି ବିଡ଼ମ୍ବନା
ମାଟିର ଦେବତାଙ୍କୁ କଂକ୍ରିଟର
ରାକ୍ଷାସଟା ଗିଳି ଦେଇଛି ଗୋଟାପଣେ !!

+କନ୍ଧେଇମାଳ, ଉକ୍ଳେଲା, କଳାହାଣ୍ଡି

# କାନପୁର ଡ୍ୟାମ୍‌: ୬ ଦଶନ୍ଧିର ପ୍ରକଳ୍ପ, ଏବେ ବି ପାଣିକୁ ଅପେକ୍ଷା



ଯୋଡ଼ା, ୧୦/୪ (ନି.ପ୍ର): ଷାଠିଏ ଦଶକରେ କେନ୍ଦୁଝର ଜିଲ୍ଲାର ଚାଷଜମିକୁ ଜଳଯୋଗାଣ ପାଇଁ ବୈତରଣୀ ନଦୀରେ ବନ୍ଧ ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ୬ ଦଶନ୍ଧି ମଧ୍ୟରେ ଏହି ପ୍ରକଳ୍ପ ପାଇଁ ଚାରିଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବ୍ୟୟ ଅଟକଳ ୪୨୮ କୋଟି ଟଙ୍କାରୁ ବଢ଼ି ୨୪୩୮ କୋଟି ଟଙ୍କାରେ ପହଞ୍ଚିଛି। ହେଲେ ଏଯାଏ ପ୍ରକଳ୍ପ ନିର୍ମାଣ ଶେଷ ହୋଇପାରୁନି। ବହୁ ପ୍ରତୀକ୍ଷିତ କାନପୁର ଡ୍ୟାମ୍ କେବେ କାର୍ଯ୍ୟକ୍ଷମ ହେବ ଓ କେନାଲରେ କେବେ ପାଣି ଆସିବ, ସେହିସମୟକୁ ଅପେକ୍ଷା କରିଛନ୍ତି ଚାଷୀକୁଳ। ୧୯୬୪ରେ ସରକାର ଯୋଡ଼ା ବ୍ଲକ୍ କାହ୍ନୁପୁର ଗ୍ରାମ ନିକଟ ବୈତରଣୀ ନଦୀରେ ଏକ ବନ୍ଧ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ତତ୍କାଳୀନ ରାଜ୍ୟପାଳ ଅଯୋଧାନାଥ ଖୋସଲା ୧୯୬୪ ଏପ୍ରିଲ ୨୫ରେ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ପ୍ରକଳ୍ପ କାମ ଆଗକୁ ବଢ଼ି ନଥିଲା। କିଛିବର୍ଷ ପରେ ପୁଣି ସରକାର କାହ୍ନୁପୁର ପରିବର୍ତ୍ତେ ବାସୁଦେବପୁରଠାରେ ବୈତରଣୀ ନଦୀ ଉପରେ ବନ୍ଧ ନିର୍ମାଣ ପାଇଁ ଯୋଜନା କରିଥିଲେ। ଯାହାର ନାମ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ବୋଲି ରଖାଯାଇଥିଲା। ପୁଣି ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲେ ମଧ୍ୟ କାମ ଆରମ୍ଭ ହୋଇନଥିଲା। ପରେ ପୁଣି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୦୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାନପୁର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୪୨୮ କୋଟି ୩୨ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ହୀରାକୁଦ ପରେ କାନପୁର ଡ୍ୟାମ୍ ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀବନ୍ଧ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଇତିମଧ୍ୟରେ ୨୨ ବର୍ଷ ବିତିଥିବା ବେଳେ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁଁ ବ୍ୟୟ ଅଟ୍ଟକଳ ବୃଦ୍ଧି ପାଇ ୨୪୩୮ କୋଟି ୨୯ ଲକ୍ଷ ଟଙ୍କାରେ ପହଞ୍ଚିଛି। ସରକାର ୨୦୨୦ରୁ ଏହି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହେବ ବୋଲି ଘୋଷଣା କରିଆସୁଥିଲେ ହେଁ କାମ ସରୁନି। ୬ ଦଶନ୍ଧି ତଳର ପରିକଳ୍ପନା କେବେ ବାସ୍ତବ ରୂପ ନେବ ସେହିଦିନକୁ ସମସ୍ତେ ଅପେକ୍ଷା କରିଛନ୍ତି। ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବିନ୍ଧାଣୀ କହିଛନ୍ତି, ବୈତରଣୀ ଉପରେ ନଦୀବନ୍ଧ ନିର୍ମାଣ ଶେଷ ହୋଇଛି। ସ୍ପିଲ୍‌ୱେ ନିର୍ମାଣ ଚାଲିଛି। ମୋଟ ୩୮୨ କିମି କେନାଲରୁ ୨୧୫ କିମି ସମ୍ପୂର୍ଣ୍ଣ ହୋଇଛି। ୯୭ ପ୍ରତିଶତ କାମ ଶେଷ ହୋଇଛି। ଆସନ୍ତା ବର୍ଷାଋତୁରେ ପ୍ରଥମେ ଡ୍ୟାମ୍‌ରେ ୪୦୦ରୁ ୪୨୫ ମିଟର ପାଣି ଭର୍ତ୍ତିହେବା ପରେ କେନାଲରେ ପାଣି ଛଡ଼ାଯିବ ବୋଲି ଶ୍ରୀ ବିନ୍ଧାଣୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ କାନପୁର ଡ୍ୟାମ୍ କାର୍ଯ୍ୟକ୍ଷମ ହେଲେ ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, ପାଟଣା, କେନ୍ଦୁଝର ସଦର ବ୍ଲକ୍‌ର ୨୨୨ଟି ଗାଁର ଚାଷଜମି ଜଳସେଚିତ ହେବ। ଏହାଦ୍ୱାରା ୨ ଲକ୍ଷ ୩୬ ହଜାର ୧୬୪ଜଣ ଲୋକେ ଉପକୃତ ହେବେ।

# ନବ ନିର୍ମାଣ ସଂଗଠନର ଆହ୍ୱାନ : ଆମର ଦରକାର - ଚାଷୀ ସରକାର

ଧର୍ମଶାଳା, ୧୦/୪ (ନି.ପ୍ର): କିଛି ଦିନ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଶାସକ ବିଜେଡି,ବିଜେପି ଓ କଂଗ୍ରେସ ମଧ୍ୟରେ ଟିକେଟ ବଂଟନ ପ୍ରକ୍ରୀୟା ବିଳମ୍ବିତ ହେଉଥିବା ବେଳେ ଅନ୍ୟ ପକ୍ଷେ ନବ ନିର୍ମାଣ କୃଷକ ସଂଗଠନ ତାହାର ନିର୍ବାଚନ ପ୍ରଚାର ଆରମ୍ଭ କରି ଦୁଇ ପାଦ ଆଗକୁ ଯାଇଛି । ଆଜି ନବ ନିର୍ମାଣ କୃଷକ ସଂଗଠନ ଆହ୍ୱାନ କ୍ରମେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତର ବୁଥ୍ ପ୍ରତିନିଧି ଓ ଚାଷୀମାନଙ୍କୁ ନେଇ ଏବେ ବୈଠକ ଅର୍ଥଙ୍ଗା ପଂଚାୟତସ୍ଥ କ୍ଷେତ୍ରପାଳ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କୃଷକମାନଙ୍କୁ ସାଥୀ କରି ନିର୍ବାଚନୀ ବୈତରଣୀ ପାରି ହେବାକୁ ଲକ୍ଷ ରଖି ବିଭିନ୍ନ ସ୍ଥାନରେ ସଭା ମାଧ୍ୟମରେ ବରୀ ନିର୍ବାଚନ ମଣ୍ଡଳୀର କୃଷକ ପ୍ରାର୍ଥୀ ତଥା କୃଷକ ନେତା ନିମାଇଁ ଚରଣ ରାୟ ଅଂଚଳର ଚାଷୀମାନଙ୍କୁ ଏକତ୍ର କରିବା ସହିତ ଆମର ଦରକାର ଚାଷୀ ସରକାର ନାରା ଦିଆଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷକ ନେତା ଆନନ୍ଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଶ୍ରୀ ରାୟ ଯୋଗ ଦେଇ ଚାଷୀ ସରକାର ଆସିଲେ କୃଷକମାନଙ୍କ ପାଇଁ ସୁରକ୍ଷା ଭର୍ତା ମାସକୁ ୫ ହଜାର ଟଙ୍କା,ଧାନ କ୍ୱିଂଟାଲ ପିଛି ମୂଲ୍ୟ ବୃଦ୍ଧି,ଶୀତଳ ଭଣ୍ଡାର ପ୍ରତିଷ୍ଠା,ଚାଷୀଙ୍କୁ ବିଜୁଳି ବିଲ ଛାଡ,ସମସ୍ତ ଚାଷ ଜମିକୁ ଜଳସେଚନ ଓ ରାଜ୍ୟରେ ମଦ ବନ୍ଦ କରାଯିବା ପାଇଁ ପ୍ରତିଶୃତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଦିଲିପ ଶଙ୍କର ବେହେରା,ମାଜବାନନ୍ଦ ଶାନ୍ତି, ବଲ୍ଲଭ ଜେନା, ମନୋଜ ଦାସ,ମୃତ୍ୟୁଞ୍ଜୟ ପାତ୍ର ଓ ରଂଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟରେ ଚାଷୀ ସରକାରର ପ୍ରାସଙ୍ଗିକତା ଓ ଉପାଦେୟତା ଏବଂ ୭୦ଭାଗ ଚାଷୀଙ୍କ ଭୋଟ ଆଧାରରେ ଆମେ ଜିତି ସରକାର ଗଢି ପାରିବା ନେଇ ମତବ୍ୟକ୍ତ କରିଥିଲେ । ଏଥି ସହିତ ପ୍ରତି ୱାର୍ଡ ସ୍ତରରୁ କୃଷକମାନଙ୍କୁ ସଂଗଠିତ କରିବା ପାଇଁ ଚାଷୀ ନେତାମାନେ ସଙ୍କଳ୍ପ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନନ୍ତ ଘଡାଇ,ଶିଶିର ସାମଲ,ଶ୍ରୀଧର ମହଲ,ବିକାଶ ଦାସ,ବିଜୟ ଦାସ,ସନ୍ତୋଷ ମଲ୍ଲିକ, ନିର୍ମଳ ନାୟକ,ତପନ ରାଉତ,ଯୋଗେନ୍ଦ୍ର ଘଡାଇ,ଭରତ ରାଉତ ଓ ଦୀନବନ୍ଧୁ ଓଝା ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ହରିଶ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଂଗଠନର କର୍ମକର୍ତାଙ୍କ ସମେତ ୧୦ ଗୋଟି ପଂଚାୟତର ଶହଶହ ସଂଖ୍ୟାରେ ଚାଷୀମାନେ ଯୋଗ ଦେଇଥିଲେ ।

## ବାସନ୍ତୀକ ନବରାତ୍ରୀ ପାଇଁ ଉତ୍ସବ ମୁଖର ଜୟପୁର

ଜୟପୁର, ୧୦/୪ (ନି.ପ୍ର): ଚୈତ୍ର ମାସର ବାସନ୍ତିକ ନବରାତ୍ର ଆଜି ଠାରୁ ଆରମ୍ଭ ହୋଇଛି । ପରମ୍ପରା ଅନୁସାରେ ଜୟପୁରରେ ଥିବା ପ୍ରସିଦ୍ଧ ଦେବୀ ପୀଠରେ ଦେବୋତ୍ତର ବିଭାଗ ତରଫରୁ ଏନେଇ ବିଶେଷ ପ୍ରସ୍ତୁତି ଆରମ୍ଭ ହୋଇଛି । ସେଥି ମଧ୍ୟରୁ ଅଧିଷ୍ଠାତ୍ରି ଦେବୀ ମା ଭଗବତୀ, ପୁରୁଣାଗଡ ସ୍ଥିତ ଦକ୍ଷିଣ କାଳୀ ପୀଠରେ ନବରାତ୍ର ଅବସରରେ ସ୍ୱତନ୍ତ୍ର ପୁଜା ହୋମ କରାଯାଇଥାଏ । ଏଥି ସହ ସହରରେ ଥିବା ମା ବସନ୍ତାୟୀ, ଜଗତଜନନୀ ଓ ଝାଙ୍କରଦେବୀ, ରାଜୁ ସାହି ସ୍ଥିତ ସର୍ବ ମଙ୍ଗଳା, ଉଗ୍ରତାର. କଣ୍ଡରା ସାହି ସ୍ଥିତ ମା ମଙ୍ଗଳା, ବାମୁଣି ଗାଁ ସ୍ଥିତ ଶିତଳା, ପାର୍କ ଲାଇନ ସ୍ଥିତ ସାତ ଭଉଣି ମନ୍ଦିରରେ ଭକ୍ତଙ୍କ ଭିଡ ରହିଥିବା ଜଣାଯାଇଛି । ସହରର ଅଧିଷ୍ଠାଷାତ୍ରୀ ଦେବୀ କୁହାଯାଉଥିବା ମା ଜଗତଜନୀଙ୍କ ପୀଠରେ ଏହି ନବରାତ୍ରୀ ଅବସରରେ ପ୍ରବଳ ଜନସମାଗମ ହୋଇଛି । ସହର ମଧ୍ୟ ଭାଗରେ ଏହା ରହୁଥିବାରୁ ଏଠାକୁ ସହର ତଥା ବାହାରୁ ମଧ୍ୟ ଭକ୍ତ ଆସିଥାଆନ୍ତି । ମନ୍ଦିରକୁ ଲାଗି ରହିଥିବା ନୂଆସାହି, ଗୌଡସାହି, ଭିଆଇପି ଲାଇନ୍, ପାର୍କ ସାହି, ଦୋଳମଣ୍ଡପ ସାହି, ଧୋବା ସାହି ବାସିନ୍ଦାଙ୍କ ଭାବନା ସହିତ ଏହି ପୀଠ ଜଡିତ ଥିବାରୁ ଏହି ଅଞ୍ଚଳରେ ବିଶେଷ ପ୍ରସ୍ତୁତି ଦେଖିବାକୁ ମିଳିଛି । ସନ୍ଧ୍ୟାରେ ଆଳିତୀ ଦେଖିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ପୁଜା, ହୋମ ରେ ଜୟପୁର ସହର ମୁଖରିତ ହୋଇଛି । ବିଶେଷ କରି ମହିଳା ମାନେ ହାତରେ ନଡିଆ, କଦଳି, ମୁଆଁ, ପଣା ଧରି ଦେବି ମନ୍ଦିର ମାନଙ୍କରେ ପୁଜାର୍ଚ୍ଚନା କରୁଥିବା ଜଣାଯାଇଛି ।

## ଖୋର୍ଦ୍ଧାର ନୂତନ ଏସପି ଭାବେ ଯୋଗଦେଲେ ଅବିନାଶ କୁମାର

ଖୋର୍ଦ୍ଧା, ୧୦/୪ (ନି.ପ୍ର): ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାର ନୂତନ ଏସପି ଭାବେ ଆଇପିଏସ ଅଧିକାରୀ ଅବିନାଶ କୁମାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ୨୦୦୭ ବ୍ୟାଚ ଆଇପିଏସ ଅଧିକାରୀ ଶ୍ରୀ କୁମାର ଏହା ପୂର୍ବରୁ କମିଶନରେଟ୍ ପୁଲିସରେ ଅତିରିକ୍ତ ସିପି ଭାବେ ଦାୟିତ୍ୱ ତୁଲାଇ ଥିଲେ। ନୂତନ ଏସପି କାର୍ଯ୍ୟରେ ଯୋଗଦେବା ପରେ ତାଙ୍କୁ ଜିଲ୍ଲାର ସମସ୍ତ ପୋଲିସ ଅଧିକାରୀମାନେ ସ୍ୱାଗତ ଜଣାଇଥିଲେ। ସୂଚନା ଥାଉକି, ଚଳିତ ମାସ ୨ ତାରିଖରେ ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ଏସପି ବି. ଯୁଗଳ କିଶୋର କୁମାରଙ୍କୁ ନିର୍ବାଚନ ଆୟୋଗ ହଠାତ ବଦଳି କରିଥିଲେ। ସେବେଠାରୁ ଉକ୍ତ ପଦବୀ ଖାଲି ପଡିଥିଲା। ତେବେ ଗତକାଲି ନୂତନ ଏସପିଙ୍କୁ ନିଯୁକ୍ତି ମିଳିବା ପରେ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି ନୂତନ ଏସପି ଅବିନାଶ କୁମାର।

# ଖୋଲୁନି ୱେବ୍‌ସାଇଟ: ନାଁ ଯୋଡ଼ିବାକୁ ୫ ହଜାର ହିତାଧିକାରୀଙ୍କ ଅପେକ୍ଷା



ଜୟପୁର, ୧୦/୪ (ନି.ପ୍ର): ଭୋକରେ କେହି ରହିବେ ନାହିଁ । ସମସ୍ତ ଗରିବ ପରିବାରକୁ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କରାଯିବ। ଏହି ଉଦ୍ଦେଶ୍ୟ ନେଇ ଆଇନ ଗୃହୀତ ହେବା ପରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ଓଡିଶା ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରି ଯୋଜନା କରାଯାଇଥିଲା। ଗତ ଦେଢବର୍ଷ ହେବ ଜୟପୁର ବ୍ଲକ ଓ ପୌରାଞ୍ଚଳରେ ପ୍ରାୟ ୫ ହଜାର ହିତାଧିକାରୀ ଏହି ଯୋଜନାରେ ସାମିଲ ହେବାକୁ ଆବେଦନ କରିଛନ୍ତି। ହେଲେ ନାମ ଯୋଡିବାକୁ ଥିବା ଯୋଗାଣ ବିଭାଗର ୱେବ୍‌ସାଇଟ୍ ବନ୍ଦ ରହିଛି। ଫଳରେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ନପାରି ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। କେବେ ୱେବ୍‌ସାଇଟ ଖୋଲିବ ଏସମ୍ପର୍କରେ ଯୋଗାଣ ବିଭାଗ ନିକଟରେ ଉତ୍ତର ନାହିଁ । ଏହା ଗରିବ ହିତାଧିକାରୀଙ୍କ ମାନବିକ ଅଧିକାର ଉଲ୍ଲଙ୍ଘନ ନୁହେଁ କି ବୋଲି ବୁଦ୍ଧିଜୀବୀ ମହଲରେ ଉଠିଛି ପ୍ରଶ୍ନ। ଗରିବ ପରିବାରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ କରାଯାଇଥିଲା। ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇଥିଲେ ସେମାନଙ୍କୁ ଚାଉଳ, କିରାସିନି ଓ ଗହମ ଦେବା ବ୍ୟବସ୍ଥା ରହିଛି। ଏହାସହ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେଉଛନ୍ତି। ପୂର୍ବରୁ ରାସନକାର୍ଡରେ ପରିବାରର ଯେଉଁମାନଙ୍କ ନାଁ ନଥିଲା ସେମାନେ ଅଫ୍ ଲାଇନ ଓ ଅନଲାଇନ୍‌ରେ ଆବେଦନ କରିପାରୁଥିଲେ। ଫଳରେ ସରକାରୀ ଯୋଜନାରେ ଉପକୃତ ହୋଇପାରୁଥିଲେ। ଏବେ ପୌରାଞ୍ଚଳର ୧୪୦୦ ନୂଆ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବାକୁ ଆବେଦନ କରିଛନ୍ତି। ସେମାନଙ୍କ ପରିବାରର ରାସନକାର୍ଡ ରହିଛି। ଏହି ଯୋଜନାରେ ସାମିଲ ହେବାକୁ ଯେଉଁମାନଙ୍କ ବୟସ ହୋଇଯାଇଛି, କିମ୍ବା ଅନ୍ୟ କୌଣସି କାରଣରୁ ସେମାନଙ୍କ ନା ବାଦ୍ ପଡ଼ିଛି ସେମାନଙ୍କ ନାଁ ଯୋଡିବାକୁ ଆବେଦନ କରିଥିଲେ। ସେହିପରି ପୌରାଞ୍ଚଳର ୨୦୦ ପରିବାର ଏହି ଯୋଜନାରେ ସାମିଲ ଲାଗି ଆବେଦନ କରିଛନ୍ତି। ଜୟପୁର ବ୍ଲକରେ ମଧ୍ୟ ଏକା ଅବସ୍ଥା। ଏଭିତରେ ପ୍ରାୟ ୭୦୦ରୁ ଅଧିକ ପରିବାର ନୂତନକାର୍ଡ ପାଇବାକୁ ଆବେଦନ କରିଛନ୍ତି। ଓ ୩୬୦୦ହିତାଧିକାରୀ ନିଜ ପରିବାରକୁ ମିଳିଥିବା କାର୍ଡ ସହ ସଂଯୋଗ କରିବାକୁ ଆବେଦନ କରିଛନ୍ତି। ଏଭଳି ଉଭୟ ଜୟପୁର ପୌରପାଳିକା ଓ ବ୍ଲକରେ ୫ହଜାର ହିତାଧିକାରୀ ନାଁ ଯୋଡିବାକୁ ଅପେକ୍ଷା କରିଛନ୍ତି। ଜିଲ୍ଲାର ଗୋଟିଏ ବ୍ଲକ ଓ ଗୋଟିଏ ପୌରାଂଚଳରେ ଯଦି ଏତେ ସଂଖ୍ୟକ ହିତାଧିକାରୀ ନାଁ ଯୋଡିବାକୁ ଅପେକ୍ଷା କରିଛନ୍ତି ତେବେ ଜିଲ୍ଲାରେ କେତେ ସଂଖ୍ୟକ ରହିଥିବେ ତାହା ସହଜେ ଅନୁମେୟ। ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି, ଗର୍ଗେଟ ପୂରଣ ହୋଇଯାଇଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୱେବ୍‌ସାଇଟକୁ ବନ୍ଦ କରି ଦିଆଯାଇଛି। ଏହା ନଖୋଲିବା ପର୍ଯ୍ୟନ୍ତ ହିତାଧିକାରୀଙ୍କ ନାଁ ଯୋଡାଯାଇ ପାରିବ ନାହିଁ । ୱେବ୍‌ସାଇଟ ଖୋଲିବା ପରେ ଯୋଗ୍ୟ ହିତାଧିକାରୀଙ୍କ ନାଁ ଯୋଡାଯିବ। ୱେବସାଇଟ୍ ଫ୍ରିଜ୍ ହୋଇଥିବାରୁ ନୂଆ ହିତାଧିକାରୀଙ୍କୁ ସାମିଲ କରି ହେଉନି ବୋଲି କହିଛନ୍ତି ବିଡିଓ ଶକ୍ତି ମହାପାତ୍ର।

# ଶୁଖିଲା ପଡ଼ିଛି ସୋନ ଓ କାଳ ନଦୀଶଯ୍ୟା: ଦାୟରେ ଚାଷୀଙ୍କ ଜୀବନଜୀବିକା



କପ୍ତିପଦା, ୧୦/୪ (ନି.ପ୍ର): ସୋନ ଓ କାଳ ନଦୀରେ ଦୁଇଟି ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ଯାହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଅଧୀନ ଏକାଧିକ ବ୍ଲକ୍‌ର ହଜାର ହଜାର ଚାଷୀ ଉପକୃତ ହୁଅନ୍ତି। ହେଲେ ଏହି ଦୁଇନଦୀ ଏବେ ସତ୍ତା ହରାଇବାକୁ ବସିଲେଣି। କିଛି ଗଣ୍ଡକୁ ଛାଡ଼ିଦେଲେ ପୂରା ନଦୀ ଶୁଖିଯାଉଛି। ଫଳରେ ଉଭୟ ଚାଷୀ ଓ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ କଳମଗଡ଼ିଆ ପଞ୍ଚାୟତ ବାରଖୁଣ୍ଟିଆ ନିକଟରୁ ବାହାରିଥିବା ସୋନନଦୀର ଶଯ୍ୟା ପ୍ରାୟ ୪୫ କିଲୋମିଟର ପରିବ୍ୟାପ୍ତ। ଏହି ନଦୀ କପ୍ତିପଦା ବ୍ଲକ୍ ଦେଇ ବାଲେଶ୍ୱର ଜିଲ୍ଲାରେ ପ୍ରବେଶ କରିଛି ଏବଂ ବୁଢ଼ାବଳଙ୍ଗ ନଦୀରେ ମିଶିଛି। ସୋନ ନଦୀ ଉପରେ ଶାଳଚୁଆ ପଞ୍ଚାୟତ ପାଖରେ ନିର୍ମିତ ହୋଇଛି ସୋନ ବନ୍ଧ। ଏହି ବନ୍ଧରୁ କେନାଲ୍ ଦ୍ୱାରା କପ୍ତିପଦା ଓ ଉଦଳା ଏବଂ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍‌ର ରାଜବରହମପୁର ପର୍ଯ୍ୟନ୍ତ ୯,୮୨୫ ହେକ୍ଟର ଚାଷଜମିକୁ ଜଳସେଚନ ହୋଇଥାଏ। ସୋନ ବନ୍ଧର ଜଳଧାରଣ କ୍ଷମତା ୮୫ ମିଟର ଥିବାବେଳେ ଏବେ ଏଠାରେ ୭୯.୯୯ ମିଟର ଜଳ ଗଚ୍ଛିତ ରହିଛି। ସେହିପରି ମୟୂରଭଞ୍ଜ ଜିଲ୍ଲା ସମୀବୃକ୍ଷ ପାହାଡ଼ ପାଖରୁ ବାହାରିଥିବା କାଳ ନଦୀ ଉପରେ ନିର୍ମାଣ ହୋଇଛି କାଳ ବନ୍ଧ। ଏହି ବନ୍ଧଦ୍ୱାରା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅଧୀନ ୧,୩୬୪ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ରହିଥିବା ସହକାରୀ ନିର୍ବାହୀଯନ୍ତ୍ରୀ ଗଜେନ୍ଦ୍ର ନାଏକ କହିଛନ୍ତି। ବନ୍ଧର ଜଳଧାରଣ କ୍ଷମତା ୭୭.୭ ମିଟର ଥିବାବେଳେ ଏବେ ଏଠାରେ ୭୫.୬୮ ମିଟର ଜଳ ମହଜୁଦ ରହିଛି। ତେବେ ସୋନ ଓ କାଳ ଭଳି ଜଳଭଣ୍ଡାରକୁ ପାଣି ଯୋଗାଉଥିବା ସୋନ ଓ କାଳ ନଦୀ ମରିବାକୁ ବସିଛନ୍ତି। ଜଳବାୟୁ ପରିବର୍ତ୍ତନ, ଚୋରା ବାଲି ଚାଲାଣ, ନଦୀଶଯ୍ୟା ପୋତି ବେଆଇନ ଜବରଦଖଲ ଆଦି କାରଣରୁ ଉଭୟ ନଦୀର ଜଳଧାରଣ କ୍ଷମତା କମୁଛି। ସେହିପରି ଗତ କିଛିବର୍ଷ ହେଲା ଉପରମୁଣ୍ଡରେ କମ୍ ବର୍ଷା ମଧ୍ୟ ଜଳଧାରଣ କ୍ଷମତା କମିବାର ଅନ୍ୟତମ କାରଣ। କେବଳ ବର୍ଷାଦିନେ ନଦୀରେ ପାଣି ଦେଖିବାକୁ ମିଳୁଥିବା ବେଳେ; ଖରାଦିନ ବାଦ୍, ଶୀତଋତୁରେ ମଧ୍ୟ ନଦୀ ଶୁଖିଯାଉଛି। ଯାହାଫଳରେ ଚାଷ ପ୍ରଭାବିତ ହେଉଛି ଏବଂ ଚାଷୀଙ୍କ ଜୀବିକା ଦାୟରେ ପଡ଼ିଛି। ତେଣୁ ବେଳ ଥାଉ ଥାଉ ନଦୀ ସଂସ୍କାର ଯୋଜନାରେ ସୋନ ଓ କାଳର ପୁନରୁଦ୍ଧାର ସହ ବନ୍ଧଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବାକୁ ଦାବି ହୋଇଛି।

# ବଣ୍ଡାଘାଟିର ଦୁର୍ଗମ ଗାଁରେ ଶିକ୍ଷାର ବିକଳ ଚିତ୍ର: ସ୍କୁଲ ଗୃହ ନାହିଁ, ଶିକ୍ଷକ ଆସୁନାହାନ୍ତି





ମାଲକାନଗିରି, ୧୦/୪ (ନି.ପ୍ର): ଜିଲ୍ଲାର ଦୁର୍ଗମ ଅଂଚଳରେ କିପରି ଶିକ୍ଷା ବ୍ୟବସ୍ଥା ଚାଲିଛି ତାହା ନଦେଖିଲେ ବିଶ୍ୱାସ କରି ହେବ ନାହିଁ। ସ୍କୁଲ ଥିଲେ ଶିକ୍ଷକ ନାହାନ୍ତି, ଆଉ ଶିକ୍ଷକ ଥିଲେ ସ୍କୁଲ ଗୃହ ନାହିଁ। ଜିଲ୍ଲାର ବହୁ ଗାଁରେ ଏଭଳି ସ୍ଥିତି ରହିଛି, ଯାହାକୁ ବିଭାଗ ଜାଣି ଅଜଣା ସାଜିଛି। ଏଭଳି ଏକ ଗ୍ରାମ ହେଉଛି ଖଇରପୁଟ ବ୍ଲକର ବଣ୍ଡାଘାଟିର ଅଣ୍ଡ୍ରାହାଲ ପଞ୍ଚାୟତର ଖାଲଗୁଡା ଗ୍ରାମ। ଏହି ଗ୍ରାମରେ ପ୍ରାୟ ୮୦ ପରିବାର ବସବାସ କରନ୍ତି। ସମସ୍ତେ ଆଦିମ ଜନଜାତି ଡିଡାଇ ସଂପ୍ରଦାୟର ଲୋକେ। ଗାଁରେ ୨୦୦୮ ମସିହାରେ ଏକ ପ୍ରାଥମିକ ସ୍କୁଲ ଖୋଲିଲା। ଗ୍ରାମବାସୀଙ୍କ ଖୁସି କହିଲେ ନସରେ। କିନ୍ତୁ ସେହି ଖୁସି କିଛି ଦିନ ପାଇଁ ହିଁ ରହିଲା। ଗାଁରେ ସ୍କୁଲ ଗୃହ ନଥବାରୁ ଶିକ୍ଷକମାନେ ନିୟମିତ ଆସିଲେ ନାହିଁ। ପିଲାମାନେ ପାଠପଢ଼ିବାକୁ ଯାଇ ଘରକୁ ଖାଲି ହାତରେ ଫେରୁଥିଲେ। ତେବେ ୨୦୧୩-୧୪ ମସିହାରେ ଏକ ସ୍କୁଲ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ହେବା ପରେ କାମ ଆରମ୍ଭ ହେଲା ସତ କିନ୍ତୁ ତାହା ଅଧପନ୍ତରିଆ ହୋଇ ରହିଗଲା। ଏବେ ସେହି ଅଧପନ୍ତରିଆ ସ୍କୁଲ ଗୃହରେ କୃତ୍ରିମ ଜଂଗଲ ସୃଷ୍ଟି ହୋଇଛି।ସ୍କୁଲ ଗୃହ ନଥିବାରୁ ଆଜି ବି ଶିକ୍ଷକମାନେ ସ୍କୁଲକୁ ଆସନ୍ତି ନାହିଁ। ଏହି ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଶିକ୍ଷାଦାନ କରିବା ପାଇଁ ନିଯୁକ୍ତି ପାଇଛନ୍ତି। କିନ୍ତୁ କେବେ ମଧ୍ୟ ତାଂକର ଦେଖା ମିଳେ ନାହିଁ। ତେବେ ଏନେଇ ବ୍ଲକ ଅଧିକାରୀମାନେ ଜାଣି ବି ଅଜଣା ସାଜିଛନ୍ତି। କାଳ ବେଳ ଦେଖି କେବେ ଯଦି ତିନି ଜଣଙ୍କ ମଧ୍ୟରୁ ଜଣେ ଆସି ଗାଁ ବାଲା ସହ ମିଶି ସ୍କୁଲ ଖୋଲିବା ବାହାନା କରି ମଧ୍ୟାହ୍ନ ଭୋଜନ ଦେଇ ପୁଣି ମାସ ମାସ ଦେଖା ମିଳେ ନାହିଁ। ଗାଁରେ ପ୍ରାୟ ୬୭ ଜଣ ପିଲା ଅଛନ୍ତି। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ରହିଥିବା ବେଳେ କେଉଁ ପିଲା କେତେ ପଢୁଛି ନା ଶିକ୍ଷକ ଜାଣିଛନ୍ତି ନା ପିଲାମାନେ ଜାଣିଛନ୍ତି। ଅଭିଭାବକମାନେ ଏନେଇ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ତୁ ଗୁହାରି କରିବୁ ଯାହାକୁ ମୁଁ ଟଂକା ଦେଉଛି ତାହାକୁ ସଦୃଶ୍ୟ ହୋଇଛି। ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ କିଛି ନହେବାରି ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ସମସ୍ତେ ମିଶି ଏକ ଛୋଟିଆ କୁଡିଆ ଘର କରି ଟିଣ ଛପର କଲେ। ତେବେ ପିଲାଙ୍କୁ ପାଠ ପଢାଇବା ପାଇଁ କୋରାପୁଟ ଜିଲ୍ଲାର ଲମତାପୁର ଏବଂ ଅନକାଡେଲି ଅଂଚଳର ଦୁଇ ଯୁବକକଙ୍କୁ ମାସିକ ୩ ହଜାର ଟଂକା ଦେଇ ଶିକ୍ଷକ ନିଯୁକ୍ତି କଲେ। ଏବେ ସେହି ଦୁଇ ଜଣ ଗାଁରେ ରହି ପିଲାଙ୍କୁ ପାଠ ପଢାଉଛନ୍ତି। ସକାଳୁ ଆସିବେ ଦିନ ଚାରିଟା ପର୍ଯ୍ୟନ୍ତ ପାଠ ପଢାଇବେ। ଗ୍ରାମବାସୀଙ୍କର ଏହି ଉଦ୍ୟମ ପ୍ରଶଂସନୀୟ। ସୋମବାର ଦିନ କାଳ ବୈଶାଖୀରେ ସେହି ଘରର ଛାତ ମଧ୍ୟ ଉଡିଯାଇଥଇବାରୁ ଗ୍ରାମବାସୀ ଚିନ୍ତାରେ ପଡିଛନ୍ତି। ଗ୍ରାମରେ ସ୍କୁଲ ଥାଇ ମଧ୍ୟ ସ୍କୁଲ ନଚାଲିବା ଦୁଃଖର ବିଷୟ।ମାସ ମାସ ଧରି ସ୍କୁଲ ନଆସି ଶିକ୍ଷକମାନେ ଦରମା କିପରି ନେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଅଧିକାରୀ ଏନେଇ ଅବଗତ ରହିଛନ୍ତି କି ନାହିଁ ତାହା ମଧ୍ୟ ସଂଦେହ ସୃଷ୍ଟି କରୁଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ବଶ୍ୱନାଥ ସାହୁଙ୍କୁ ପଚାରିବାରୁ ସେ ଏନେଇ ତଦନ୍ତ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ଏହି ଶିକ୍ଷକମାନଙ୍କୁ ଘଣ୍ଟ ଘୋଡାଉଛି କିଏ ବୋଲି ପ୍ରଶ୍ନ କରାଯାଇଛି। ଖଇରପୁଟରେ ରହିବେ ଆଉ ଦୁର୍ଗମ ସ୍କୁଲ ବୋଲି ସ୍କୁଲକୁ ଯିବେ ନାହିଁ। ତାହା ବ୍ଲକ ଶିକ୍ଷାଧିକାରୀ କିପରି ଜାଣିପାରୁନାହାନ୍ତି ତାହାକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା। ଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ଶିକ୍ଷକମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# କଦମପଡା ଶିଶୁମନ୍ଦିରରେ ‘ରାଷ୍ଟ୍ରୀୟ ନବବର୍ଷ’ ‘ବର୍ଷ ପ୍ରତିପଦା’ ଉତ୍ସବ ପାଳନ

ବଲାଙ୍ଗିର, ୧୦/୪ (ନି.ପ୍ର): ଆଜି ବଲାଙ୍ଗୀର କଦମପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ‘ରାଷ୍ଟ୍ରୀୟ ନବବର୍ଷ-ବର୍ଷ ପ୍ରତିପଦା’ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଚାରଭଟା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ରା.ସ୍ୱ.ସଂ.ର ବିଭାଗ କାର୍ଯ୍ୟକାରିଣୀର ସଦସ୍ୟ କେଶବ ପଟେଲ ମୁଖ୍ୟ ଅତିଥୀ ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସ୍ୱାଗତ ସଙ୍ଗୀତ ଛାତ୍ରୀ ମୋନିକା ମହାପାତ୍ର, ଶ୍ରୀମୟୀ ପଣ୍ଡା, ଦ୍ୱୀପନ୍ୱୀତା ଦାଶ, ଆଦ୍ୟାଶା ମିଶ୍ର, ପ୍ରତୀକ୍ଷା ମିଶ୍ର ଓ ଛାତ୍ର ଅବିନାଶ ପଣ୍ଡା ଓ ଶକ୍ତି ସ୍ୱରୁପଜିତ ମାହାର ଗାନ କରିଥୀଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ମଂଚାସୀନ ଅତିଥୀଙ୍କ ପରିଚୟ ପ୍ରଦାନ କରିଥିଲେ । ସଂଯୋଜନା କରିଥିଲେ ଛାତ୍ରୀ ଜାଗୃତି ବେହେରା ଓ ପ୍ରୟାଂସୀ ସାହୁ । ଛାତ୍ରୀ ବକ୍ତା ସ୍ମୃତି ବୀଣାପାଣି ପଣ୍ଡା ଓ ମୌ।ସୁମୀ ନାଏକ ନବବର୍ଷର ବୈଜ୍ଞାନିକ ତଥ୍ୟାବଳୀ ଉପସ୍ଥାପନା କରିଥିଲେ । ପରେ ଶିକ୍ଷକ ସୁଶୀଳ କୁମାର ହୋତା ମଧ୍ୟ ଆଜି ଦିନର ମହତ୍ୱ ବର୍ଣ୍ଣନା କରିଥିଲେ । ବ୍ୟକ୍ତିଗତ ଗୀତ ଛାତ୍ରୀ ଅରୋସ୍ମିତା ବେହେରା ଗାନ କରିଥିଲେ । ପରେ ମୁଖ୍ୟ ଅତିଥୀ ଭାରତୀୟ କାଳଗଣନାର ବିଜ୍ଞାନଭିତିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ପରେ ସଭାପତି ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ରା.ସ୍ୱ.ସଂର ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡଗୱାରଙ୍କ ଜନ୍ମଦିନ ଅବସରରେ ‘ଆଦ୍ୟ ସରସଂଘ ଚାଳକ ପ୍ରଣାମ’ ଦିଆଯାଇଥିଲା । ମଂଚାସୀନ ଅତିଥୀଙ୍କ ମଧ୍ୟରେ ସଭାପତି ଡ. ଭବାନୀ ଶଙ୍କର ପଟେଲ, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା,ସଂପାଦକ ତରଣୀସେନ ପଟେଲ ଉପସ୍ଥିତ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀ ରେଶ୍ମା ମେହେର ଓଡିଶୀ ନୃତ୍ୟ, ରାଜନନ୍ଦିନୀ ବେହେରା ସମ୍ବଲପୁରୀ ଭଜନ ନୃତ୍ୟ, ମୋନିକା ପଟ୍ଟନାୟକ ଦେଶଭକ୍ତି ଗୀତ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ସରୋଜ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟତ୍ରୀ କୁମୁଦିନୀ ପୃଷ୍ଟିଙ୍କ ସଂଚାଳନରେ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

# ୩୮ ବର୍ଷର ଉଡ଼ାଯାତ୍ରା ଓ ମା' ବାସନ୍ତୀପୂଜା ରଜତ ଜୟନ୍ତୀ

## ବୈଶାଖୀ ମହୋତ୍ସବ ନବମ ସଂସ୍କରଣ




ବାଲେଶ୍ୱର, ୧୦/୪ (ନି.ପ୍ର): 'ବୈଶାଖୀ ମହୋତ୍ସବ'ର ନବମ ସଂସ୍କରଣ ପାଳନ ଅବସରରେ ସବୁବର୍ଷ ପରି ଏଥର ୩୮ବର୍ଷର ଉଡ଼ାଯାତ୍ରା ଏବଂ ସାର୍ବଜନୀନ ବାସନ୍ତୀପୂଜାର ରଜତଜୟନ୍ତୀ ଉତ୍ସବ ଆଗାମୀ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ସହର ଉପକଣ୍ଠ ସ୍ଥାନୀୟ ଈଶାଣୀ ଲବଣ ସତ୍ୟାଗ୍ରହ ପରିସରରେ ମହାଡ଼ମ୍ବର ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ଏକ 'ସାମ୍ବାଦିକ ସମ୍ମିଳନୀ' ଉତ୍ସବର ସଭାପତି ଆଡ଼ଭୋକେଟ୍ ଅଶୋକ କୁମାର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବକାଶରେ ଏବର୍ଷର ବହୁଚର୍ଚ୍ଚିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସ ଂପର୍କରେ ଅନୁଷ୍ଠାନର ସାଧାରଣ ସଂପାଦକ ଭାଗବତ ସାହୁ ବିଖ୍ୟାତ ଷ୍ଟାର କଳାକାର ଅଭିଜିତ୍ ମଜୁମ୍‌ଦାର, ବିଷ୍ଣୁମୋହନ କବି, ୟୁଟ୍ୟୁବର ରାଜୁ ଏବଂ ଟୁକୁନା ତଥା ଯାତ୍ରା ଧମାକାରେ ବହୁସଂଖ୍ୟାର ସ୍ଥାନୀୟ ୫୦ଖଣ୍ଡ ଗାଁର ଜନସମାଗମ ହେବାର ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ନବମ ବୈଶାଖୀ ଉତ୍ସବର ପ୍ରଥମ ସନ୍ଧ୍ୟାକୁ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ଉଦ୍‌ଘାଟନ କରୁଥିଲାବେଳେ ୨ୟ ସନ୍ଧ୍ୟାରେ ଐତିହାସିକ ୩୮ବର୍ଷର ଅଗଣିତ ଜନସମାଗମର ଉଡ଼ାଯାତ୍ରାକୁ ପ୍ରାକ୍ତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୩ୟ ସନ୍ଧ୍ୟାକୁ ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ୍ତ ପଣ୍ଡା, ମହିଳାମାନଙ୍କ ଉଦ୍ଦେଶ୍ୟରେ ୪ର୍ଥ ସନ୍ଧ୍ୟାକୁ ବାଲେଶ୍ୱର ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ୫ମ ସନ୍ଧ୍ୟାକୁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ କୁମାର ଷଡ଼ଙ୍ଗୀ ଏବଂ ୬ଷ୍ଠ ସନ୍ଧ୍ୟାକୁ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ଜେନା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲାବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବାଲେଶ୍ୱର ଓକିଲ ସଂଘର ସଭାପତି ରଘୁନାଥ ପ୍ରଧାନ, ସଂପାଦକ ସଂବିତ୍ କୁମାର ନନ୍ଦୀ, ଆଡ଼ଭୋକେଟ୍ ପର୍ଶୁରାମ ପ୍ରଧାନ, ପ୍ରାକ୍ତନ ବ୍ରିଟ୍ ଅଧକ୍ଷ ଗୌରୀ କୁମାର ରାଉତ, ସଂପ୍ରତି ବ୍ରିଟ୍ ଅଧକ୍ଷ ଆଲୋକ କୁମାର ସାହୁ, ପୂର୍ବତନ ରେମୁଣା ବିଧାୟକ ଗୋବିନ୍ଦ ଦାସ, ସଦର ବ୍ଲକ୍ ଅଧକ୍ଷା ଶ୍ରୀମତୀ ସୁନୀତା ବେହେରା, ସମିତି ସଦସ୍ୟ ଶ୍ରୀଯୁକ୍ତ ସୂର୍ଯ୍ୟ କୁମାର ମିଶ୍ର, 'ଆଜିକାଲି'ର ପ୍ରକାଶକ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ମହାନ୍ତି, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ସାରଗାଁ ସରପଞ୍ଚ ସାବିତ୍ରୀ ଶତପଥୀ, ସମାଜସେବୀ ବିକ୍ରମ ପଣ୍ଡା, ଉଦ୍ୟୋଗପତି ମୌସୁମ କୁମାର ସିଂ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାୟକ ଓ ନରେନ୍ଦ୍ର ଦାସ, ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ, ନାଏବ ସରପଞ୍ଚ ମନ୍ମଥ ମାଝୀ ପ୍ରମୁଖ ଉତ୍ସବର ସଦସ୍ୟ-କର୍ମକର୍ତ୍ତାମାନଙ୍କର ଉପସ୍ଥିତି ରହିବ ବୋଲି କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ସୂଚନା ଦେଇଥିଲେ। ଏହି ଅବସରରେ ସ୍କୁଲ୍ ଓ କଲେଜ୍‌ସ୍ତରୀୟ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ସଂପାଦନା କରାଯାଇ ପ୍ରତିଭାସମ୍ପନ୍ନ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ବର୍ଗର ପୁରସ୍କାର ପ୍ରଦାନ କରାଯିବାର ଘୋଷଣା ଉତ୍ସବର କୋଷାଧକ୍ଷ ପ୍ରଫୁଲ୍ଲ କୁମାର ନାୟକ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ ଦୀର୍ଘ ସପ୍ତାହବ୍ୟାପୀ ବୈଶାଖୀ ମହୋତ୍ସବର ଅନ୍ୟତମ ଆକର୍ଷଣ ଭାବରେ କାବ୍ୟଶିଳ୍ପୀ ତଥା ବିଖ୍ୟାତ ସଂଗ୍ରାହକ ଶ୍ରୀଯୁକ୍ତ ସର୍ବେଶ୍ୱର ଦାସଙ୍କ ଐତିହାସିକ ଫଟୋ ସଂଗ୍ରହର ଅପୂର୍ବ ମିଳନୀ ଗ୍ୟାଲେରୀ ପ୍ରଦର୍ଶିତ କରାଯିବ।

## ୩ ଜଣ ପାଇବେ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ

ଭୁବନେଶ୍ୱର, ୧୦/୪ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ପ୍ରଜ୍ଞାପୁରୁଷ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯ମ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନରେ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡଃ ବିମଳେନ୍ଦୁ ମହାନ୍ତିଙ୍କ ନୂଆପଲ୍ଲୀ ବାସଭବନରେ ଡଃ ମହାନ୍ତିଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେବା ପରେ କୋଷାଧକ୍ଷ ଡଃ ବଦ୍ରୀନାଥ ପଟ୍ଟନାୟକ, ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବଲାଙ୍ଗୀରର ପୂର୍ବତନ ବିଧାୟକ ରାଧାକାନ୍ତ ପଣ୍ଡା, ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଫେସର ଡଃ ବିଜୟାନନ୍ଦ ସିଂହ ଏବଂ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ କେନ୍ଦ୍ରାପଡ଼ାର ବରିଷ୍ଠ ସାମ୍ବାଦିକ ପରିକ୍ଷୀତ ପାତ୍ରଙ୍କୁ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଉପରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ପାଇଁ ସମାଜସେବୀ ଶ୍ରୀମତୀ ନିବେଦିତା ଭଞ୍ଜଙ୍କୁ ଦାୟିତ୍ୱ ଦିଆଗଲା। ୯ ବର୍ଷ ଭିତରେ ରାଜ୍ୟ ସରକାର ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ସ୍ଥାପନ ନ କରିବା ନେଇ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ୨୧ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ସତ୍ୟନଗରସ୍ଥିତ ହୋଟେଲରେ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ସାଧାରଣ ସମ୍ପାଦକ ଡଃ ଜ୍ଞାନେନ୍ଦ୍ର ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡଃ ବେଦବତୀ ମହାନ୍ତି, ପ୍ରଫେସର ଡଃ ଯୁଧିଷ୍ଠିର ଖଟୁଆ, ଆନନ୍ଦ ଚୈତନ୍ୟ ବ୍ରହ୍ମ□ରୀ, ସନତ ଦାସ, ଆଲୋକ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଡଃ ନିବେଦିତା ପଟ୍ଟନାୟକ, ଶ୍ରୀମତୀ ମିତ୍ରା ରାୟ, ବରୁଣ ରାଜ, ମହମ୍ମଦ ସହାବୁଲା ଓ ଆଡ଼ଭୋକେଟ ଶାନ୍ତନୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ତା ନିର୍ବାଚନ ମଣ୍ଡଳୀ: ବିଜେଡିକୁ ଟକ୍କର ଦେବେ ବିଜେପି ନେତା ରବୀନ୍ଦ୍ର ଜୈନ



ବାଲିଆପାଳ , ୧୦/୪ (ନି.ପ୍ର): ଚଳିତ ନିର୍ବାଚନରେ ବସ୍ତା ରେ ବିଜୁ ଜନତା ଦଳକୁ ଜୋରଦାର ଟକ୍କର ଦେବେ ଭାରତୀୟ ଜନତା ପାର୍ଟିର ହେଭି ୱେଟ୍ ନେତା ରବୀନ୍ଦ୍ର ଜୈନ। ତାଙ୍କର ଭାଜପା ପ୍ରୀତି ଓ ଏକାଗ୍ର ମନ ଅନ୍ୟ ମାନଙ୍କଠୁ ସ୍ୱତନ୍ତ୍ର ଓ ନିଆରା। ସଂଘ ପରିବାର ଉପରେ ବିଶ୍ୱାସ ରଖୁ ଥିବା ଏହି ନେତା ଜଣକ ଟିକେଟ ପାଇଁ ଦାବିଦାର ବୋଲି ତାଙ୍କ ସମର୍ଥକ ମାନେ କହିଛନ୍ତି। ରବୀନ୍ଦ୍ର ଜୈନଙ୍କୁ ଦଳ ତ୍ୟାଗ କରିବା ପାଇଁ ଅତୀତରେ ବହୁ ବାର ପ୍ରଲୋଭିତ କରାଯାଇଥିଲେ ବି ସେ ଆଦୌ ବି ପ୍ରଲୋଭିତ ହୋଇ ନାହାଁନ୍ତି। ବସ୍ତା ନିର୍ବାଚନ ମଣ୍ଡଳୀରେ ଯେଉଁ ୧୭ ଟି ପଞ୍ଚାୟତ ବସ୍ତା ବ୍ଲକ୍ରୁ ରହିଛି ସେହି ସବୁ ପଞ୍ଚାୟତରେ ରବୀନ୍ଦ୍ର ଜୈନ ଙ୍କ ଖୁବ୍ ଦବ ଦବା ରହିଛି। ଗତ ୨୦୧୯ ନିର୍ବାଚନରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବସ୍ତା ଗସ୍ତ ପରେ ସେଠାରେ ଭାରତୀୟ ଜନତା ପାର୍ଟିର ଶକ୍ତି ବୃଦ୍ଧି ଘଟି ଥିଲା। ଭାଜପାର ବରିଷ୍ଠ ନେତା ରଘୁ ନାଥ ମହାନ୍ତି ଟିକେଟ ପାଇ ନିର୍ବାଚନ ଲଢ଼ିଥିଲେ। ରଘୁ ନାଥ ମହାନ୍ତି କେବଳ ବସ୍ତା ଅଞ୍ଚଳରୁ ୨୨ ହଜାରରୁ ଅଧିକ ଭୋଟ ପାଇଥିଲେ ଯାହା କଂଗ୍ରେସ ପ୍ରାର୍ଥୀ ଠାରୁ ଦୁଇ ଗୁଣରୁ ଅଧିକ ଥିଲା। ଏବେ ରଘୁ ନାଥ ମହାନ୍ତି ବିଜୁ ଜନତା ଦଳକୁ ଫେରି ଯାଇ ଥିବା ବେଳେ ଭୋଟରଙ୍କ ଭାଜପା ପ୍ରୀତି ବଳବତ୍ତର ରହିଛି। ରଘୁ ନାଥ ମହାନ୍ତିଙ୍କ ବାରଂବାର ଦଳ ତ୍ୟାଗକୁ ଭୋଟର ଗ୍ରହଣ କରିବା ପାଇଁ ନାରାଜ। ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଭିତିରି ସମର୍ଥନ ଭାରତୀୟ ଜନତା ପାର୍ଟି ପ୍ରତି ରହିଛି ବୋଲି ତାଙ୍କ ନିକଟତମ ମହଲରୁ ପ୍ରକାଶ। ନିତ୍ୟାନନ୍ଦ ସାହୁଙ୍କୁ ଦଳୀୟ ଟିକେଟ ନ ମିଳିବାରୁ ତାଙ୍କ ସମର୍ଥକ ମାନେ କ୍ଷୁବ୍ଧ ରହିଛନ୍ତି। ଦିର୍ଘ ଦିନ ଲୋକଙ୍କ ସେବାରେ ଥିବା ଏହି ସରଳ ନିଷ୍କପଟ ନେତାଙ୍କ ପ୍ରତି ବସ୍ତା ଅଞ୍ଚଳର ଭୋଟରଙ୍କ ଯଥେଷ୍ଟ ଅନୁକମ୍ପା ରହିଛି। ରବୀନ୍ଦ୍ର ଜୈନ ଏକ ନିର୍ବିବାଦୀୟ ନେତା ହୋଇ ଥିବାରୁ ତାଙ୍କୁ ଦଳୀୟ ଟିକେଟ ମିଳିଲେ ସେ ଦଳକୁ ଜିତାଇ ପାରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଠି ବିଜୁ ଜନତା ଦଳର ଗୋଷ୍ଠି କନ୍ଦଳ ଭାଜପାକୁ ହିଁ ଫାଇଦା ଦେବ ବୋଲି ସାଧାରଣରେ ଆଲୋଚନା ହେଉଛି। ବସ୍ତାରେ ରବୀନ୍ଦ୍ର ଜୈନ , ଉତ୍ତର ବାଲିଆପାଳରୁ ରବୀନ୍ଦ୍ର ନାଥ ଅଣ୍ଡିଆ ଓ ଦକ୍ଷିଣ ବାଲିଆପାଳରେ ସଞ୍ଜୀବ କୁମାର ପାଢ଼ୀ ପ୍ରମୁଖ ନେତାମାନେ ମିଳିତ ହୋଇ ଯଦି ନିର୍ବାଚନ ଲଢେଇରେ ଅବତୀର୍ଣ୍ଣ ହୁଅନ୍ତି ତାହାଲେ ଅନ୍ୟ ଦଳ ନେତା ମାନଙ୍କର ସୂଚନୀୟ ଅବସ୍ଥା ହେବ ବୋଲି ଆକଳନ କରାଯାଇଛି। ପୂର୍ବତନ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସଚ୍ଚୋଟ ପଣିଆ ଓ ସାଧୁତା ଏହି ଅଞ୍ଚଳର ଲୋକଙ୍କ ଉପରେ ରହିଛି।ସେ କିଛି ନ କଲେ ବି ସେ ଦୁର୍ନୀତି ଗ୍ରସ୍ତ ନେତା ନୁହଁନ୍ତି। ଗୁଣ୍ଡା ରାଜ ଏହି ସବୁ ଅଞ୍ଚଳରୁ ଲୋପ୍ ପାଇବ। ଏହି ପରି ପ୍ରେକ୍ଷୀରେ ବିଜୁ ଜନତା ଦଳର ଭୋଟ ହାର ଯେତେ ଯାହା କଲେ ବି ନିଶ୍ଚିତ ଭାବେ ହ୍ରାସ ପାଇବ। ବୁଦ୍ଧିମାନ ଭୋଟର ଟଙ୍କା ନେବେ କିନ୍ତୁ ଭୋଟ ଦେବେ ନାହିଁ। ଗତ ଥର ସାଂସଦ ନିର୍ବାଚନରେ ଯାହା ଦିଖିବାକୁ ମିଳିଥିଲା ତାହାର ହିଁ ପୁନରାବୃତ୍ତି ହେବ। ବସ୍ତା ନିର୍ବାଚନ ମଣ୍ଡଳୀରୁ ସୁବାସିନୀ ଜେନା ବିଜେଡି ଟିକେଟ ପାଇ ସାରିଥିବା ବେଳେ କଂଗ୍ରେସ ଓ ଭାଜପା ସେମାନଙ୍କ ପ୍ରାର୍ଥି ଚୟନ ଅଦ୍ୟାବଧି କରି ନାହାଁନ୍ତି। ଧୀରେ ଧୀରେ ବସ୍ତା ବିଧାନ ସଭା ନିର୍ବାଚନ ମଣ୍ଡଳୀ ସ୍ଥିତି ଜଟିଳ ହେବାକୁ ଯାଉଥିବା ବେଳେ ଭୋଟରଙ୍କ ମଧ୍ୟରେ ତତୋର୍ଦ୍ଧ ଉତ୍ସୁକତା ସେମିତି ହାରରେ ବଢ଼ି ବାକୁ ଲାଗିଛି।

# ପ୍ରତିମା ସେବା ସଦନର ବାର୍ଷିକ ଉତ୍ସବ ପାଳନ



ବାଲେଶ୍ୱର, ୧୦/୪ (ନି.ପ୍ର): ବାଲେଶ୍ୱର ସହରର ତେଲେଙ୍ଗା ସାହିସ୍ଥିତ ବସନ୍ତଲତା ପଟ୍ଟନାୟକଙ୍କ ବାସଭବନ ପରିସରରେ ପ୍ରତିମା ସେବା ସଦନର ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧକ୍ଷ ବସନ୍ତଲତା ପଟ୍ଟନାୟକଙ୍କ ସଭାପତିତ୍ୱରେ ରବିବାର ଦିନ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସର୍ବପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ମୁଖ୍ୟବକ୍ତା ଭାବେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା, ବିଜୟ କୁମାର ଦାସ ଅଧିକାରୀ ଓ ଶଚୀନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମାଜରେ ବଢୁଥିବା ଧର୍ମଗତ ହିଂସା, ରାଜନୈତିକ ହିଂସା ବିରୋଧରେ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରି ନିଜର ଉତ୍ତମ ଭବିଷ୍ୟତ ଗଠନ କରିବା ସମ୍ପର୍କରେ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ସଭାକାର୍ଯ୍ୟରେ ଅନୁଷ୍ଠାନର ଛାତ୍ର ଚନ୍ଦ୍ରାୟ ହେମ୍ବ୍ରମ୍ ମଞ୍ଚ ପରିଚାଳନା ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାନ୍ଦିନୀ ହାଁସଦା, ଇନକ ମହାପାତ୍ର, ଭବାନୀ ଶଙ୍କର ବିଶ୍ୱାଳଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଏବଂ ଅନୁଷ୍ଠାନରେ ଆୟୋଜିତ ହୋଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ପଣ୍ଡା, କ୍ରିଷ୍ଣା ଶାହା, ଆଇନଜୀବୀ ସୁଧାଂଶୁ ଦାସ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଗ୍ରାମବାସୀବୃନ୍ଦ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସଭା ସମାପ୍ତ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନିର୍ବାଚନ କାର୍ଯ୍ୟରେ ଅବହେଳା : ଚାକିରିରୁ ନିଲମ୍ବିତ ହେଲେ ବନ୍ତ ତହସିଲର ଏ.ଆର.ଆଇ. ରାମନାରାୟଣ ସାମଲ

ଭଦ୍ରକ, ୧୦/୪ (ନି.ପ୍ର): ନିର୍ବାଚନ କାର୍ଯ୍ୟରେ ଅବହେଳା ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶ ଅବମାନନା ପାଇଁ ସଂପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଚାକିରୀରୁ ନିଲମ୍ବନ କରାଯାଇଛି । ଭଦ୍ରକ ଜିଲ୍ଲାର ବନ୍ତ ତହସିଲରେ କାର୍ଯ୍ୟରତ ସହକାରୀ ରାଜସ୍ୱ ନିରୀକ୍ଷକ ରାମ ନାରାୟଣ ସାମଲ ନିର୍ବାଚନ କାର୍ଯ୍ୟରେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଓଡ଼ିଶା ସିଭିଲ ସର୍ଭିସ୍ ନିୟମାନୁଯାୟୀ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କୁ ସରକାରୀ ଚାକିରୀରୁ ତୁରନ୍ତ ନିଲମ୍ବନ ଆଦେଶ ପ୍ରଦାନ କରିଛନ୍ତି । ନିଲମ୍ବନ ସମୟରେ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ତାଙ୍କ ପାଇଁ ସଦର ମହକୁମା ସ୍ଥିର କରାଯାଇଛି ଏବଂ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସଦର ମହକୁମା ନ ଛାଡ଼ିବାକୁ ଆଦେଶ ଦିଆଯାଇଛି । ନିର୍ବାଚନ କାର୍ଯ୍ୟରେ କୌଣସି କର୍ମଚାରୀଙ୍କ କ୍ଷେତ୍ରରେ ଆଗକୁ ଏଭଳି ଅବହେଳା ପରିଲକ୍ଷିତ ହେଲେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

## ଭବ୍ୟ ସ୍ୱାଗତ ଦେଖି ଭାବବିହ୍ୱଳ ...

ସେ କହିଛନ୍ତି ଯେ "ମୁଁ ବିଜେପିରେ ଅଛି। ବିନା ନିର୍ବାଚନରେ ଲୋକ ମୋତେ ଜିତାଇ ସାରିଲେଣି। ମୁଁ ପୂର୍ବରୁ ବିଜେପିରୁ ଇସ୍ତଫା ଦେଇଥିଲି। କିନ୍ତୁ ଦଳ ତାକୁ ଗ୍ରହଣ କରି ନାହିଁ। ତେଣୁ ମୁଁ ବିଜେପି ଦଳର ସଦସ୍ୟ। ନିର୍ବାଚନ ପାଇଁ ଲୋକମାନେ ପ୍ରସ୍ତୁତ ଅଛନ୍ତି। ମୁଁ ବି ପ୍ରସ୍ତୁତ ଅଛି। ପାର୍ଟି ଯାହା ନିଷ୍ପତ୍ତି ନେବେ, ସେକଥା ୨ ଦିନ ଭିତରେ ଜଣାପଡ଼ି ଯିବ।" ଅନ୍ୟପକ୍ଷରେ ଏଥର ରାଉରକେଲାରେ ବଡ଼ ଲଢ଼େଇ ଦେଖିବାକୁ ମିଳିବ। କାରଣ ବିଜେଡିରୁ ଶାରଦା ନାୟକ ପ୍ରାର୍ଥୀ ହୋଇଛନ୍ତି। ବିଜେପି ଏଯାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ନଥିଲେ ହେଁ ଦିଲୀପ ରାୟ ହିଁ ଟିକେଟ ପାଇବା ଏକପ୍ରକାରର ନିଶ୍ଚିତ ହୋଇ ସାରିଛି। ୨୦୧୪ ନିର୍ବାଚନରେ ଶାରଦା ନାୟକ ଓ ଦିଲୀପ ରାୟଙ୍କ ଭିତରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଏଥିରେ ଦିଲୀପ ରାୟ ବିଜୟୀ ହୋଇଥିଲେ। ୨୦୧୪ ପୁନରାବୃତ୍ତି ପୁଣି ୨୦୨୪ରେ ହେବାକୁ ଯାଉଥିବା କୁହାଯାଉଛି। ଆଜି ଦିଲୀପ ରାୟ ଅପରାହ୍ନରେ ବିମାନ ଯୋଗେ ଦିଲ୍ଲୀରୁ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ହିଁ ତାଙ୍କୁ ହଜାର ହଜାର ସଂଖ୍ୟାରେ ଲୋକେ ସ୍ୱାଗତ କରିବା ଆରମ୍ଭ କରିଥିଲେ। ଦିଲୀପ ରାୟ କହିଛନ୍ତି, "ଓଡ଼ିଶାରେ କୌଣସି ରାଜନେତାଙ୍କୁ କେବେ ହେଲେ ଏମିତି ସ୍ୱାଗତ କେହି ଦେଇ ନଥିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆପ୍‌ରେ କମ୍ପନ: ଇସ୍ତଫା.....

ପଦବୀରେ ସ୍ଥାନ ଦିଆଯାଏ ନାହିଁ। ମୁଁ ଜଣେ ବ୍ୟକ୍ତି ଯିଏ ବାବା ସାହେବ ଆମ୍ବେଦକରଙ୍କ ନୀତି ଅନୁସରଣ କରେ ଯଦି ମୁଁ ଦଳିତଙ୍କ ପାଇଁ କାମ କରିପାରିବି ନାହିଁ ତେବେ ଦଳରେ ରହିବାର କୌଣସି ଅର୍ଥ ନାହିଁ ବୋଲି ସେ କହିଛନ୍ତି। ରାଜେନ୍ଦ୍ର ପାଲ ଗୌତମଙ୍କ ଇସ୍ତଫା ପରେ ୨୦୨୨ରେ ରାଜ କୁମାର ଆନନ୍ଦଙ୍କୁ କେଜ୍ରିୱାଲ ସରକାରରେ ମନ୍ତ୍ରୀ କରାଯାଇଥିଲା। ସେହି ସମୟରେ ସାମାଜିକ କଲ୍ୟାଣ ବିଭାଗ ପରିଚାଳନା କରୁଥିବା ରାଜେନ୍ଦ୍ର ପାଲ ଗୌତମ ଧାର୍ମିକ ଭାବନାକୁ ଭଡକାଇବା ଅଭିଯୋଗରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଗତ ବର୍ଷ ନଭେମ୍ବରରେ ଯେତେବେଳେ ଇଡି ମଦ ଦୁର୍ନୀତି ମାମଲାରେ ପଚରାଉଚରା ପାଇଁ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଡାକିଥିଲା, ସେତେବେଳେ ଠିକ୍ ଏହା ପୂର୍ବରୁ ଇଡି ମନ୍ତ୍ରୀ ରାଜକୁମାର ଆନନ୍ଦଙ୍କ ବାସଭବନରେ ଚଢ଼ାଉ କରିଥିଲା। ଦିଲ୍ଲୀ ସରକାରୀ ସିଭିଲ୍ ଲାଇନ୍‌ରେ ଥିବା ମନ୍ତ୍ରୀଙ୍କ ସରକାରୀ ବାସଭବନ ସମେତ ୯ଟି ସ୍ଥାନ ଇଡିର ଟିମ୍ ରେଡ୍ କରିଥିଲା। ରାଜକୁମାର ଆନନ୍ଦଙ୍କ ବ୍ୟବସାୟ ସହ ଜଡିତ ମାମଲାରେ ଇଡି ଏହି ଚଢ଼ାଉ କରିଥିବା ପରେ ଜଣାପଡିଥିଲା।

## ପ୍ରଚାର ପାଇଁ ଓଡ଼ିଶା ...

ତେଣୁ କୋରାପୁଟ ଗସ୍ତରେ ଆସି ପ୍ରଚାର କରିବେ ସୋନିଆ ଗାନ୍ଧି। ସେହିପରି ରାୟଗଡ଼ାରେ ପ୍ରଚାର କରିବେ କଂଗ୍ରେସର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଗୁଣପୁର, ରାୟଗଡ଼ା, କୋରାପୁଟ ଓ ଜୟପୁରରେ ରୋଡ୍ ଶୋ କରି ତେଲଗୁ ଭୋଟରଙ୍କୁ ଆକୃଷ୍ଟ କରିବେ। ମେ' ୧୩ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ବ୍ରହ୍ମପୁର ଲୋକସଭା ସମେତ ୨୮ଟି ବିଧାନସଭା ଆସନ ପାଇଁ ଭୋଟିଂ ହେବ।

## ଓଆରଏଚଡିସି ଦୁର୍ନୀତି ...

ତାଙ୍କ ରାୟରେ କହିଥିଲେ। ଏହି ମାମଲାରେ ତଳ କୋର୍ଟ ରାୟ ବିରୋଧରେ ହାଇକୋର୍ଟ ଯିବା ନିମନ୍ତ ମୋକିମ କହିଥିବା ବେଳେ ଆଜି ତାଙ୍କୁ ଶକ୍ତ ଝଟକା ଲାଗିଛି। ୨୦୦୦ ମସିହା ଜାନୁଆରୀ ୪ ତାରିଖରୁ ୨୦୦୧ ମସିହା ମେ' ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାର ଓଆରଏଚଡିସିର ପରିଚାଳନା ନିର୍ଦ୍ଦେଶକ ଥିଲେ। ସେହି ସମୟରେ ସ୍ୱସ୍ତି ରଞ୍ଜନ ମହାପାତ୍ର ଓଆରଏଚଡିସିର କମ୍ପାନୀ ସେକ୍ରେଟେରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୦୦ ଜୁନ୍ ୨୪ ତାରିଖରେ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଓଆରଏଚଡିସିରେ ୧୫୦ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲା। ଭୁବନେଶ୍ୱର ନୟାପଲ୍ଲୀରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟରେ ୫୦ଟି ଫ୍ଲାଟ ନିର୍ମାଣ ପାଇଁ କଂପାନୀ ପକ୍ଷରୁ ଋଣ ଆବେଦନ କରାଯାଇଥିଲା। ବିନୋଦ କୁମାରଙ୍କ ନିର୍ଦ୍ଦେଶ ପ୍ରକାରେ ସ୍ୱସ୍ତି ରଞ୍ଜନ ମହାପାତ୍ର ଋଣ ଆବେଦନ ଦରଖାସ୍ତକୁ ଯାଞ୍ଚ କରି ପୂରା ପ୍ରକ୍ରିୟା ସଂପାଦନ କରିଥିଲେ। ପରେ ଏହାକୁ ଅନୁମୋଦନ କରିବାକୁ ସେ ବିନୋଦ କୁମାରଙ୍କ ପାଖକୁ ପଠାଇଥିଲେ। ୧୫୦ ଲକ୍ଷର ଋଣକୁ ବିନୋଦ କୁମାର ଅନୁମୋଦନ କରିଥିଲେ ଏବଂ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ତିନିଟି କିସ୍ତିରେ ୨୦୦୦ ଜୁଲାଇ ୬ ତାରିଖରୁ ୨୦୦୦ ଅଗଷ୍ଟ ୨୮ ତାରିଖ ମଧ୍ୟରେ ଋଣ ଅର୍ଥ ପ୍ରଦାନ କରାଯାଇଥିଲା। ପ୍ରଥମ କିସ୍ତିରେ ୧୦୦ ଲକ୍ଷ ଟଙ୍କା, ଦ୍ୱିତୀୟ କିସ୍ତିରେ ୩୦ ଓ ତୃତୀୟ କିସ୍ତିରେ ୨୦ ଲକ୍ଷ ଟଙ୍କା ଦିଆଯାଇଥିଲା। ଲୋନ୍ ଏଗ୍ରିମେଣ୍ଟ ଓ ଏ ସଂପର୍କିତ ଅନ୍ୟାନ୍ୟ କାଗଜପତ୍ରରେ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ନିର୍ଦ୍ଦେଶକ ପୀୟୂଷ ମହାନ୍ତି ଦସ୍ତଖତ କରିଥିଲେ। ତେବେ ଋଣ ନ ସୁଝିବା ଯୋଗୁ ୩୧ ଜୁଲାଇ ୨୦୦୭ ସୁଦ୍ଧା ମେଟ୍ରୋ ବିଲ୍ଡର ଉପରେ ୬କୋଟିରୁ ଅଧିକ ଟଙ୍କା ପେଣ୍ଡିଂ ରହିଥିଲା। ଫଳରେ ସରକାରଙ୍କ ଆର୍ଥିକ କ୍ଷତି ହୋଇଥିଲା।

## କଂଗ୍ରେସର ୫୯ଜଣିଆ ପ୍ରଚାର...

ରାମଚନ୍ଦ୍ର ଖୁଣ୍ଟିଆ, ସୁଶୀଳା ତିରିଆ, ପଂଚାନନ କାନୁନଗୋ, ବିଜୟଲକ୍ଷ୍ମୀ ସାହୁ, ଦେବାଶୀଷ ପଟ୍ଟନାୟକ, ପଦ୍ମାକର ଗୁରୁ, କୃଷ୍ଣଚନ୍ଦ୍ର ଶଗରିଆ, ଶରତ ରାଉତ, ହମିଦ୍ ହୁସେନ, ଜଗନ୍ନାଥ ପଟ୍ଟନାୟକ, ସପ୍ତଗିରି ଉଲାକା, ହଳଧର କାର୍ଜି ପ୍ରମୁଖ ରହିଛନ୍ତି। କଂଗ୍ରେସ ଛାଡ଼ି ପୁଣିଥରେ ଦଳକୁ ଫେରିଥିବା ବରିଷ୍ଠ ନେତା ଗିରିଧର ଗମାଙ୍ଗ ଓ ଶ୍ରୀକାନ୍ତ ଜେନାଙ୍କୁ ମଧ୍ୟ ପ୍ରଚାର କମିଟି ସଦସ୍ୟ ଭାବେ ସାମିଲ କରାଯାଇଛି। କଂଗ୍ରେସ ଟିକେଟରେ ପାରଳାଖେମୁଣ୍ଡିରୁ ପ୍ରାର୍ଥୀ ହୋଇଥିବା ଅବସରପ୍ରାପ୍ତ ଆଇଏଏସ୍ ବିଜୟ କୁମାର ପଟ୍ଟନାୟକଙ୍କୁ ମଧ୍ୟ ପ୍ରଚାର କମିଟିର ସଦସ୍ୟ ଭାବେ ତାଲିକାରେ ସ୍ଥାନ ମିଳିଛି। ଶ୍ରୀ ପଟ୍ଟନାୟକଙ୍କୁ ଗତ ମାର୍ଚ୍ଚ ଶେଷ ସପ୍ତାହରେ ପ୍ରଚାର କମିଟି ଅଧକ୍ଷ ପଦରୁ ହଟାଇ ପ୍ରଚାର ସମନ୍ୱୟ କମିଟିର ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଆଜି ତାଙ୍କୁ କେବଳ ପ୍ରଚାର କମିଟିର ସଦସ୍ୟ ଭାବେ ସାମିଲ କରାଯାଇଛି। ଏମାନଙ୍କ ବ୍ୟତୀତ ସଦନ ନାଏକ, ମନୋରଞ୍ଜନ ତ୍ରିପାଠୀ, ପଦ୍ମାକର ଗୁରୁ, ଜାକବ ପ୍ରଧାନ, ଲିପିକା ମାଝୀ, ବନ୍ଦିତା ପରିଡ଼ା, ମନୋଜ ବିଶ୍ୱାଳ, ବିଦ୍ୟୁଭୂଷଣ ମହାପାତ୍ର, ପଂଚାନନ ଦାଶ,ପୃଥ୍ୱୀବଲ୍ଲଭ ପଟ୍ଟନାୟକ,ବିସ୍ମୟ ମହାପାତ୍ର, ରଞ୍ଜିତା ରାଉତ, ଅଜିତ୍ ଦାସ, ଗଣେଶ ସାହୁ, ସନ୍ତୋଷ ମାଣ୍ଡେଲା, ହେମନ୍ତ ପଣ୍ଡା, ତୁଷାର ରଞ୍ଜନ ପାଟଯୋଶୀ, ଅଙ୍କିତ ସିଘାଂରୀ, ମନସା ତ୍ରିପାଠୀ, ବିଷ୍ଣୁଚରଣ ବାରିକ, ଆକବର ଖାନ, ଅଶୋକ କୁମାର ମହାନ୍ତି, ସରୋଜ କୁମାର ପ୍ରଧାନ, ଦେବେନ୍ଦ୍ର କୁମାର ସାହୁ, ଆକାଶ ଭୂୟାଁ, ଗିରିବାଳା ବେହେରା, ସସ୍ମିତା ବେହେରା, ହରେକୃଷ୍ଣ ସାହୁ, ଗୀତାଞ୍ଜଳି ମହାନ୍ତ, ଶଶୀକାନ୍ତ ଲେଙ୍କା, ସୁଦାମ ବାରିକ, ସତ୍ୟ ନାଏକ, ଫକିରା ଜଗତ ସଦସ୍ୟ ଭାବେ ସାମିଲ ହୋଇଛନ୍ତି।

## ବିଜେଡିର ୩୮ ଜଣିଆ ...

କରିବା ପାଇଁ ଦଳ ଇସ୍ତାହାର କମିଟିରେ ଶ୍ରୀମୟୀଙ୍କୁ ସଦସ୍ୟ ଭାବେ ସାମିଲ କରିଥିବା ଚର୍ଚ୍ଚା ହେଉଛି। କମିଟିର ଅଧକ୍ଷ ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ କମିଟିରେ ରହିଛନ୍ତି। ଦଳ ତାଙ୍କୁ ଏଥର ଟିକେଟ ଦେଇ ନାହିଁ। ତାଙ୍କ ବଦଳରେ ବିଜେପିରୁ ଆମଦାନୀ ହୋଇ ଆସିଥିବା ଭୃଗୁ ବକ୍ସି ପାତ୍ର ବିଜେଡି ଟିକେଟରେ ବ୍ରହ୍ମପୁର ଲୋକସଭା ନିର୍ବାଚନ ଲଢ଼ିବେ। ଏଥିପାଇଁ ଚନ୍ଦ୍ରଶେଖର ସାହୁଙ୍କୁ ଇସ୍ତାହାର କମିଟିର ଆବାହକ କରାଯାଇଛି। ସେହିପରି ଅମର ପଟ୍ଟନାୟକ କମିଟିର ଆବାହକ ରହିଛନ୍ତି। ୩୮ ଜଣିଆ କମିଟିରେ ୬ ସହ ଅଧକ୍ଷ ଓ ୩ ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ସାମିଲ କରାଯାଇଛି। ଏହାବାଦ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ସହ ଆବାହ ଭାବେ କମିଟିରେ ଅଛନ୍ତି। ଚନ୍ଦ୍ରଶେଖର ସାହୁ-ଅଧକ୍ଷ, ଦେବୀ ପ୍ରସାଦ ମିଶ୍ର- ଉପାଧକ୍ଷ, ପ୍ରତାପ ଦେବ- ଉପାଧକ୍ଷ, ସୁଦାମ ମାର୍ଣ୍ଡି- ଉପାଧକ୍ଷ, ମଙ୍ଗଳା କିଷାନ- ଉପାଧକ୍ଷ, ପଦ୍ମନାଭ ବେହେରା- ଉପାଧକ୍ଷ, କସ୍ତୁରୀ ମହାପାତ୍ର- ଉପାଧକ୍ଷ, ଅମର ପଟ୍ଟନାୟକ- ଆବାହକ, ସସ୍ମିତ ପାତ୍ର- (ସହ-ଆବାହକ), ସୁକାନ୍ତ ମହାପାତ୍ର- ପ୍ରବାସୀ ଓଡ଼ିଶା ବିଶେଷଜ୍ଞ ସଦସ୍ୟ, ସ୍ୱପ୍ନେନ୍ଦୁ ମହାନ୍ତି- ପ୍ରବାସୀ ଓଡ଼ିଶା ବିଶେଷଜ୍ଞ ସଦସ୍ୟ, ଅମୀୟ ମିଶ୍ର- ପ୍ରବାସୀ ଓଡ଼ିଶା ବିଶେଷଜ୍ଞ ସଦସ୍ୟ, ଅତନୁ ସବ୍ୟସାଚୀ ନାୟକ- ସଦସ୍ୟ, ଅଚ୍ୟୁତାନନ୍ଦ ସାମନ୍ତ- ସଦସ୍ୟ, ଅରୁଣ କୁମାର ସାହୁ- ସଦସ୍ୟ, ସଂତୃପ୍ତ ମିଶ୍ର- ସଦସ୍ୟ, ସଞ୍ଜୟ କୁମାର ଦାସବର୍ମା- ସଦସ୍ୟ, ସ୍ନେହାଙ୍ଗିନୀ ଛୁରିଆ- ସଦସ୍ୟ, ସୁଶାନ୍ତ ସିଂ- ସଦସ୍ୟ, କ୍ୟାପଟ୍ଟେନ ଦିବ୍ୟ ଶଙ୍କର ମିଶ୍ର- ସଦସ୍ୟ, ଶ୍ରୀମୟୀ ଶ୍ୱେତାସ୍ମିଣ୍ଟା ମିଶ୍ର- ସଦସ୍ୟ, ଚିନ୍ମୟ ସାହୁ- ସଦସ୍ୟ, ଚିରଞ୍ଜୀବ ବିଶ୍ୱାଳ- ସଦସ୍ୟ, ସୁବାସ ସିଂ- ସଦସ୍ୟ, ବ୍ୟୋମକେଶ ରାୟ- ସଦସ୍ୟ, ଦେବୀ ରଞ୍ଜନ ତ୍ରିପାଠୀ- ସଦସ୍ୟ, ରମେଶ ଚନ୍ଦ୍ର ମାଝୀ- ସଦସ୍ୟ, ଦିଲୀପ ତିର୍କୀ- ସଦସ୍ୟ, ରବି ନାରାୟଣ ନନ୍ଦ- ସଦସ୍ୟ, ଅମରେଶ ପତ୍ରୀ- ସଦସ୍ୟ, ଏସ.କେ. ନିଜାମୁଦ୍ଦିନ- ସଦସ୍ୟ, ତନ୍ମୟ ସ୍ୱାଇଁ- ସଦସ୍ୟ, ଜୋତ୍ସ୍ନାରାଣୀ ପରିଡ଼ା- ସଦସ୍ୟ, ବିଷ୍ଣୁପ୍ରିୟା ଦାସ- ସଦସ୍ୟ, ସଞ୍ଜିତ ମହାନ୍ତି- ସଦସ୍ୟ, ପଙ୍କଜିନୀ ମଙ୍ଗରାଜ- ସଦସ୍ୟ, ମାମିନା ନାୟକ- ସଦସ୍ୟ, କିଶୋର ଦେବତା- ସଦସ୍ୟ, କମିଟିର ସଦସ୍ୟମାନେ ବିଭିନ୍ନ ବର୍ଗର ଲୋକ, ଅଞ୍ଚଳବାସୀ ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଜେଡିର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବେ ବୋଲି ଦଳ କହିଛି।

## ବାରଣାସୀରୁ ଲଢ଼ିବେ କିନ୍ନର ...

କରି ନଚେତ ବେଶ୍ୟାବୃତ୍ତି କରି ପେଟ ପୋଷୁଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର କିଛି କରି ନାହାନ୍ତି। ତେଣୁ କିନ୍ନର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି ହିମାଙ୍ଗି । ହିନ୍ଦୁ ମହାସଭା ଉତ୍ତରପ୍ରଦେଶ ଅଧକ୍ଷ ଋଷି କୁମାର ତ୍ରିବେଦୀ କହିଛନ୍ତି, ଗତ ବିଧାନସଭା ନିର୍ବାଚନ ବେଳେ ବି ଦଳ ତରଫରୁ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲା ଯାଇଥିଲା। ଏଥର ଲୋକସଭା ନିର୍ବାଚନ ପାଇଁ ବି ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ହିନ୍ଦୁ ଜନମାନସକୁ ଜାଗୃତ କରିବା ତାଙ୍କ ସଙ୍ଗଠନର ଲକ୍ଷ୍ୟ । ତାଙ୍କ ସଙ୍ଗଠନ ରାମ ଜନ୍ମ ଭୂମି ଆନ୍ଦୋଳନରେ ପ୍ରମୁଖ ଭୂମିକା ତୁଲାଇଥିଲା, କିନ୍ତୁ ବିଜେପି ସରକାର ତାଙ୍କ ସଙ୍ଗଠନକୁ ଏଥିରୁ ଦୂରେଇ ରଖିଲା ବୋଲି ଋଷି କୁମାର ତ୍ରିବେଦୀ କହିଛନ୍ତି। ଏଥିସହ ସେ କହିଛନ୍ତି, ହିମାଙ୍ଗି ସଖୀ ବାବା ବିଶ୍ୱନାଥଙ୍କ ଭକ୍ତ ହୋଇଥିବା ବେଳେ ସେ ନିଜେ ନିର୍ବାଚନ ଲଢ଼ିବା ପାଇଁ ଇଚ୍ଛୁକ ଥିଲେ। ଆଗାମୀ ୧୨ ତାରିଖରେ ସେ ବାରଣାସୀରେ ପହଞ୍ଚି ବାବାଙ୍କ ଆଶିର୍ବାଦ ନେବେ । ଏହାପରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ।

## ଗ୍ରହଣ ହେଲାନି ରାମଦେବଙ୍କ ...

ଉଭୟ ରାମଦେବ ଓ ବାଲକୃଷ୍ଣ । ମାତ୍ର ଏହାକୁ ଗ୍ରହଣ ନ କରି ଉଭୟଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ । ଏଥିସହ ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ ବି ଚେତାଇ ଦେଇଛନ୍ତି । ଆଜି ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବିଚାରପତି ହିମା କୋହଲି ଓ ଏ. ଅମାନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ଆମେ ଉଦାର ହୋଇ ପାରିବୁ ନାହିଁ । ଜାଣିଶୁଣି ତିନି ତିନି ଥର ଆମ ନିର୍ଦ୍ଦେଶକୁ ବେଖାତିର କରାଯାଇ ନିୟମକୁ ଉଲ୍ଲଙ୍ଘନ କରାଯାଇଛି। ତେଣୁ ଆମେ ଉଭୟଙ୍କ କ୍ଷମାକୁ ଗ୍ରହଣ କରିବୁ ନାହିଁ। ବିଚାରପତି କହିଛନ୍ତି, ଏହି ମାମଲା ନ୍ୟାୟଳୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଆଇନ ଖିଲାପକାରୀମାନେ ଆମ ନିକଟକୁ ନିଜ କ୍ଷମା ପ୍ରାର୍ଥନା ପତ୍ର ପଠାଇବାକୁ ଉଚିତ ମଣିଲେ ନାହିଁ। ସେମାନେ ପ୍ରଥମେ ଏହାକୁ ଗଣମାଧ୍ୟମ ନିକଟକୁ ପଠାଇଲେ। ଗତକାଲି ରାତି ସାଢେ ୭ଟା ପର୍ଯ୍ୟନ୍ତ ଏହା ଆମ ପାଇଁ ଅପଲୋଡ ହୋଇ ନ ଥିଲା। ତେଣୁ ସେମାନେ ପ୍ରକୃତରେ ପ୍ରଚାର ଉପରେ ବିଶ୍ୱାସ କରୁଛନ୍ତି। ଏଥିପାଇଁ ଉଭୟ କ୍ଷମା ପ୍ରାର୍ଥନା କରି ସାରିଥିବା ସେମାନଙ୍କ ଓକିଲ ମୁକୁଲ ରୋହତଗୀ କୋର୍ଟଙ୍କୁ ଅବଗତ କରାଇଥିଲେ। ଜାଣିଶୁଣି କୋର୍ଟର ଅବମାନନା କରାଯାଇଛି । ଆମେ ଏହାକୁ ହାଲକା ଭାବେ ଗ୍ରହଣ କରି ପାରିବୁନି। ଆମେ ଏହି ମାମଲାରେ ଅଧିକ ଉଦାର ହୋଇ ପାରିବୁନି। ଆମେ ଏହାକୁ ଅଗ୍ରାହ୍ୟ କରୁଛୁ କାରଣ ଏହା କେବଳ ଏକ କାଗଜ ଖଣ୍ଡ । ଆମେ ଅନ୍ଧ ନୁହଁ । ଆମକୁ ସବୁ ଦେଖାଯାଉଛି। ମୋ' ମହକିଲ ପେଶାଦାର ଅପରାଧୀ ନୁହନ୍ତି। ଲୋକଙ୍କ ଦ୍ୱାରା ତ୍ରୁଟି ହୋଇଥାଏ ବୋଲି ମୁକୁଲ ରୋହତଗୀ କହିଥିବା ବେଳେ ଏହି ମାମଲାରେ ଅଧିକ ଉଦାର ହେବାକୁ ଚାହୁଁନୁ । ଏହାର ପରିଣାମ ଭୋଗିବାକୁ ପ୍ରସ୍ତୁତ ରହିବାକୁ କହିଛନ୍ତି ସୁପ୍ରିମକୋର୍ଟ ।

## ବଟି ନ ଦେବାରୁ ଟ୍ରାକ୍ଟର ...

ବିଶ୍ୱଜିତଙ୍କୁ ମାଡ଼ ମାରିଥିଲେ। ଏହାପରେ ଜଣେ ଯୁବକ ହଠାତ୍ ବିଶ୍ୱଜିତଙ୍କ ଉପରକୁ ଗୁଳି କରି ଫେରାର ହୋଇ ଯାଇଥିଲେ। ବିଶ୍ୱଜିତଙ୍କୁ ପ୍ରଥମେ ଆଠଗଡ଼ ମେଡିକାଲକୁ ଅଣା ଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବିଶ୍ୱଜିତଙ୍କ ପେଟରେ ଗୁଳି ବାଜି ଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଡାକ୍ତର କହିଛନ୍ତି।

ଗୁରୁବାର, ଏପ୍ରିଲ ୧୧, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଷ୍ଟ୍ରଙ୍ଗରୁମରେ ପହଁଚିଲା ଇଭିଏମ ଓ ଭିଭିପ୍ୟାଟ: ୨୪ ଘଂଟିଆ ସୁରକ୍ଷା ସହ ସିସିଟିଭି ବ୍ୟବସ୍ଥା

ଭୁବନେଶ୍ୱର, ୧୦/୪ (ନି.ପ୍ର): ଚଳିତ ଏକକ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ,ଅବାଧ ଓ ନିରପେକ୍ଷ କରିବା ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଚିଛି। ନିର୍ବାଚନରେ ବ୍ୟବହାର ହେବାକୁ ଥିବା ଇଭିଏମ ଖୋର୍ଦ୍ଧାସ୍ଥିତ ପଣ୍ୟଗାରରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟସ୍ଥିତ ଷ୍ଟ୍ରଙ୍ଗରୁମରେ ପହଁଚିଛି । ଏହି ଇଭିଏମ ଗୁଡିକୁ କଡା ସୁରକ୍ଷା ମଧ୍ୟରେ ଏଠାକୁ ଅଣାଯାଇଛି। ଏହାକୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ସହ ସଶସ୍ତ୍ର ପୋଲିସ କର୍ମଚାରୀ ଷ୍ଟ୍ରଙ୍ଗରୁମ ସୁରକ୍ଷାରେ ମୃତୟନ ହୋଇଛନ୍ତି । ଏଥିସହ ସିସିଟିଭିର ମଧ୍ୟ ବ୍ୟବସ୍ଥା କରାଯାଇଛି । ପ୍ରଥମ ପର୍ଯ୍ୟାୟ ରାଣ୍ଡାମାଇଜେସନ ପରେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତର, ଭୁବନେଶ୍ୱର ଏକାମ୍ର ଏବଂ ଜଟଣୀ ନିର୍ବାଚନ ମଣ୍ଡଳୀ ପାଇଁ ଇଭିଏମ ଗୁଡିକୁ ଏଠାକୁ ଅଣାଯାଇଥିବା ନେଇ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଚଂଚଳ ରାଣା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଷଷ୍ଠ ପର୍ଯ୍ୟାୟ ଅର୍ଥାତ ମେ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ମୋଟ ୧୯୦୭ଟି ବୁଥ ଥିବାବେଳେ ୧୧୧- ଜୟଦେବ, ୧୧୨- ଭୁବନେଶ୍ୱର ମଧ୍ୟ, ୧୧୩- ଭୁବନେଶ୍ୱର ଉତର, ୧୧୪- ଭୁବନେଶ୍ୱର ଏକାମ୍ର, ୧୧୫- ଜଟଣୀ ନିର୍ବାଚନ ମଣ୍ଡଳୀ ପାଇଁ ୧୧୬୬ ଟି ମତଦାନ କେନ୍ଦ୍ର ରହିଛି। ଏହି ୧୧୬୬ଟି ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୬୫୮ଟି ଏବଂ ଗ୍ରାମାଞ୍ଚଳରେ ୫୦୮ଟି ବୁଥ ରହିଛି। ଇଭିଏମ ଓ ଭିଭିପ୍ୟାଟ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ୫ଟି ଫ୍ଲୋରରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ଦୁଇଟି ଲେଖାଏଁ ଷ୍ଟ୍ରଙ୍ଗ ରୁମ ବ୍ୟବସ୍ଥା ହୋଇଛି। ଗୋଟିଏ ଲୋକସଭା ଓ ଅନ୍ୟଟି ବିଧାନସଭା କ୍ଷେତ୍ର ପାଇଁ ଷ୍ଟ୍ରଙ୍ଗରୁମ ରହିଛି।

# ରେମୁଣା ବିଜେପିର ବିଶାଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ



ବାଲେଶ୍ୱର, ୧୦/୪ (ନି.ପ୍ର): ବୁଧବାର ସକାଳ ୧୧ ଘଟିକା ସମୟରେ ରେମୁଣା ବିଜେପି କାର୍ଯ୍ୟାଳୟ ବାଲିଆ ଠାରେ ବିଶାଳ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ରେମୁଣା ନିର୍ବାଚନ ମଣ୍ଡଳୀର ବିଧାନସଭା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ କର୍ମୀ ସମ୍ମିଳନୀରେ ସର୍ବପ୍ରଥମେ ବାଘାଯତୀନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର,ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ,ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ଲୋକସଭା ପ୍ରଭାରୀ ଆଶୁତୋଷ ପରିଡ଼ା, ଲୋକସଭା ସଂଯୋଜକ ଶୁଭଙ୍କର ମହାପାତ୍ର,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶ୍ୱୁରାମ ପରିଡ଼ା,ବିଧାନସଭା ପ୍ରଭାରୀ ଆଶିଷ ଘୋଷ,ଜିଲ୍ଲା ଉପସଭାପତି ମିନାକ୍ଷୀ ମହାପାତ୍ର,ଉପସଭାପତି କମଳା ବିନ୍ଧାଣି ,ଅନୁସୂଚିତ ଜନଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ବିପିନ ମାରାଣ୍ଡି,ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ସିପ୍ରାରେଖା ମହାପାତ୍ର, ମଣ୍ଡଳ ସଭାପତି ଯଥା କାହ୍ନୁ ଚରଣ ବେହେରା, ଭୋଳାନାଥ ପାତ୍ର,ମଳୟ କୁମାର ବିଶ୍ୱାଳ,ବିଭୂତି ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉଭୟ ସାଂସଦ ପ୍ରାର୍ଥୀ ଓ ରେମୁଣା ବିଧାନସଭା ପ୍ରାର୍ଥୀ ଙ୍କୁ ଦଳ ତରଫରୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା।ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ବିଭିନ୍ନ ଦଳରୁ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ସାଂସଦ ପ୍ରାର୍ଥୀ ଶ୍ରୀ ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଥିଲେ। ସେମାନଙ୍କୁ ଦଳୀୟ ଉତ୍ତୋରିୟ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ମିଶ୍ରଣ ପର୍ବରେ ମିଶିଥିବା ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତା ଯଥା କନିଷ୍କ ବୋଧିସତ୍ୱ ରାଜ୍ୟ ବିଜେଡି ଆବାହକ, ବିଶ୍ୱନାଥ ପଣ୍ଡା, ସହାର୍ଦ୍ଦା କୋଏଲ ଇଣ୍ଡିଆ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଅଂଶୁମାନ ପଣ୍ଡା (ପୂର୍ବତନ ରେମୁଣା ବ୍ଲକ ଚେୟାରମେନଙ୍କ ସୁପୁତ୍ର) ରେମୁଣା ବ୍ଲକ,ହେମନ୍ତ କୁମାର ଦାସ(ୱାର୍ଡ ସଭ୍ୟ କରଞ୍ଜିଆ) , ଜୟଶ୍ରୀ ଭୁଇ,ବନିତା ମହାଳିକ, ଦିପୁ ମହାଳିକ, ମାମା ଜେନା ଇତ୍ୟାଦି କରଞ୍ଜିଆ ପଞ୍ଚାୟତର ବିଜେଡି ଦଳ ପରିତ୍ୟାଗ କରି ଯୋଗ ଦେଇଥିଲେ। ଗେଙ୍ଗୁଟି ପଞ୍ଚାୟତର ବିଜେଡି ଦଳରୁ କିଶୋର କୁମାର ପରିଡ଼ା, ବୈଦ୍ୟନାଥ ବିନ୍ଧାଣି, ରତ୍ନାକର ଗାୟାନ (ରେମୁଣା ଏନଏସି କଂଗ୍ରେସ କାଉନସିଲର ପ୍ରାର୍ଥୀ), ପୂର୍ବତନ ସମିତି ସଭ୍ୟ କଂଗ୍ରେସ ହରି ସିଂ,ଭରତ ବେହେରା, ପ୍ରଶାନ୍ତ ବେହେରା, ବିଜୟ କୁମାର ଦାସ,ମନୋରଞ୍ଜନ ପରିଡା, ଶଶିକାନ୍ତ ପରିଡ଼ା, ଜଗନ୍ନାଥ ବେହେରା, କରୁଣାକର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ରାମେଶ୍ୱର ବେହେରା, ମାୟାଧର ମହାର୍ନା, ସରୋଜ ମହର୍ନା ,ସନ୍ତୋଷ ବଙ୍ଗାଳ ଜଗନ୍ନାଥ ମହାର୍ଣ୍ଣା, ଗୟାଧର ମହାର୍ଣ୍ଣା, କାର୍ତ୍ତିକ ମହାର୍ଣ୍ଣା, କାର୍ତ୍ତିକ ବେହେରା, ପ୍ରଭାକର ଦାସ, ଦୀନବନ୍ଧୁ ପରିଡ଼ା, କରୁଣା ସିଂ,ରବି ସିଂ, ସୋମନାଥ ସିଂ, ସେକ ରାଜା, ସଙ୍କୁରୁ ଦଳେଇ, ସେକ ସାଇଲ, ସୋମନାଥ ଦଳେଇ, କାର୍ତ୍ତିକ ଦାସ, ପ୍ରଭାକର ବେହେରା, ବଳରାମ ବେହେରା ଇତ୍ୟାଦି ୧୦୦ ରୁ ଉର୍ଦ୍ଧ ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତା ମିଶିଥିଲେ। ଏହି କାର୍ଯ୍ୟକ୍ରମରେ ରେମୁଣା ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ସମସ୍ତ ପଞ୍ଚାୟତ,ଘଇଉ ର ବିଭିନ୍ନ ପଞ୍ଚାୟତର ସରପଞ୍ଚ , କାଉନସିଲର,ସମିତି ସଭ୍ୟ,ୱାର୍ଡ ମେମ୍ବର, କାଉନସିଲର,ବିଭିନ୍ନ ସୋସାଇଟିର ସଭାପତି,ମତ୍ସ୍ୟ ଯିବି ସଂଘର ସଭାପତି ଏବଂ ବୁଥ ସ୍ତର ପର୍ଯ୍ୟନ୍ତ ଚାରି ହଜାରରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସାଂସଦ ପ୍ରାର୍ଥୀ ଶ୍ରୀଯୁକ୍ତ ଷଡ଼ଙ୍ଗୀ ,ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ଦାସ ଓ ଅନ୍ୟାନ୍ୟ ମଞ୍ଚାସିନ ଅତିଥି ବୃନ୍ଦ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କୁ ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ଗଢ଼ିବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ଚାରି ନମ୍ବର ୱାର୍ଡର କାଉନସିଲର ଶିବଶଙ୍କର ରୟ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଆଇନ୍ ସ୍ୱାକ୍ଷରତା କାର୍ଯ୍ୟକ୍ରମ




ଭଦ୍ରକ, ୧୦/୪ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଆଇନ ସାକ୍ଷରତା ଶିବିର ଭଦ୍ରକ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଏହି ଆଇନ ସାକ୍ଷରତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହିଳାମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବାପାଇଁ ଉପଲବ୍ଧ ଆଇନଗତ ବ୍ୟବସ୍ଥା ଓ ତାହାର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବରେ ସୂଚନା ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ତାପସ କୁମାର ମହାନ୍ତି, ଆଇନସେବା ପ୍ରତିପକ୍ଷ ଅଧିବକ୍ତା, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱପ୍ରିତୀକର ଓ ଅଧାପିକା ପୁଷ୍ପଲତା ଧଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷକରି ସୁପ୍ରିମ କୋର୍ଟର ଜଜମେଣ୍ଟ ସବୁ ଆଲୋଚନା କରାଯାଇଥିଲା ଓ ଉପସ୍ଥିତ ଥିବା ସମସ୍ତ ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇନ୍‌ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଓ ମହିଳା ମହାବିଦ୍ୟାଳୟର ଏନ୍.ସି.ସି. କେଡ଼େଟ୍ ଛାତ୍ର କର୍ମଚାରୀ ସହଯୋଗ କରିଥିଲେ।

# ଭାରସାମ୍ୟ ହରାଇ ଓଲଟିଲା ଆମ୍ବ ବୋଝେଇ ଟ୍ରକ୍ : ଦୁଇ ଗୁରୁତର

ବସ୍ତା, ୧୦/୪ (ନି.ପ୍ର): ୬୦ ନମ୍ବର ଜାତୀୟ ରାଜପଥର ରୂପସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱ କୁ ଓଲଟି ପଡ଼ିଛି ଆମ୍ବ ବୋଝେଇ ଟ୍ରକ୍ , ଘଟଣା ରେ ଦୁଇ ଜଣ ଗୁରୁତର । ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ବାଲେଶ୍ୱର ରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ଆମ୍ବ ବୋଝେଇ ଟ୍ରକ୍ ( କଇ ୦୭ଇ ୮୬୪୪ ) ମିରିଗି ମୁଣ୍ଡି ଛକ ନିକଟରେ ରାସ୍ତା କଡ ରେ ଥିବା ଡ୍ରେନ କୁ ଓଲଟି ପଡ଼ିଛି । ଗାଡ଼ିରେ ଥିବା ହେଲ୍ପର ଓ ଡ୍ରାଇଭର ଗୁରୁତର ଆହତ ହେଇଥିବାରୁ ଘଟଣା ସ୍ଥଳରେ ରୂପସା ପୋଲିସ ପହଞ୍ଚି ୧୦୮ ଜରିଆରେ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

# ବେଗୁନିଆ ଓ ଭଉଁରିଆବାଡ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ

ନିଳଗିରି , ୧୦/୪ (ନି.ପ୍ର): ନିଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ବିଜେପି ଦଳ ଛାଡି ବିଜେଡିରେ ଯୋଗଦାନ ପରେ ବିଭିନ୍ନ ପଞ୍ଚାୟତର ବିଜେଡି କର୍ମୀ ମାନେ ଶୁଭେଛାଜଣାଇଛନ୍ତି। ଏହି ଅବସରରେ ଆଜି ନିଳଗିରି ବ୍ଲକର ବେଗୁନିଆ ପଞ୍ଚାୟତରେ ନିଳଗିରି ବ୍ଲକର ପୂର୍ବତନ ଉପାଧକ୍ଷା ରମେଶ ମହାନ୍ତିଙ୍କ ନେତୃତରେ ଏକ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ ପଞ୍ଚାୟତରେ ଯୁବ ନେତା ସତ୍ୟ ବାରିକଙ୍କ ସହଯୋଗରେ ବହୁ କର୍ମୀ ଉପସ୍ଥିତ ଥିଲେ। ୨୦୨୪ନିର୍ବାଚନ ରେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ବେଳେ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନାକୁ ଘରେ ଘରେ ପହଞ୍ଚିବା ପାଇଁ କର୍ମୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଭାଉଁରିଆବାଡ ପଞ୍ଚାୟତରେ ଯୁବନେତା ତଥା ସରପଞ୍ଚ ସଞ୍ଜୟ ସିଂଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ଜଳଧର ନାୟକ ପ୍ରମୁଖ ସାମିଲ ରହି ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ନିର୍ବାଚିତ କରି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥି ସମାବେଶରେ ୧୮ଗୋଟି ୱାର୍ଡରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଜାତୀୟ ଯୁବ ଉତ୍ସବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ କୃତିତ୍ୱ




ବାରିପଦା , ୧୦/୪ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଛାତ୍ରୀ ସୁଶ୍ରୀ ବିଷ୍ଣୁପ୍ରିୟା ବେହେରା ଲୁଧିଆନାସ୍ଥିତ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ଉତ୍ସବ 'ହୁନର-୨୪' ରେ ମେହେନ୍ଦୀ କଳା ପ୍ରତିଯୋଗିତାରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଫେରି ଆସିଛନ୍ତି । ଏହି କୃତିତ୍ୱ ପାଇଁ ଆଜି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଷ୍ଣୁପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଶୀର୍ବାଦ କରିଥିଲେ । ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, ଛାତ୍ର ମଙ୍ଗଳ ଅଧିକାରୀ ପ୍ରଫେସର ମିନତୀ ମଲ୍ଲିକ, କୁଳସଚିବ ଶ୍ରୀ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶ୍ରୀ ଶୁକଦେବ ତରେଇ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ସେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଶର୍ମିଳା ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୂର୍ବାଞ୍ଚଳ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସର୍ବଭାରତୀୟ ସ୍ତରରେ ଭାଗ ନେବାପାଇଁ ବିଶ୍ୱବିଦ୍ୟାଳୟର ଅନ୍ୟ ଏକ ଛାତ୍ରୀ ସସ୍ମିତା ମହାନ୍ତ (ମଡେଲ୍ ପ୍ରତିଯୋଗିତା ନିମନ୍ତେ) ଓ ଅଧାପିକା ସୁଜାତା ମହାକୁଡ଼ଙ୍କ ସହ ଲୁଧିଆନା ଯାତ୍ରା କରିଥିଲେ । ବିଶ୍ୱବିଦ୍ୟାଳୟ ଛାତ୍ର ମଙ୍ଗଳ ଅଧିକାରୀ ପ୍ରଫେସର ମିନତୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ତିନି ସଦସ୍ୟ ବିଶିଷ୍ଟ କ୍ଷୁଦ୍ର ଦଳ ସାଂସ୍କୃତିକ ଶୋଭାଯାତ୍ରାରେ ଶ୍ରୀଜଗନ୍ନାଥଙ୍କ ପ୍ରତିମା ଧାରଣ କରି ଓଡ଼ିଶୀ ନୃତ୍ୟ ପରିବେଷଣ କରି ପଞ୍ଚମ ସ୍ଥାନ ଅଧିକାର କରିଥିଲେ । ଜାତୀୟ ସ୍ତରରେ ଏହି କୃତିତ୍ୱ ପାଇଁ ବିଶ୍ୱବିଦ୍ୟାଳୟରେ ଆନନ୍ଦର ଲହରୀ ଖେଳିଯାଇଛି । ଆରମ୍ଭରୁ ପଞ୍ଜୀକରଣ, ଯାତାୟତ ବ୍ୟବସ୍ଥା ଆଦି କାର୍ଯ୍ୟରେ ସହାୟତା କରିଥିବାରୁ ଡ. ମଲ୍ଲିକ ଅଧାପିକା ଶର୍ମିଳା ସୁବୁଦ୍ଧି ଓ ଅଣଶିକ୍ଷକ କର୍ମଚାରୀ ଶ୍ରୀ ଶିଲୁ ମାରାଣ୍ଡିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସାପ୍ତାହିକ ହାଟରୁ ବାଇକ ଚୋରି

ବେତନଟୀ, ୧୦/୪ (ନି.ପ୍ର): ବେତନଟୀ ଥାନା ଅଧୀନ ଭଦୁଶୋଳ ସାପ୍ତାହିକ ହାଟରୁ ଆଜି ଏକ ବାଇକ୍ ଚୋରି ହୋଇଛି। ଏତଲାକାରୀ ବାଲେଶ୍ୱର ଜିଲ୍ଲା ସଦରଥାନା ଅଧୀନ ବଡଡିହା ଗ୍ରାମର ମାନୋରଞ୍ଜନ ସିଂଙ୍କ ଅଭିଯୋଗ ମୁତାବକ ସେ ହାତୀକୋଟ ପଞ୍ଚାୟତ ଅଧୀନ ବାଲିପାଳ ଗ୍ରାମରେ ରହିଆସୁଥିବା ବେଳେ ଭଦୁଶୋଳ ସାପ୍ତାହିକ ହାଟକୁ ନିଜନାମରେ ପଞ୍ଜୀକୃତ ଓଡି-୦୧ଏବି-୯୫୧୩ ନମ୍ବର ବିଶିଷ୍ଟ ବାଇକ କୁ ନେଇ ପନିପରିବା କିଣିବାକୁ ଯାଇଥିଲେ । ଗାଡି ହ୍ୟାଣ୍ଡେଲଲକ୍ କରି ହାଟରୁ କିଣାକିଣି ସାରି ଫେରିବାପରେ ଆଉ ବାଇକକୁ ଖୋଜି ପାଇନଥିଲେ। ବହୁ ଖୋଜାଖୋଜି ସତ୍ତ୍ୱେ ନମିଳିବାରୁ ଶେଷରେ ନିରାଶ ହୋଇ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ବେତନଟୀ ପୁଲିସ ୧୨୪/୨୪ ନମ୍ବରରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ ଅଭିଯୋଗ: ମାମଲା ରୁଜୁ

ବେତନଟୀ , ୧୦/୪ (ନି.ପ୍ର): ବେତନଟୀ ଥାନା ଅଧୀନ ଆମ୍ବୁଲକଟା ଗ୍ରାମର ପୂର୍ବ ଶତୃତା କୁ କେନ୍ଦ୍ର କରି ତାଙ୍କ ପଡୋଶୀ ଜଣେ ମହିଳାଙ୍କୁ ଆକ୍ରମଣ କରିଥିବାର ଆଜି ବେତନଟୀ ଥାନା ରେ ଲିଖିତ ଅଭିଯୋଗ ହୋଇଅଛି। ଏହି ଅଭିଯୋଗକୁ ଭିତ୍ତି କରି ବେତନଟୀ ପୁଲିସ ୧୨୨/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଘଟଣାରୁ ପ୍ରକାଶ ଏହି ଗ୍ରାମର ମଦନ ସିଂ ଙ୍କ ପତ୍ନୀ ଭବି ସିଂ କୁ ସେହି ଗ୍ରାମର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରବି ସିଂ ଲୁହା ଛଡ଼ରେ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ବବି ସିଂ ଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ପିଆରେମ ମେଡିକାଲ କଲେଜରେ ଚିକିତ୍ସା ହେଉଥିବା ବେଳେ ରବି ସିଂ କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ କୁ ପଠାଇ ଦିଆଯାଇଛି ।

# ୧୩ ପରେ ୩ରୁ ୪ ଡିଗ୍ରୀ ବଢିବ ତାପମାତ୍ରା

ଭୁବନେଶ୍ୱର, ୧୦/୪ (ନି.ପ୍ର): ୧୩ ତାରିଖ ପରଠାରୁ ବଢିବ ତାତି। ୩ ରୁ ୪ ଡ଼ିଗ୍ରୀ ଯାଏଁ ତାପମାତ୍ରା ବଢିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୨ ତାରିଖ ଯାଏଁ ତାପମାତ୍ରା ରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। କିନ୍ତୁ ୧୩ ତାରିଖ ପରଠାରୁ ପରବର୍ତୀ ୨ଦିନ ମଧ୍ୟରେ ରାଜ୍ୟରେ ପଶ୍ଚିମ ତଥା ଉତରପଶ୍ଚିମ ଦିଗରୁ ଶୁଷ୍କ ବାୟୁ ର ପ୍ରଭାବ ବୃଦ୍ଧି ସହ ପୁଣି ଦିନ ତାପମାତ୍ରାରେ ୩ ରୁ ୪ ଡ଼ିଗ୍ରୀ ଯାଏଁ ବୃଦ୍ଧି ସମ୍ଭାବନା ରହିଛି।

# ଉପାନ୍ତ ଅଂଚଳରେ ଚୋରା ମଦର ବନ୍ୟା: ବିଭାଗୀୟ ଉଦାସୀନତା ଯୋଗୁଁ ବହୁ ପୁରୁଣା ବ୍ୟବସାୟୀ ସକ୍ରୀୟ

ଜଳେଶ୍ୱର, ୧୦/୪ (ନି.ପ୍ର): ପଶ୍ଚିମବଂଗର ବିଭିନ୍ନ ଅଂଚଳରୁ ଦେଶୀ ଓ ବିଦେଶୀ ଚୋରାମଦ ଉପାନ୍ତ ଓଡିଶାକୁ ପ୍ରତିଦିନ ପ୍ରବେଶ କରୁଛି । ନିର୍ବାଚନ ପରିପ୍ରେକ୍ଷୀରେ କେତେକ ପୁରୁଣା ବ୍ୟବସାୟୀ ସକ୍ରୀୟ ହୋଇ ମଦକାରବାର ଦୁଇଗୁଣ କରିଛନ୍ତି । ଏହି ସବୁ ମଦ ଗ୍ରାମାଞ୍ଚଳ ରାସ୍ତାଦେଇ ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, କମର୍ଦ୍ଦା, ବସ୍ତା, ସିଂଲା, ରାଇବଣିଆ, ମେରାଇନ୍ ଥାନା ଅଂଚଳକୁ ପ୍ରବେଶ କରି ଖୁଲମଖୁଲା ବିକ୍ରି ହେଉଥିବା ଜଣାଯାଇଛି । ପଶ୍ଚିମବଂଗର ଗୋକୁଣ୍ଡି, ଧୋବାଗୋବିନ୍ଦପୁର, ନୟାଗ୍ରାମ, ଖଡିକା, ଦାନ୍ତୁନ, ମୋହନପୁର, ଏଗ୍ରା, କଣ୍ଟା. ଦୀଘା ଲଲାକାରେ ଥିବା ଦେଶୀ ଚୋରା ଭାଟିରୁ ପ୍ରତିଦିନ ଉପାନ୍ତ ଓଡିଶାକୁ ଚୋରାମଦ ଚାଲାଣ ହେଉଛି । ବିଶେଷକରି ରାଜଘାଟ, ଜଳେଶ୍ୱର ସହର ଓ ସହରତଳି, ଶାସନବାର୍ଡ, ନହଞ୍ଜରା, ଡିଙ୍ଗାଶୋଳ, ନାମ୍ପୋ, ଗୋବରଘଟା, ଲକ୍ଷ୍ମଣନାଥ, ଶିଖରପୁର, କୋବାଡିଆ, ବଳରାମପୁର, ନଛିମପୁର, ଗୁରୁଦାସପୁର, କନକାଇ, ଶାଳବଣୀ, ମାକିଡିଆ, ତେନ୍ତୁଳିଆ, ରାଇବଣିଆ, ଖୁଆଡ, ସର୍ଦ୍ଧାରବନ୍ଧ ଅଂଚଳରେ ଥିବା ଚୋଟବଡ ଦୋକାନରେ ପଶ୍ଚିମବଂଗମାର୍କା ଚୋରାମଦ ବିକ୍ରି ହେଉଛି । ଏହା ବ୍ୟତିତ ନହରା, କମର୍ଦ୍ଦା, ବାଉଁଶଡିହା, ବାଟଗ୍ରାମ, ଦେଉଳାହାଟ, ଥାନାଛକ, ଭୋଗରାଇ, ଚୌକି, ଜଗନ୍ନାଥପୁର, କାନ୍ଥିଭଉଁରୀ, ଶ୍ରଦ୍ଧାପୁର, ତାଳସାରୀ, ଉଦୟପୁର, ସାହାବାଜିପୁର, ନରସିଂହପୁର ଅଂଚଳରେ ମଧ୍ୟ ଏପରି ମଦ ବିକ୍ରି ହୋଇ ଆସୁଛି । ନିର୍ବାଚନ ପରିପ୍ରେକ୍ଷୀରେ ବହୁ ପୁରୁଣା ବ୍ୟବସାୟୀ ଏବେ ସକ୍ରୀୟ ହୋଇଉଠିଛନ୍ତି । ସେମାନଙ୍କ ଜରିଆରେ ବ୍ୟାପକ ଚୋରାମଦ କାରବାର ହେଉଥିଲେ ମଧ୍ୟ ବିଭାଗୀୟ କେତେକ କର୍ମଚାରୀ ଏହାକୁ ଗୁରୁତ୍ୱ ଦେଉନାହାନ୍ତି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ଏହାକୁ ରୋକାଯିବା ସହିତ ବିଭିନ୍ନ ରାସ୍ତା ଦୁର୍ଘଟଣା, ଅପରାଧ, ଚୋରୀ ଇତ୍ୟାଦି ରୋକାଯାଇପରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ମିଳିତ ଅବକାରୀ ଚଢାଉ: ବିପୁଳ ପରିମାଣର ଦେଶୀମଦ ସହ ୨ଟି ଫୋର ହୁଇଲର ଜବତ, ୨ ଗିରଫ




ନୀଳଗିରି , ୧୦/୪ (ନି.ପ୍ର): ନିର୍ବାଚନକୁ ଆଖି ଆଗରେ ରଖି ବାଲେଶ୍ୱର ଅବକାରୀ ଅଧିକ୍ଷକ ସୁଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶରେ ନୀଳଗିରି ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ଚଢାଉ କରାଯାଇଥିଲା।ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ସ୍କାର୍ଡ, ଆରଟିଓ ବାଲେଶ୍ୱର, ସେଟେଲାଇଟ୍ ୟୁନିଟ ଜଳେଶ୍ୱର, ନୀଳଗିରି ଅବକାରୀ ବିଭାଗ ଏବଂ ନୀଳଗିରି ପୋଲିସର ମିଳିତ ଚଢ଼ାଉରେ ବଡଧରଣର ସଫଳତା ମିଳିଛି। ବୁଧବାର ପ୍ରତ୍ୟୁଷରୁ ଏହି ମିଳିତ ଚଢ଼ାଉ କରାଯାଇଥିଲା। ଭ୍ରାମ୍ୟମାଣ ସ୍କାର୍ଡ ପୋଡ଼ାଶୂଳ ଛକ ନିକଟରୁ ଗୋଟିଏ ଚାରିଚକିଆ ପିକଅପ୍ , ୧୧୦୦ଲିଟର ଦେଶୀ ମଦ ସହ ପୋଡ଼ାଶୂଳ ଅଞ୍ଚଳର ବଳରାମ ବିଶ୍ୱାଳ ନାମକ ଆସାମୀକୁ ଗିରଫ କରିଛି। ସେହିଭଳି ନୀଳଗିରି ଅବକାରୀ ବିଭାଗ ସିଆଡିମାଳ ଛକ ନିକଟରୁ ଗୋଟିଏ ଟାଟା ଇଣ୍ଡିଗୋ କାର, ୫୫୦ଲିଟର ଦେଶୀମଦ ଜବଦ କରିଥିବା ବେଳେ ଆସାମୀ ଫେରାର ହେବାରେ ସଫଳ ହୋଇଛି। ଅନୁରୂପ ଭାବେ ଖନ୍ତାପଡ଼ା ଥାନା ଛତ୍ରପୁର ଅଞ୍ଚଳରୁ ୫୫୦ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ଆସାମୀ ତୁଷାରକାନ୍ତ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଉଭୟ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତେବେ ବିଶେଷ ସୂତ୍ରରୁ ଖବରପାଇ ପୋଡ଼ାଶୂଳ ଅଞ୍ଚଳରେ ଚଢାଉ କରି ବିଭିନ୍ନ ମଦ ତିଆରି ସାମଗ୍ରୀ ଜବତ କରାଯାଇଥିବା ବେଳେ ମୁଖ୍ୟ ଆସାମୀ ଖସିଯିବାରେ ସମର୍ଥ ହୋଇଛି। ଏହି ଚଢ଼ାଉରେ ଅବକାରୀ ଉପ ଅଧିକ୍ଷକ ସି. ଏଚ୍, ତିରୁପତି, ଅବକାରୀ ନିରୀକ୍ଷକ ସଂଜିତ୍ ବାର୍ଲ୍ଲା, ନୀଳଗିରି ରେଞ୍ଜ ନିରୀକ୍ଷକ କେଶବ ଚନ୍ଦ୍ର ଦାସ, ଏସ ଆଇ ଭକ୍ତ ଚରଣ ସ୍ୱାଇଁ, ନୀଳଗିରି ଅବକାରୀ ଓଆଇସି ଜଗବନ୍ଧୁ ବେହେରା, ମଙ୍ଗଳ ସିଂ, ଜୟମାଧବ ଦାସପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo